• ୭୪ଶ ଜନ୍ମଦବସର ଅଭିନନ୍ଦନ •

• ଶିଶୁମାନଙ୍କର ଶ୍ରଦ୍ଧା-ଭକ୍ତିପୂତ ମାଲ୍ୟୋପହାର •



# ଉତ୍କଳ ପ୍ରସଙ୍ଗ

ନଭେମ୍ବର, କାର୍ତ୍ତିକ,



# ଓଡ଼ିଶାରେ
# ବ୍ରିଟିଶ ହାଇକମିଶନର
# ସାର୍ ପଲ୍ ଗୋର ବୁଥ୍

( ମଲାଟର ୩ୟ ପୃଷ୍ଠା ମଧ୍ୟ ଦେଖନ୍ତୁ )

ନଭେମ୍ବର ୩ ତାରିଖ ଦିନ ଭାରତର ବ୍ରିଟିଶ ହାଇକମିଶନର ସାର୍ ପଲ୍ ଗୋର ବୁଥ ଭୁବନେଶ୍ୱରସ୍ଥ କଳାମଣ୍ଡପଠାରେ ଭାରତୀୟ ସରକାରୀ ପ୍ରଶାସନ ପ୍ରତିଷ୍ଠାନର ବୈଠକରେ ଭାଷଣ ଦେଉଛନ୍ତି ।

ଚିତ୍ରରେ—(ବାମରୁ ଡାହାଣକୁ)—ସାର୍ ପଲ୍ ଗୋର ବୁଥ, ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ର, ଶ୍ରୀମତୀ ଗୋର ବୁଥ ଓ ଓଡ଼ିଶାର ସ୍ୱରାଷ୍ଟ୍ର ବିଭାଗ ସେକ୍ରେଟେରୀ ଶ୍ରୀ ଭେଙ୍କଟରମଣ



ଲିଙ୍ଗରାଜ ମନ୍ଦିର ସମୀପରେ ସାର୍ ଓ ଶ୍ରୀମତୀ ପଲ୍ ଗୋର୍ ବୁଥ



ନଭେମ୍ବର ମାସରେ ହୋଇଥିବା ମିଳିତ ବିମାନ ଚାଳନା 'ଶିକ୍ଷା'ରେ ଜନଦେଖା ଲଢ଼ୁଆ ବିମାନର ସାମରିକ ଗତି କୌଶଳ ପ୍ରଦର୍ଶନ ।
(୫୩ ପୃଷ୍ଠା ଦେଖନ୍ତୁ)

## ଉତ୍ତର ସୀମାନ୍ତରେ ମିଳିତ ବିମାନ ଚାଳନା ଅଭ୍ୟାସ—'ଶିକ୍ଷା'

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକଳାପ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ-ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟକୁ ସଂକ୍ଷିପ୍ତ ଆକାରରେ ବି ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେ ଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳପାଠ ବୋଲି ଗ୍ରହଣ କରିବା ଉଚିତ ନୁହେଁ ।

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ପ୍ରକାଶନ—ପ୍ରତ୍ୟେକ ମାସର ୧୫ ତାରିଖ

ଅସ୍ଥାୟୀ ସଂପାଦକ—ଶ୍ରୀ ମାୟାଧର ମିଶ୍ର, ବି-ଏ,
ଆଡ଼ିସନାଲ ପ୍ରଡକ୍‌ସନ୍ ଅଫିସର

ମୂଲ୍ୟ—ବାର୍ଷିକ ଟ ୨.୦୦,
ପ୍ରତିସଂଖ୍ୟା ଟ ୦.୧୬

ପ୍ରକାଶକ—ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ, ଓଡ଼ିଶା
ଟେଲିଗ୍ରାମ—ପବ୍ଲିସିଟି ଟେଲିଫୋନ୍—ପି. ବି. ଏକ୍ସ.
ସେକ୍ରେଟେରିଏଟ ୧୯ ଓ ୨,

ଏ ସଂଖ୍ୟାର ଆକର୍ଷଣ :—

୧ । ଆଜିର ସଂକଳ୍ପ ... ... ୧
୨ । ଓଡ଼ିଶାରେ ଗଞ୍ଜାସୂତିଶିଳ୍ପ ... ୪
୩ । ସ୍ୱାଧୀନତା ସୁରକ୍ଷା କ୍ଷେତ୍ରରେ ସଂହତି ୮
୪ । ଶିଶୁ-କଲ୍ୟାଣ ... ... ୧୧
୫ । ଏ ମାସର କୃଷିକାମ ... ... ୧୪
୬ । ବେତାର ଶ୍ରୋତା-ମଣ୍ଡଳୀ ... ୧୬
୭ । ଭାରତରେ ଉଦ୍‌ବାସ୍ତୁ-ସମସ୍ୟା ... ୧୯
୮ । ଘଟଣାପଞ୍ଜି ... ... ୨୧
୯ । ଆମ ରାଜ୍ୟ ... ... ୨୬
୧୦ । ଜାଣନ୍ତି କି ? ... ... ୪୦
୧୧ । ଢୋଲ ଭିତରେ ପୋଲ ... ୪୯
୧୨ । ସଭିଏଁ ଆଜି ସୈନିକ... ... ୫୧
୧୩ । ଆପଣଙ୍କ ପାଇଁ ସମ୍ବାଦ ... ୫୨

ମୁଦ୍ରାକର
ପଣ୍ଡିତ ଅନସୂୟା ପ୍ରସାଦ ପାଠକ
ସ୍ୱଚ୍ଛକଳା ସମବାୟ ପ୍ରେସ, କଟକ

ଶ୍ରେଷ୍ଠ ଜନନାୟକ ଜବାହରଲାଲ୍ ନେହରୁ ଏବେ ବି ୭୫ ବର୍ଷ ବୟସରେ ଆମର ସମସ୍ୟା ସମ୍ପର୍କରେ ଗଭୀର ଚିନ୍ତା କରୁଛନ୍ତି, ତାହା ଏହି ସଂଗୃହୀତ ଉକ୍ତିମାଳାରୁ ଜଣାପଡ଼େ ।

— ସମ୍ପାଦକ

# ଆଜି ମନେ ପଡ଼େ

# ଭାରତ ପ୍ରତିବାଣୀ



"ସବୁପ୍ରକାର ଉନ୍ନୟନ କାର୍ଯ୍ୟର ମୂଳଭିତ୍ତି ହେଉଛି କୃଷି । ଯଦି ଆମେ କୃଷିକାର୍ଯ୍ୟରେ ହାରିଯାଉଁ; ଆମର ଯେତେ କାରଖାନା ବା ବଢି ଥିଲେ ବି କାର୍ଯ୍ୟରେ ଆସିବ ନାହିଁ ।"



"କେତେକ ପରିମାଣରେ ମୋର ଉପରୁ ମନେ ହେଉଛି ଯେ, ଶାସନକଳର ସବୁ ଅଙ୍ଗଗୁଡ଼ିକ ଯଥୋଚିତ ଭାବରେ କାର୍ଯ୍ୟ କରିପାରୁ ନାହାନ୍ତି ।"



"ଜାତୀୟ ଏକତା ଆଣିବା ଦିଗରେ ଆମ ଲୋକନୃତ୍ୟଗୁଡ଼ିକର ଯଥେଷ୍ଟ ଭୂମିକା ରହିଛି ।"



"ମୋର ଆଶଂକା ହୁଏ ଯେ ମନ୍ତ୍ରୀମାନେ ବେଳେବେଳେ ରାଜନୀତିରେ ଏତେ ବେଶୀ ଲିପ୍ତ ରହୁଛନ୍ତି ଯେ, ଶାସନ ପରିଚାଳନା ପ୍ରତି ସେମାନେ ଖୁବ୍ କମ୍ ସମୟ ଦେଉଛନ୍ତି । ଏହା ବଡ଼ ଦୁର୍ଭାଗ୍ୟର କଥା ।"



"ଆମେ ସମସ୍ତେ ଖୁବ୍ ବଡ଼ ବଡ଼ କଥା କହୁଛୁ, କିନ୍ତୁ ଅସଲ କଥା ହେଉଛି ଯେ, ଆମେ ପୁରୁଣା ଜମିଦାରୀ-ମନୋବୃତ୍ତି ପ୍ରବୃତ୍ତି ଛାଡ଼ି ପାରିନାହୁଁ ।"

ଗା
ଣୀ
ମ
ନ୍ତ୍ରୀ
ଷା

ତା
ଙ୍କ



"ଜଣେ ବିଦେଶୀ ପର୍ଯ୍ୟବେକ୍ଷକ କହନ୍ତି—ଭାରତରେ ସବୁଠାରୁ ବଡ଼ ଶିଳ୍ପ ହେଉଛି ସରକାରଙ୍କ ଉତ୍କଟ ସମାଲୋଚନା କରିବା । କିନ୍ତୁ ଗଣତନ୍ତ୍ରରେ ବିଶ୍ୱାସ କରିବାକୁ ହେଲେ ଏସବୁ ସମାଲୋଚନା ହଜମ କରି ଆଗେଇଯିବାକୁ ହେବ ।"



"ମୋର ମନେ ହୁଏ ଯେ, ମୋଟ ଉପରେ ଆମେ ଭଲ ଯୋଜନା କରୁଁ, ଆଉ ମଧ୍ୟ ମୁଁ ଭାବୁଛି ଯେ ମୋଟ ଉପରେ ଆମେ ସେଗୁଡ଼ିକୁ ଭଲଭାବରେ କାର୍ଯ୍ୟକାରୀ କରିପାରୁନାହିଁ ।"

ମ
ତ



"ମନୁଷ୍ୟ-ଜାତି ହିଁ ଜର୍ମାନୀ, ଜାପାନ ଓ ରୁଷିଆକୁ ଧ୍ୱଂସ କରିଥିଲା; ପୁଣି ଯୁଦ୍ଧ ପରେ ସେହି ମନୁଷ୍ୟ ଜାତି ହିଁ ସେଗୁଡ଼ିକୁ ପୁନର୍ଗଠିତ କରିଛି ।"



"ଆପଣମାନେ ଦେଖିଥିବେ ଯେ, ଏପରି କି ସୋଭିଏଟ୍ ୟୁନିୟନ ଭଳି ଖୁବ୍ ଉନ୍ନତ ଦେଶରେ ମଧ୍ୟ ଫସଲ ମାଡ଼ ଖାଇଯାଇଛି; ଯାହା ଫଳରେ କି ତାକୁ ବହୁ ପରିମାଣରେ ଖାଦ୍ୟଶସ୍ୟ ଆମଦାନୀ କରିବାକୁ ପଡ଼ୁଛି ।"

ଯା
ହା



"କୃଷି-ଉତ୍ପାଦନରେ ସାମାନ୍ୟ ବୃଦ୍ଧି ଘଟିଲେ ମୁଦ୍ରାସ୍ଫୀତି ଅଙ୍କ ଉପରେ ତାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ ।"

● ●

# ଏ ସଂଖ୍ୟାର ମଲାଟ —



## ★ ପ୍ରଥମ ମଲାଟ —

ପରିଚୟ ଅନାବଶ୍ୟକ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହରୁଙ୍କୁ ୧୯୬୩ ନଭେମ୍ବର ୧୪ ତାରିଖଠାରୁ ୭୫ ବର୍ଷ ପୂରିଲା । ତାଙ୍କର ୭୫ଶ ତମ ଜନ୍ମ-ଦିବସରେ "ଉତ୍କଳ ପ୍ରସଙ୍ଗ" ତାଙ୍କର ଦୀର୍ଘଜୀବନ କାମନା କରିବା ସଙ୍ଗେ ସଙ୍ଗେ ଭକ୍ତିପୂତ ଶୁଭେଚ୍ଛା ଜ୍ଞାପନ କରୁଛି ।



ଶିଶୁପ୍ରେମୀ ନେହରୁଙ୍କ ଜନ୍ମ ଦିବସକୁ ଏ ଜାତି "ଶିଶୁ-କଲ୍ୟାଣ" ପାଇଁ ଉତ୍ସର୍ଗ କରିଛି । ଏ ବର୍ଷ ଶିଶୁ-ଦିବସରେ ନୂଆଦିଲ୍ଲୀର କେତେକ ଶିଶୁ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଇ ସେଠାରେ ତାଙ୍କର ପୂଜ୍ୟ ନେତାଙ୍କୁ ଜନ୍ମ-ଦିବସର ମାଲ୍ୟୋପହାର ଅର୍ପଣ କରୁଥିବା ଚିତ୍ର ମଲାଟରେ ଦିଆଯାଇଛି ।

●

## ★ ପଛପଟ ମଲାଟ—

### ଓଡ଼ିଶାରେ ଋଷର ପ୍ରଥମ ମହିଳା ମହାକାଶଯାତ୍ରୀ

ନଭେମ୍ବର ୧୨ ତାରିଖରେ ଋଷର ୩ ଜଣ ମହାକାଶଯାତ୍ରୀ ଓଡ଼ିଶା ଭ୍ରମଣରେ ଆସୁଛନ୍ତି । ସେମାନେ ଭୁବନେଶ୍ୱର, କଟକ ଓ କୋଣାର୍କ ପରିଦର୍ଶନରେ ଯିବେ ବୋଲି ସେସବୁ ସ୍ଥାନର ଲୋକେ ସେମାନଙ୍କର ଅଭିନନ୍ଦନ ପାଇଁ ଆୟୋଜନ କରୁଛନ୍ତି । ସେମାନଙ୍କ ପରିଦର୍ଶନ ବୃତ୍ତାନ୍ତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ ।

ଚିତ୍ରରେ (ଉପର ଧାଡ଼ି—ବାମରୁ ଡାହାଣକୁ)—ମେଜର ନିକୋଲାୟେଭ, ଶ୍ରୀମତୀ ଭାଲେଣ୍ଟିନା ଟେରେସ୍କୋଭା ନିକୋଲାୟେଭ ଓ ମେଜର ବାଇକୋଭସ୍କି ।

ତଳ ଧାଡ଼ିରେ—ମହାକାଶଯାତ୍ରା-ଉପଯୋଗୀ ଶିରସ୍ତ୍ରାଣ-ପରିହିତ ଶ୍ରୀମତୀ ଭାଲେଣ୍ଟିନା ଓ ମେଜର ବାଇକୋଭସ୍କି

ଜାତୀୟ ଏକତା ଦିବସରେ
ମୁଖ୍ୟମନ୍ତ୍ରୀଙ୍କ ବେତାର ଭାଷଣ

# ଆଜିର ସଂକଳ୍ପ

[ ଆଜି ଅକ୍ଟୋବର ୨୦ ତାରିଖ । ଗତବର୍ଷ ଏହି ଦିନର ସ୍ମୃତି ଏ ଜାତି ଭୁଲିବ କି ଭୁଲି ପାରିବନି । ସେଦିନର ଚୀନା ଆକ୍ରମଣ ଏ ଜାତିକୁ ଦେଇଯାଇଛି ଏକତାର ମନ୍ତ୍ର, ଯାହାକି ଧର୍ମ ଜାତି ଅର୍ଥନୈତିକ ବିଭେଦ ସତ୍ତ୍ୱେ ଏକତାବଦ୍ଧ ହୋଇ ରହିବା ଲାଗି ସମଗ୍ର ଜାତିର ସଂକଳ୍ପକୁ ଦୃଢ଼ କରିଛି । ଏହି ଉପଲକ୍ଷେ ଓଡ଼ିଶାର ଜନନେତା ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ର ଏକତାର ସଂକଳ୍ପ ନେଇ କଟକ ଆକାଶବାଣୀ କେନ୍ଦ୍ରରୁ ଦେଶର ଲୋକମାନଙ୍କ ଉଦ୍ଦେଶ୍ୟରେ ଯେଉଁ ବେତାର-ବାର୍ତ୍ତା ଦେଇଥିଲେ ତାହାର ମର୍ମାନୁବାଦ ନିମ୍ନରେ ଦିଆଗଲା । ]



ଆଜି ଅକ୍ଟୋବର ୨୦ତାରିଖରେ ସାରା ଦେଶରେ 'ଏକତା ଦିବସ' ପାଳନ କରାଯାଉଛି । ସଂଗ୍ରାମ ଯେତେ କଠୋର୍ ଓ ଦୀର୍ଘସ୍ଥାୟୀ ହେଉ ପଛକେ, ଯେତେ ବଡ଼ ତ୍ୟାଗ କରିବାକୁ ପଡ଼ୁ ପଛକେ ସବୁମତେ ନିଜ ମାତୃଭୂମିର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଏ ଜାତି ଯେଉଁ ଅଟଳ ସଂକଳ୍ପ ନେଇଛି, ସେଥିରେ ଆଜ ଆସ୍ଥା ଜ୍ଞାପନ କରୁଛନ୍ତି—ଭାରତ-ମାତାର ଗୌରବାନ୍ୱିତ ପ୍ରତ୍ୟେକ ପୁତ୍ରକନ୍ୟା ।

ଠିକ୍ ଏକ ବର୍ଷପୂର୍ବେ ୧୯୬୨ ଅକ୍ଟୋବର ୨୦ତାରିଖ ଦିନ ଭାରତ ଚୀନର ଜଘନ୍ୟ ବିଶ୍ୱାସ-ଘାତକତାର ସମ୍ମୁଖୀନ ହୋଇଥିଲା । ପରମ ବନ୍ଧୁଭାବାପନ୍ନ ଓ ଶାନ୍ତିକାମୀ ଏ ଜାତି ଉପରେ ଚୀନ୍ ବିନା କାରଣରେ ଯେଉଁ ଉଲଗ୍ନ ଆକ୍ରମଣ ଚଳାଇଲା, ତାହା ସାରା ପୃଥିବୀକୁ ଚକିତ କରିଦେଇଥିଲା । ପୃଥିବୀର ବୃହତ୍ତମ ଗଣତନ୍ତ୍ର ଉପରେ ଏହା ଥିଲା ଏକ ନିର୍ମମ ଆଘାତ । ସାହସ ଓ ଦୃଢ଼ସଂକଳ୍ପର ସହିତ ଆମକୁ ଏହି ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଜରୁରୀକାଳୀନ ପରିସ୍ଥିତି ଯୋଗୁଁ ଭାରତରେ ଯୁଦ୍ଧ-ପ୍ରସ୍ତୁତିର ବେଗ କ୍ଷିପ୍ରତର ହୋଇ-

ଉଠିବ । ଫଳତଃ ଏହି ବର୍ଷକର ଜରୁରୀ ପରିସ୍ଥିତି ମଧ୍ୟରେ ଶତକର ସମଗ୍ର ଶ୍ରେଷ୍ଠ ଚମତ୍କାର ଫଳ ହାସଲ କରିପାରିଛୁ । ବର୍ଷକ ପୂର୍ବେ ଭାରତ ଯାହା ଥିଲା, ଆଜି ଆଉ ସେ ସେଇଆ ହୋଇ ରହିନାହିଁ । ଆମେ ଏକ ସଂକଟକାଳୀନ ଅବସ୍ଥାରେ ଗତ କରୁଛୁ—ଏଇ ଅନୁଭୂତ ଆଜ ଘୃଣା ଓ ଦେଶର ଶୋଷଣ ଧାରଗୁଡ଼ିକୁ ବହୁଡ଼ା କରିଦେଇଛୁ ଓ ଜାଣିଶୁ ଏକତାର ବଜାଣ ଖଟାଇଛୁ । ଆଜ କାଶ୍ମୀରଠାରୁ କୁମାରିକାପାର୍ଶ୍ୱ—ଦ୍ୱାରକାଠାରୁ ବ୍ରହ୍ମପୁତ୍ରପାର୍ଶ୍ୱ ସମଗ୍ର ଭାରତର ଷାଠିକୋଟି ଜନତା ଯୁଗଯୁଗର ଜାତି, ବର୍ଣ୍ଣ, ବେଶ ଓ ଧର୍ମ ପ୍ରସୂତ ଭେଦ-ବାଡ଼ର ଗଣ୍ଡି ଅତିକ୍ରମ କରି ଏକ ହୋଇସାରିଛୁ । ସାହସ ଓ ସଂଗଠନର ଉତ୍କର୍ଷ ତାର ଏକତାକୁ ମହନୀୟ କରୁଛି ।

'ରକ୍ତ ବଦଳରେ ରକ୍ତ'—ଏଇ ଡାକ ଆଜ ଆମେ ଶୁଣୁଛୁ । 'ଜୀବନ ବଦଳରେ ଜୀବନ'—ଏଇ ଡାକ ଆଜ ସବୁରି କାନରେ ବାଜୁଛି । ଆମର ଲୋକଶକ୍ତି ଓ ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇ ରହିଛି—ସଶସ୍ତ୍ର ସଂଘର୍ଷ ଉପୁଜିଲେ ତାର ପ୍ରତିଘାତ କରିବା ପାଇଁ ।

ସଂସାର ଭୁଲି ନ ଯାଉ, ବିଶେଷ କରି ଚୀନାମାନେ ଭୁଲିଯାଆନ୍ତୁ ନାହିଁ ଯେ ଆମେ କେବେହେଲେ ଗୋଟାଏ ଆକ୍ରମଣକାରୀ ଜାତି ହୋଇନାହୁଁ । ଆଜି ସେଇଥିପାଇଁ ସାରା ମାନବଜାତିର ଆଶୀର୍ବାଦ ନିଶ୍ଚୟ ଆମ ପକ୍ଷରେ ରହିବ ଓ ଆମ୍ଭମାନଙ୍କୁ ଚରମ ବିଜୟ ବାଟରେ ଚଳାଇ ନେବ । ଆମେ ସିନା ଚାହୁଁଥିଲୁଁ ପୃଥିବୀରେ ଶାନ୍ତି ରହୁ—ମାନବଜାତି ପାଇଁ, ସମୃଦ୍ଧି ପାଇଁ । କିନ୍ତୁ କେହି କେବେହେଲେ ନିଜର ସମ୍ମାନ ବଦଳରେ ଶାନ୍ତି କାମନା କରି ନ ପାରେ । କାରଣ ତାହା ତ ଭୀରୁତା, ଦୁର୍ବଳତା । ଏ ଦେଶ ଭାରତ—ଯେ କି ବହୁ ଶତାବ୍ଦୀର ଆଘାତ ସହିଛି, ଶହ ଶହ ବର୍ଷର ଉତ୍ଥାନ ପତନ ଅଙ୍ଗେ ନିଭେଇ ମଧ୍ୟ ତିଷ୍ଠି ରହିଛି । ଭାରତର ଜଣେକ ଅମର-ସନ୍ତାନ ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ କହିବାକୁ ଗଲେ—ଏଇ ସେହି ଦେଶ, ଯେ କି ନିଜର ଅମର ଶକ୍ତି ଓ ଅବିନାଶୀ ଜୀବନ ନେଇ ବିଶ୍ୱର ଯେକୌଣସି ପର୍ବତ ଅପେକ୍ଷା ମଧ୍ୟ ଅଧିକ ଅଟଳ ଭାବରେ ତିଷ୍ଠି ରହିଛି । ଭାରତର ପ୍ରାଣଶକ୍ତି ଓ ଆତ୍ମା ଏକ-ପ୍ରକାରର—ଅନାଦି, ଅନନ୍ତ । ଭାରତ ଅମର । ଆମେ ଏହିଭଳି ଗୋଟିଏ ଦେଶର ସନ୍ତାନ ବୋଲି ଗର୍ବ କରୁଁ । ଯେପର୍ଯ୍ୟନ୍ତ ଭାରତର ପୁଣ୍ୟଭୂମି ମୁକ୍ତ ନ ହୋଇଛି, ଯେପର୍ଯ୍ୟନ୍ତ ଭାରତର ସ୍ୱାଧୀନତା ପ୍ରସୂନ ନିରଙ୍କୁଶ ନ ହୋଇଛି ଓ ଭାରତ-ମାତାର ଜୀବନର ଅମରତ୍ୱ ପୃଥିବୀ ଥରେ ଇତିହାସ ସ୍ୱୀକାର ନ କରିଛି, ସେ ପର୍ଯ୍ୟନ୍ତ ଆମର ବିଶ୍ରାମ ନାହିଁ ।

ସଙ୍କଟକାଳୀନ ବର୍ଷଟି ଅତି ଦୁଃଖଯନ୍ତ୍ରଣା ଓ ବାଦ-ବିସମ୍ବାଦ ମଧ୍ୟରେ କଟିଯାଇଛି । ଚୀନ ଯେଉଁ ଶାନ୍ତି-ଶର ପ୍ରୟୋଗ କଲା, ତାହା ବର୍ଷକ ପୂର୍ବର ତାଙ୍କ ସଶସ୍ତ୍ର ଆକ୍ରମଣ ଅପେକ୍ଷା ଆହୁରି ବଞ୍ଚନାମୂଳକ ଓ ଓ ବିପଦସଂକୁଳ ବୋଲି ପ୍ରମାଣିତ ହୋଇଛି । ଭାରତ ବର୍ତ୍ତମାନ ଯୁଦ୍ଧ ଓ ଶାନ୍ତିର ମଧ୍ୟବର୍ତ୍ତୀ ଗୋଟାଏ ଉତ୍କଟ ସଂଶୟ ଦୋଳାରେ ଦୋଦୁଲ୍ୟମାନ । ଏଥିର ଗୋଟାଏ ଶାନ୍ତିପୂର୍ଣ୍ଣ ନିଷ୍ପତ୍ତି କରିବା ପାଇଁ ବନ୍ଧୁ ରାଷ୍ଟ୍ରମାନେ ତାଙ୍କର ଯଥାଶକ୍ତି ଉଦ୍ୟମ ଚଳାଇଛନ୍ତି । କିନ୍ତୁ କଥା ହେଉଛି ଯେ ଭାରତୀୟ ଲୋକେ 'କଲମ୍ବୋ-ପ୍ରସ୍ତାବକୁ' ପୂରାପୂରି ଗ୍ରହଣ କରିନେଇଥିବା କଥା ସେମାନଙ୍କ ପାର୍ଲାମେଣ୍ଟରେ ଘୋଷଣା କରିଥିବା ସତ୍ତ୍ୱେ ଚୀନ ଏପଟ ସେପଟ କରୁଛି । ଚୀନର ମନ ଭିତରେ କ ମତଲବ ଅଛି, ତାହା ବର୍ତ୍ତମାନ ଅବସ୍ଥାରେ କେହି କହିପାରିବେ ନାହିଁ । ଏହି ଅବ୍ୟବସ୍ଥିତ ଅବସ୍ଥା ହୁଏତ ଦୀର୍ଘକାଳଧରି ରହିପାରେ ଏବଂ ହଠାତ୍ ଚୀନ ପୁଣି ଶତ୍ରୁତା ଆରମ୍ଭ କରିଦେଇ ଏହି ଅବସ୍ଥାକୁ ବଦଳି

ହୋଇପାରେ । ତେଣୁ ପ୍ରତ୍ୟେକ ଭାରତୀୟଙ୍କୁ ସଚେତନ ରହିବାକୁ ପଡ଼ିବ । ଭାରତମାତାର ପ୍ରତ୍ୟେକ ସନ୍ତାନ—ସେ କ୍ଷେତରେ କାମ କରୁଥାନ୍ତୁ ବା କାରଖାନାରେ ଥାନ୍ତୁ, ସୈନିକ ହୋଇଥାନ୍ତୁ ବା ଅଫିସ କର୍ମଚାରୀ ହୋଇଥାନ୍ତୁ, ଛାତ୍ର ବା ଶିକ୍ଷକ ଯାହା ହୋଇଥାନ୍ତୁ ସେ ତେବେ ତାଙ୍କୁ ଆମ ପୁଣ୍ୟ ମାତୃଭୂମିର ତଥା କଷ୍ଟଲବ୍ଧ ସ୍ୱାଧୀନତାର ଜଣେ ଜଣେ ସାହସୀ ଓ ଅତନ୍ଦ୍ର ରକ୍ଷକରୂପେ କାର୍ଯ୍ୟ କରିବାକୁ ପଡ଼ିବ । ସଦା ସତର୍କତା ହିଁ ସ୍ୱାଧୀନତାର ମୂଲ୍ୟ ହୁଏ, ତେବେ ଆମର ଦେଶ ସାଧାରଣତନ୍ତ୍ର ପ୍ରତି ଆସୁଥିବା ଆହ୍ୱାନର—ତା' ଯେଉଁ ଦିଗରୁ ଯେଉଁ ଆକାରରେ ଆସୁ ନା କାହିଁକି—ମୁକାବିଲା କରିବା ପାଇଁ ସମଗ୍ର ଜାତିକୁ ଜାଗ୍ରତ ଥାଇ ରହିବାକୁ ପଡ଼ିବ ।

"ସ୍ୱାଧୀନତା ପ୍ରତି ବିପଦ ଆସିଛି; ନିଜର ସବୁ ଶକ୍ତି ଖଟାଇ ତାହାକୁ ରକ୍ଷା କରନ୍ତୁ"—ଯେତେବେଳେ ଆମର ପୂଜ୍ୟ ପ୍ରଧାନମନ୍ତ୍ରୀ ସାରା ଜାତିକୁ ଏଇ ଡାକ ଦେଲେ, ସେତେବେଳେ ଭାରତର ୫୫କୋଟି ଲୋକ ଏକସ୍ୱରରେ ତା'ର ପ୍ରତ୍ୟୁତ୍ତର ଦେଇ ତାଙ୍କ ପ୍ରିୟ ନେତାଙ୍କ ପଛରେ ଏକଜୁଟ ହୋଇଥିଲେ । ଗଣତାନ୍ତ୍ରିକ ଭାରତରେ ଏପରି ସ୍ୱତଃସ୍ଫୂର୍ତ୍ତ ବିପୁଳ ସମର୍ଥନ ଓ ଏକତା ଦେଖି ସାରା ଜଗତ ଚକିତ ହୋଇଯାଇଥିଲା । ଅନ୍ୟ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରର ଇତିହାସରେ ଏଭଳି କେବେହେଲେ ଘଟିନାହିଁ । ଗଣତାନ୍ତ୍ରିକ ରାଷ୍ଟ୍ରରେ କେବଳ ସମଷ୍ଟିଗତ ବିବେଚନା-ବୁଦ୍ଧିର ବିକାଶ ଫଳରେ ହିଁ ଦାୟିତ୍ୱ ବଣ୍ଟନ ଓ ଆନୁଗତ୍ୟ ହାସଲ ଦିଗରେ କାର୍ଯ୍ୟ ହୋଇଥାଏ । ସ୍ୱାଧୀନତା ଲାଭ ପରେ ଭାରତ ଏହି ସମଷ୍ଟିଗତ ବିବେଚନା-ଶକ୍ତିର ବିକାଶ ଘଟାଇଛି । ଏହା ଆମ ରାଷ୍ଟ୍ର-ଶକ୍ତିର ଗୋଟିଏ ବଡ଼ ଲକ୍ଷଣ । ଆମକୁ ଏହି ସମଷ୍ଟିଗତ ଶ୍ରଦ୍ଧାଶୀଳ, ସମବାୟମୂଳକ ଉଦ୍ୟମ ଓ ଜାତୀୟ ଏକତା ଅକ୍ଷୁଣ୍ଣ ରଖିବାକୁ ପଡ଼ିବ ।

ଆମେ ସମସ୍ତେ ବୁଝିରଖିବା ଉଚିତ ଯେ କେବଳ ବିଦେଶୀ ଶାସନର ଲୋପ ହୋଇଗଲେ ତାହାକୁ ସ୍ୱାଧୀନତା କୁହାଯାଏ ନାହିଁ । ପ୍ରକୃତ ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିକୁ ଗୋଟିଏ ସମୃଦ୍ଧ, ସବଳ ଓ ପରିପୂର୍ଣ୍ଣ ଜୀବନ ଦିଏ ଏବଂ ତାହାକୁ ସ୍ଥାୟୀ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଥାଏ । ଆମ୍ଭେମାନେ ଏହି ପ୍ରକୃତ ସ୍ୱାଧୀନତା ହାସଲ କରିବା ପାଇଁ କଠୋର ଉଦ୍ୟମ କରିଆସିଥାଉଁ । ଏହି ସଂଗ୍ରାମର ବିରାମ ନାହିଁ । ଯଦି କୌଣସି ଜାତି ତାର ସ୍ୱାଧୀନତାରେ ଅଯଥା ଆତ୍ମ-ସନ୍ତୋଷ ପ୍ରକାଶ କରେ, ତେବେ କୌଣସି ନା କୌଣସି ପ୍ରକାରେ ସେ ସେ ତାହା ହରାଇ ବସିବ—ଏ କଥା ନିଶ୍ଚିତ ।

ସ୍ୱଜାତି-ଚିନ୍ତନର ଜଣେ ପ୍ରବୀଣ ପଣ୍ଡିତ ଥରେ କହିଥିଲେ ଯେ ସ୍ୱାଧୀନତା ଓ ଏକତା ପରସ୍ପର ଏପରି ଓତପ୍ରୋତଃଭାବରେ ଜଡ଼ିତ ଯେ ଗୋଟିକ ବିହୁନେ ଆମେ ଅନ୍ୟଟି ପାଇପାରିବା ନାହିଁ । ସ୍ୱାଧୀନତା ନ ଥାଇ କେବଳ ଏକତାର କିଛି ଅର୍ଥ ହୁଏନା; ସେହିପରି ଏକତା ନ ଥିଲେ ସ୍ୱାଧୀନତାର ପ୍ରସାର ବା ସୁରକ୍ଷା ମଧ୍ୟ ହୋଇ ନ ପାରେ । ଏକମାତ୍ର ଏଇ ସର୍ବଶ୍ରେଷ୍ଠ ବାର୍ତ୍ତାଟିକୁ ଆମେ ପ୍ରତ୍ୟେକେ ମନେ ରଖିବା ଆବଶ୍ୟକ । କାନକୁ କାନ ମିଳାଇ ଏକଜୁଟ ହେବା, ଭାରତର ମୁକ୍ତି-ଧ୍ୱଜାକୁ ଟେକିରଖି ଆଗକୁ ମାଡ଼ିଯିବା ଆମ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।

ସ୍ୱାମୀ ବିବେକାନନ୍ଦଙ୍କ ଶାଶ୍ୱତ ବାଣୀ ଉଦ୍ଧାର କରି ମୁଁ ମୋର ବକ୍ତବ୍ୟ ଶେଷ କରିବି । ଚିକାଗୋ ଧର୍ମମହାସଭାରେ ସ୍ୱାମୀଜୀ କହିଥିଲେ, "ଭାରତୀୟ ଜାତିକୁ ମାରିହେବ ନାହିଁ । ଏ ଜାତି ମୃତ୍ୟୁଞ୍ଜୟୀ । ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ଭାରତର ସେହି ଆମର ଆତ୍ମା ରହିଥିବ, ସେ ପର୍ଯ୍ୟନ୍ତ ଭାରତର ଲୋକେ

( ୬ ପୃଷ୍ଠା ଦେଖନ୍ତୁ )

# ଓଡ଼ିଶାରେ ପଞ୍ଚାୟତିରାଜର··

# ....ଉଲ୍ଲେଖଯୋଗ୍ୟ ଭୂମିକା

[ ଗତ ଅକ୍ଟୋବର ୨ ତାରିଖରେ ଭୁବନେଶ୍ୱରସ୍ଥ ଅବଦାଣୀ ପଡ଼ିଆରେ ଓଡ଼ିଶାର ଯେଉଁ କୃଶ ପଞ୍ଚାୟତ, ମହିଳା ସମିତି ଓ ଯୁବସଂଘ ପୁରସ୍କାର ପାଇଥିଲେ, ସେମାନଙ୍କର ନାମ ଗତ ସଂଖ୍ୟା "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶ ପାଇଥିଲା । ସେମାନଙ୍କୁ ପୁରସ୍କାର ପ୍ରଦାନ କରି ଓଡ଼ିଶାର ରାଜ୍ୟପାଳ ଡଃ ଘୋଷାଲ ଯେଉଁ ଭାଷଣ ଦେଇଥିଲେ ତାର ସାର ମର୍ମ ନିମ୍ନରେ ଦିଆଗଲା ] ।

ସମ୍ପାଦକ

× × ×

ଗାନ୍ଧିଜୀ ବୁଝିପାରିଥିଲେ ଯେ ଭାରତର ପ୍ରକୃତ ହୃଦୟ ହେଉଛି ତାହାର ୫୬୭,୩୫୧ ଗୋଟି ଗ୍ରାମ— ସହର ନୁହେଁ । ତେଣୁ ଦେଶର ଜନସାଧାରଣଙ୍କୁ ନିବେଦନ କଲାବେଳେ ସେ ଏହି ହୃଦୟକୁ ହିଁ ସ୍ପର୍ଶ କରିଥିଲେ ଓ ଭାରତର ଆତ୍ମାକୁ ଜାଗରିତ କରିଥିଲେ । ସାଧାରଣ ଗ୍ରାମବାସୀର ନିରାଡ଼ମ୍ବର ଜୀବନ ସହିତ ସେ ନିଜକୁ ମିଶାଇ ଦେଇଥିଲେ । ଗ୍ରାମ ତଥା ଗ୍ରାମର ସାଧାରଣ ଲୋକଙ୍କର ଉନ୍ନତି ନ ହେଲେ ଦେଶର କୌଣସି ଅଗ୍ରଗତି ସାଧିତ ହୋଇ ପାରିବ ନାହିଁ ବୋଲି ତାଙ୍କର ଦୃଢ଼ବିଶ୍ୱାସ ଜନ୍ମିଥିଲା ।

ଗ୍ରାମ ଉନ୍ନୟନ ଜରିଆରେ ଜାତିର ଉନ୍ନତିବିଧାନ କରିବାର ଯେଉଁ ଲକ୍ଷ୍ୟ ରହିଥିଲା, ତାହା ବର୍ତ୍ତମାନ ପଞ୍ଚାୟତିରାଜ ସଂସ୍ଥା ଜରିଆରେ ସାଧିତ ହେଉଛି ।

ଓଡ଼ିଶାରେ ବର୍ତ୍ତମାନ ପଞ୍ଚାୟତିରାଜ କାର୍ଯ୍ୟକାରୀ ହେଉଛି । ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ଏବଂ ପଞ୍ଚାୟତି ଅନୁଷ୍ଠାନଗୁଡ଼ିକ କ୍ରମେ ବଳଲାଭ କରୁଛନ୍ତି । ଏହି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସକ୍ରିୟ ଭାବରେ ପ୍ରବର୍ତ୍ତନ କରିବା ପାଇଁ ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳରେ ଶିଳ୍ପ ପ୍ରସାର ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନାନୁଯାୟୀ ରାଜ୍ୟରେ ଥିବା ୩୦୭ଟି ଉନ୍ନୟନ ବ୍ଲକ ମଧ୍ୟରୁ ପ୍ରତ୍ୟେକରେ ଗୋଟିଏ ଉଚ୍ଚ ବୈଷୟିକ ସ୍କୁଲ ସହ ଗୋଟିଏ ଲେଖାଏଁ ବ୍ଲକ କାରଖାନା ସ୍ଥାପନ କରାଯିବ । ଏହି କାରଖାନା ସ୍କୁଲର ଛାତ୍ରମାନଙ୍କୁ ବ୍ୟାବହାରିକ ଶିକ୍ଷା (ତାଲିମ) ଦେବା ସଙ୍ଗେ ସଙ୍ଗେ ସ୍କୁଲ ପାଇଁ ଆଂଶିକ ସମସ୍ତ କାର୍ଯ୍ୟ କରିବାଲାଗି କର୍ମକ୍ଷେତ୍ର ମଧ୍ୟ ଯୋଗାଇଦେବ ଏବଂ ଅପର ପକ୍ଷରେ

ସ୍କୁଲ, କାରଖାନା ପାଇଁ କାରିଗର ଯୋଗାଇବା ସଙ୍ଗେ ସଙ୍ଗେ ଉଚ୍ଚ ଶ୍ରେଣୀ ବା ଶ୍ରେଣୀମାନଙ୍କରେ ପଢ଼ୁଥିବା ଛାତ୍ରମାନଙ୍କ ପାଇଁ ଉତ୍ପାଦନମୂଳକ ଶିକ୍ଷାକାର ବ୍ୟବସ୍ଥା ମଧ୍ୟ କରିବ । ଏହି ଯୋଜନାର ଏକ ଅଙ୍ଗ ସ୍ୱରୂପ ୨,୦୦୦ରୁ ଅଧିକ ପଞ୍ଚାୟତ-ଶିଳ୍ପ ପ୍ରତିଷ୍ଠା କରାଯିବ । ଏହିସବୁ କାରଖାନା ଓ ଶିଳ୍ପମାନେ ପରସ୍ପର ମିଳି, ପ୍ରତି ଉନ୍ନୟନ ବ୍ଲକର ଯେଉଁସବୁ ଯନ୍ତ୍ରପାତି ଓ ଉପକରଣ ଦରକାର ହେବ ସେଗୁଡ଼ିକ ତିଆରି କରିବେ ଏବଂ ମିଳିତ ଭାବରେ ବ୍ଲକ-ସମଷ୍ଟି ଓ ରାଜ୍ୟ ପାଇଁ ଆବଶ୍ୟକୀୟ ଉପକରଣ ତିଆରି କରିବେ ।

ଏହି ଯୋଜନାଟି ଯେପରି ସକ୍ରିୟଭାବେ ସ୍ୱାବଲମ୍ବୀ ହୋଇ କାର୍ଯ୍ୟକାରୀ କରିପାରିବ, ସେଥିପାଇଁ ଏକ ପୁରସ୍କାର ପ୍ରତିଯୋଗିତା-ଯୋଜନା ପ୍ରଣୟନ କରାଯାଇଛି । ଏହି ଯୋଜନାନୁସାରେ ନିର୍ଦ୍ଦିଷ୍ଟ ସ୍ୱଳ୍ପ-ମିଆଦ ଓ ଦୀର୍ଘ-ମିଆଦ ଲକ୍ଷ୍ୟ ହାସଲ କରିବା କ୍ଷେତ୍ରରେ ସମ୍ପାଦିତ ହୋଇଥିବା ଶ୍ରେଷ୍ଠ କାର୍ଯ୍ୟ ପାଇଁ ପୁରସ୍କାରମାନ ପ୍ରଦାନ କରାଯିବ । ଏହିସବୁ ପୁରସ୍କାର ପ୍ରତିବର୍ଷ ଦିଆଯିବ । ପଞ୍ଚାୟତ-ଶିଳ୍ପ ସ୍ଥାପନ ପାଇଁ ପ୍ରତି ଜିଲ୍ଲାରେ ସର୍ବୋତ୍କୃଷ୍ଟ ବିବେଚିତ ଦୁଇଟି ଲେଖାଏଁ ଗ୍ରାମପଞ୍ଚାୟତଙ୍କୁ ଏହି ପୁରସ୍କାର ଦିଆଯିବ । ଏଥିପାଇଁ ପ୍ରତ୍ୟେକ ଟ ୫୦,୦୦୦୲ ମୂଲ୍ୟର ମୋଟ ୧୭ଟି ପୁରସ୍କାର ଓ ପ୍ରତ୍ୟେକ ଟ ୨୫,୦୦୦୲ ମୂଲ୍ୟର ମୋଟ ୧୭ଟି ପୁରସ୍କାରର ବ୍ୟବସ୍ଥା କରାଯାଇଛି । ପଞ୍ଚାୟତ-ଶିଳ୍ପଗୁଡ଼ିକ ପ୍ରଧାନତଃ କୃଷିଜାତ ପଦାର୍ଥ-ଗୁଡ଼ିକୁ କମଣ କରିବା ଓ କାରିଗରମାନଙ୍କୁ ଉନ୍ନତ ନିର୍ମାଣ-କୌଶଳ ଶିକ୍ଷା ଦେବା ଏବଂ ଯନ୍ତ୍ରପାତି ଯୋଗାଇବା ଦିଗରେ ନିୟୋଜିତ ହେବେ ।

ପଞ୍ଚାୟତ ସମିତିର ସଦର ମହକୁମାରେ ଗୋଟିଏ ଲେଖାଏଁ ମଧ୍ୟମ ଧରଣର ଶିଳ୍ପ ସ୍ଥାପନ କରିବା ପାଇଁ ପ୍ରତିବର୍ଷ ପ୍ରତ୍ୟେକ ଏକ କୋଟି ଟଙ୍କା ମୂଲ୍ୟର ତିନୋଟି 'ପଞ୍ଚାୟତ ସମିତି ପୁରସ୍କାର' ପ୍ରଦାନ କରାଯିବ । ଏଥିସହ ବୁଝାମଣା ରହିବ ଯେ କେତେକ ନିର୍ଦ୍ଦିଷ୍ଟ ବର୍ଷ ପରେ ଏହି ପଞ୍ଚାୟତ ସମିତି ତାହାର ଶିଳ୍ପାନୁଷ୍ଠାନର ଲାଭରୁ ଆନୁଷଙ୍ଗିକ ଶିଳ୍ପମାନ ବସାଇବା ପାଇଁ ନିଶ୍ଚିତରୂପେ ପ୍ରାପ୍ୟ ୫ ଲକ୍ଷ ଟଙ୍କା ଦେବ ।

ଏହି ଅର୍ଥନୀତି କୃଷି ଓ ଶିଳ୍ପର ଏକ ମିଳିତ ଢାଞ୍ଚାରେ ଗଢ଼ାଯିବ ଏବଂ ବିଦ୍ୟୁତଶକ୍ତିଦ୍ୱାରା ଚାଳିତ ହେବ । ଏହା ଗ୍ରାମଗୁଡ଼ିକୁ ଓ ଗ୍ରାମଗୁଡ଼ିକର ଆଖପାଖରେ ଥିବା ଅଞ୍ଚଳମାନଙ୍କୁ କ୍ରମାନ୍ୱୟରେ ଆଧୁନିକ ଜୀବନର ସମସ୍ତ ପ୍ରକାର ସ୍ୱାଚ୍ଛନ୍ଦ୍ୟ ଓ ସୁବିଧା ଯୋଗାଇ ଦେବ । ଗ୍ରାମ ଛାଡ଼ି ଲୋକେ ବଡ଼ ବଡ଼ ସହରମାନଙ୍କୁ ଯେପରି ଚାଲିଯାଉଥିଲେ, ତାହା ଏହାଦ୍ୱାରା ବନ୍ଦ ହୋଇଯିବ । ଲୋକେ ଏପରି ଗାଁ ଛାଡ଼ି ଚାଲିଯିବାଦ୍ୱାରା ଗ୍ରାମର ଘରଗୁଡ଼ିକ ଭାଙ୍ଗି ଯାଉଥିଲା, ସହରମାନଙ୍କରେ କଦର୍ଯ୍ୟ ବସ୍ତି ଅଞ୍ଚଳ ବଢ଼ୁଥିଲା ଓ ସେଥିସହିତ ନାନାପ୍ରକାର ସାମାଜିକ ଅମଙ୍ଗଳ ଦେଖାଦେଉଥିଲା ଏବଂ ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଶ୍ରମିକ ସମସ୍ୟାମାନ ସୃଷ୍ଟି ହେଉଥିଲା ।

କୃଷି ଓ ଶିଳ୍ପର ମିଳିତ ଢାଞ୍ଚାରେ ଗଠିତ ଅର୍ଥନୀତିରେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଉଛି:—

(କ) ବୈଜ୍ଞାନିକ ପ୍ରଣାଳୀରେ ଚାଷ ଅଭ୍ୟାସ, ଜଳ-ସେଚନ, ବିଦ୍ୟୁତଶକ୍ତି, ସାର, ଉନ୍ନତ ବିହନ, କୀଟନାଶକ ଔଷଧ, ଗୋଦାମଘର ସୁବିଧାର ଉପଯୋଗ କରି କ୍ରମେ ଯାନ୍ତ୍ରିକ ଉପାୟରେ କୃଷି କାର୍ଯ୍ୟ କରିବା;

(ଖ) ବିଦ୍ୟୁତଶକ୍ତି ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଶିଳ୍ପ ସ୍ଥାପନ; ଏବଂ

(ଗ) ଶିଳ୍ପ ସ୍ଥାପନ ସଙ୍ଗେ ସଙ୍ଗେ ଆଧୁନିକ ଶିଳ୍ପ-କୌଶଳ ସମ୍ବନ୍ଧରେ ତାଲିମ ଦେବାର ବ୍ୟବସ୍ଥା କରିବା ଓ ତଦ୍ୱାରା ଗ୍ରାମ ଲୋକଙ୍କୁ ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଅଧିକ ଉନ୍ନତ ଧରଣର ଉତ୍ପାଦନ କରିବା ପାଇଁ କ୍ଷମ କରିବା; କୃଷିକାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କର ସଂଖ୍ୟା କମାଇ ଏହି ବଳକା ଶ୍ରମିକମାନଙ୍କୁ ଶିଳ୍ପ ଓ ଆନୁଷଙ୍ଗିକ ଧନ୍ଦାମାନଙ୍କରେ ନିୟୋଜିତ କରିବା ।

ଏସବୁ ବ୍ୟବସ୍ଥା ଫଳରେ କୃଷି-ଶିଳ୍ପ ଢାଞ୍ଚାର ଅର୍ଥଗତ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳ-ମାନଙ୍କରୁ ବେକାରି ଓ ଅର୍ଦ୍ଧ-ବେକାରି ସମସ୍ୟା କ୍ରମେ କ୍ରମେ ଲୋପ ପାଇଯିବ ।

ଗ୍ରାମାଞ୍ଚଳର ଏହି ମଧ୍ୟମ ଧରଣର ଶିଳ୍ପଗୁଡ଼ିକ ପ୍ରଥମେ କୃଷି ପାଇଁ ଓ କୃଷିଜାତ ଦ୍ରବ୍ୟ ନେବା-ଆଣିବା ପାଇଁ ଟ୍ରାକ୍ଟର, ଜଳସେଚନ ଓ ପାନୀୟ ଜଳଯୋଗାଣ ପାଇଁ ପମ୍ପ, ଗୋଡ଼ିଟ୍ରେଲର, ପାୱାର ସ୍ପ୍ରେୟର, ବଢ଼େଇର ଯନ୍ତ୍ରପାତି, କୃଷିଜାତ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦ୍ରବ୍ୟ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଇତ୍ୟାଦି ତିଆରି କରିବେ । ଯେଉଁ ଯେଉଁ ବ୍ଲକ ଅଞ୍ଚଳଗୁଡ଼ିକରେ ଏ ଶିଳ୍ପଗୁଡ଼ିକ ଅବସ୍ଥିତ, ସେହିସବୁ ବ୍ଲକର ଲୋକଙ୍କର ଓ ତା'ପରେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ପରେ ଏହି ମଧ୍ୟମ ଧରଣର ଶିଳ୍ପରେ ସିମେଣ୍ଟ, କାଗଜ, ସାର, ଲୁହା ଇତ୍ୟାଦି ମଧ୍ୟ ଉତ୍ପାଦିତ ହେବ ।

କାଳକ୍ରମେ ଏହି ଗ୍ରାମ୍ୟ ଶିଳ୍ପକେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନେକଗୁଡ଼ିଏ ଦ୍ରୁତ ବଡ଼ ବଡ଼ ଶିଳ୍ପସମୃଦ୍ଧ ସହରରେ ପରିଣତ ହୋଇ ପାରନ୍ତି । ଏହି ସ୍ଥାନମାନଙ୍କରେ ଉଚ୍ଚ ଶିଳ୍ପ-କୌଶଳ ଅନୁଷ୍ଠାନମାନ ସ୍ଥାପିତ ହୋଇପାରେ ଏବଂ ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଅଧିକତର ଉତ୍ପାଦନ କ୍ରମରେ ଯେଉଁ ବୈଜ୍ଞାନିକ ଓ ଯାନ୍ତ୍ରିକ ସାହାଯ୍ୟ ଦରକାର, ତାହା ମଧ୍ୟ ଏହିସବୁ କେନ୍ଦ୍ର-ମାନଙ୍କରୁ ମିଳିପାରେ । ଏହାଛଡ଼ା ଭାରତର ଅନ୍ୟାନ୍ୟ ରାଜ୍ୟରେ, ଏପରି କି ବିଦେଶ ବଜାରରେ ଆଦୃତ ହେଉଥିବା ନୂଆ ନୂଆ ଜିନିଷ ଏଠାରେ ଆବିଷ୍କୃତ ହୋଇପାରେ ଓ ନୂଆ ନୂଆ ଦ୍ରବ୍ୟମାନ ମଧ୍ୟ ଏସବୁ ଅଞ୍ଚଳରେ ଉତ୍ପାଦିତ ହୋଇପାରେ ।

ସଂକ୍ଷେପରେ କହିବାକୁ ଗଲେ ଏହାହିଁ ହେଉଛି ଯୋଜନାର ସ୍ରଷ୍ଟା ଶ୍ରୀ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ବିଷୟବସ୍ତୁ । ଯୋଜନାଟିରେ ଯେଉଁସବୁ ଉଚ୍ଚାଭିଳାଷ ବ୍ୟବସ୍ଥା ଅଛି, ତାହା ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ।

ପ୍ରଥମ ଗ୍ରାମପଞ୍ଚାୟତ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ୧୯୬୨ ଅକ୍ଟୋବର ୨ ତାରିଖ ଗାନ୍ଧୀଜୟନ୍ତୀ ଦିନ ଅନୁଷ୍ଠିତ ହୋଇଥିଲା ।

ଓଡ଼ିଶା ଅଗ୍ରଗତି କରି ଚାଲିଛି । ୧୯୪୮ ମସିହା ମେ' ମାସରେ ମହାନଦୀ-ଉପତ୍ୟକା ବିକାଶ ଯୋଜନା ଆରମ୍ଭ ହେଲା ଦିନଠାରୁ ଏବଂ ସିଲେରୁ ନଦୀ ଉପରେ ମାଛକୁଣ୍ଡ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜିନାମା ହେଲା ଦିନଠାରୁ ଏହି ଅଗ୍ରଗତିର ସୂତ୍ରପାତ ହୋଇଛି । ୧୯୫୫ ମସିହାରେ ମାଛକୁଣ୍ଡ ବନ୍ଧର କାର୍ଯ୍ୟ ଏବଂ ୧୯୫୬ ମସିହାରେ ମହାନଦୀ ଉପରେ ହୀରାକୁଦ ବନ୍ଧର କାର୍ଯ୍ୟ ଶେଷ ହେବାପରେ ଓଡ଼ିଶା ଅଗ୍ରଗତି-ପଥରେ କେତେଦୂର ଅଗ୍ରସର ହେବାର ଦେଖାଗଲା । ପରବର୍ତ୍ତୀ ବର୍ଷମାନଙ୍କରେ ଅନେକ-ଗୁଡ଼ିଏ ନୂଆ ନୂଆ ଶିଳ୍ପ ମୁଣ୍ଡଟେକି ଉଠିଲା । ଏଗୁଡ଼ିକ ମଧ୍ୟରେ ହୀରାକୁଦର ଆଲୁମିନିୟମ କାରଖାନା, ରାଉରକେଲାର ଇସ୍ପାତ୍ କାରଖାନା, ଜୋଡ଼ା ଓ ରାୟଗଡ଼ାଠାରେ ଫେରୋମାଙ୍ଗାନିଜ କାରଖାନା, ସିମେଣ୍ଟ କାରଖାନା, କାଗଜକଳ ପ୍ରଭୃତି

ଉଲ୍ଲେଖଯୋଗ୍ୟ । ଏହାପରେ ୧୯୬୧ରେ ପଞ୍ଚାୟତିରାଜର ପ୍ରବର୍ତ୍ତନ କରାଗଲା । ବୁର୍ଲା ଓ ରାଉରକେଲାଠାରେ ଇଞ୍ଜିନିୟରିଂ କଲେଜ ସ୍ଥାପନ କରାଗଲା ଏବଂ ପ୍ରାଥମିକ ଶିକ୍ଷା ଓ ଏକାନ୍ତ ଆବଶ୍ୟକୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦିଆଗଲା; କିନ୍ତୁ ଏସବୁ ସତ୍ତ୍ୱେ ଓଡ଼ିଶାରେ ସମଗ୍ର ଭାରତର ସମୁଦାୟ ଖଣିଜ-ସମ୍ପଦ ମଧ୍ୟରୁ ଶତକଡ଼ା ପ୍ରାୟ ୨୦ରୁ ୨୫ ଭାଗ ପର୍ଯ୍ୟନ୍ତ ଏବଂ ଜଳ-ସମ୍ପଦର ଏକ-ଦଶମାଂଶ ଥାଇ ମଧ୍ୟ ଏବଂ ବୃହତ୍ତମ ଜଙ୍ଗଲ ଅଞ୍ଚଳ ଓ ଆନୁମାନିକ ୨୫୦ ମାଇଲ ପରମିତ ସମୁଦ୍ର ଉପକୂଳ ଥାଇ ସୁଦ୍ଧା ଓଡ଼ିଶା ଏବେ ବି ଭାରତରେ ସବୁଠାରୁ ବେଶୀ ଦରିଦ୍ର ଓ ଅନୁନ୍ନତ ରାଜ୍ୟ ହୋଇ ରହିଛି । ସମଗ୍ର ଭାରତର ହାରାହାରି ମୁଣ୍ଡପିଛା ଆୟ ୩୩୦ ଟଙ୍କା ଥିବାସ୍ଥଳେ ୧୯୬୦-୬୧ରେ ଓଡ଼ିଶାର ମୁଣ୍ଡପିଛା ଆୟ ମାତ୍ର ୨୧୨ ଟଙ୍କା ଥିଲା । ଏଠାରେ କୃଷି ଖୁବ୍ ଅନୁନ୍ନତ । କୃଷି-ପ୍ରଣାଳୀ ପୁରୁଣାକାଳିଆ । ବୋଧହୁଏ ଏଠାରେ ସବୁଠାରୁ କମ୍ ଫସଲ ଅମଳ ହୁଏ । ଏଠାରେ ଏବେ ମଧ୍ୟ ବନ୍ୟା ଓ ମରୁଡ଼ି ଲାଗିରହିଛି । ପରିବହନ ଓ ବାଣିଜ୍ୟ ଦିଗରେ ବିଶେଷ ସୁବିଧା ନାହିଁ । କାରିଗରିଜ୍ଞାନସମ୍ପନ୍ନ ଲୋକ ବେଶି ନାହାନ୍ତି ଏବଂ ସମ୍ବଳଜ୍ଞାନ ସମ୍ବନ୍ଧରେ ଗବେଷଣା ଅଦୌ ନାହିଁ କହିଲେ ଚଳେ । ତେଣୁ ସମଗ୍ର ଭାରତ ମୋଟାମୋଟି ଯେଉଁ ଅବସ୍ଥାରେ ଅଛି, ସେହି ଅବସ୍ଥାରେ ଉପନୀତ ହେବା ପାଇଁ ଓଡ଼ିଶାକୁ ଦୀର୍ଘପଥ ଅତିକ୍ରମ କରିବାକୁ ହେବ ।

ଗତ ଦଶବର୍ଷ ମଧ୍ୟରେ, ବିଶେଷ କରି ଗତ ଦୁଇତିନି ବର୍ଷ ମଧ୍ୟରେ ଯେଉଁ ପରିମାଣରେ ବିକାଶ ସାଧିତ ହୋଇଛି, ସେଥିରୁ ପ୍ରମାଣିତ ହେଉଛି ଯେ ସୁଯୋଗ ଦିଆଗଲେ ଏବଂ କାର୍ଯ୍ୟ ସାଧନ କରିବା ପାଇଁ ଇଚ୍ଛା ଥିଲେ ଓଡ଼ିଶା ନିଶ୍ଚୟ ସେହି ଅବସ୍ଥାରେ ଉପନୀତ ହୋଇ ପାରିବ ।

●

---

( ୩ୟ ପୃଷ୍ଠାର ଅବଶିଷ୍ଟାଂଶ )

ନିଜ ନିଜର ଆଧ୍ୟାତ୍ମିକତା ତ୍ୟାଗ କରି ନ ଥିବେ, ସେ ପର୍ଯ୍ୟନ୍ତ ଭାରତ ମୃତ୍ୟୁଞ୍ଜୟ ହୋଇ ରହିଥିବ ।

ଆଜି ଏତିକି କହି ମୁଁ, ମୋର ଦେଶବାସୀମାନେ ଜାତିର ଏକତା ଓ ଶକ୍ତି ବୃଦ୍ଧି ନିମନ୍ତେ ଦୃଢ଼ନିଷ୍ଠା ସହକାରେ କାର୍ଯ୍ୟ କରିବା ପାଇଁ ଯେଉଁ ସଂକଳ୍ପ ନେଇଛନ୍ତି, ସେଥିରେ ଯୋଗ ଦେଇ ।

ଜୟ ହିନ୍ଦ୍

●

# ସ୍ୱାଧୀନତା ସୁରକ୍ଷା କ୍ଷେତ୍ରରେ ସଂହତି

## ଲେଖକ:—ବକ୍‌ସି ଗୁଲାମ ମହମ୍ମଦ

ସ୍ୱାଧୀନତା ଲାଭ ପରେ ୧୬ ବର୍ଷ ଅତୀତ ହେଲାଣି । ଏହି ୧୬ ବର୍ଷ ପ୍ରତି ସିଂହାବଲୋକନ କଲେ ବିପୁଳ ସମସ୍ୟା ଗୋଟିକ ପରେ ଗୋଟିଏ ଦୃଷ୍ଟିକୁ ଆସିଥାଏ । ସକଳ ଆଶା ଓ ଉଦ୍‌ବେଗ ସତ୍ତ୍ୱେ ଏହି କାଳ ମଧ୍ୟରେ ଆମର ଜାତୀୟ ମନୋବଳ ଓ ପ୍ରୟାସକୁ ସୁଦୃଢ କରିବା ପାଇଁ ଯଥେଷ୍ଟ ସୁଯୋଗ ମଧ୍ୟ ଆସିଛି । ବ୍ୟକ୍ତିଗତ ଓ ସାଂଗଠନିକ ଦୃଷ୍ଟିରୁ ଯାହା ଅଭାବ-ଅସୁବିଧା ଥାଉନା କାହିଁକି, ଏକ ଜାତି ହିସାବରେ ଆମର କାର୍ଯ୍ୟାବଳୀ ପାଇଁ ଗୌରବ ଅନୁଭବ କରିବାର ଯଥେଷ୍ଟ କାରଣ ରହିଛି ।

ଏହି ସମୟ ମଧ୍ୟରେ ଏକ ଔପନିବେଶିକ ଅର୍ଥନୀତିକୁ ଏକ ବିକାଶୋନ୍ମୁଖ, ସମାଜବାଦୀ ଅର୍ଥନୀତିରେ ରୂପାନ୍ତରିତ କରିବା କାମ ଆରମ୍ଭ ହୋଇଛି ଏବଂ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ସାଧିତ ହେବା ପାଇଁ ଏଥିଲାଗି ସୁପରିକଳ୍ପିତ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆମର ଜାତୀୟ ପ୍ରଚେଷ୍ଟାକୁ ଆମେ ନିର୍ଭୁଲ ମାର୍ଗରେ ପରିଚାଳିତ କରିପାରିଛୁ ବୋଲି ଆମେ ନିର୍ଭୟରେ କହିପାରୁ । ନିର୍ଦ୍ଦିଷ୍ଟ କେତୋଟି କ୍ଷେତ୍ରରେ ସରକାରୀ ଉଦ୍ୟୋଗର ଅଭିବୃଦ୍ଧି ଓ ସମ୍ପ୍ରସାରଣ ଉପରେ ଯଥାର୍ଥ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ମିଶ୍ରିତ ଅର୍ଥନୀତି ଉପରେ ଯେଉଁ ପରୀକ୍ଷା ଚାଲିଛି, ତାହା ଫଳରେ ଅଗ୍ରଗତି ଆହୁରି ଦ୍ରୁତତର ହୋଇଛି । ପାଞ୍ଚଶତାଧିକ ଦେଶୀୟ ରାଜ୍ୟ ମିଶ୍ରଣ ଫଳରେ ଦେଶର ଅଖଣ୍ଡତା ପୂର୍ଣ୍ଣତା ଲାଭ କରିଛି, ରାଜରାଜୁଡ଼ା ଓ ଜମିଦାରୀ ପ୍ରଥାର ବିଲୋପ ସାଧନ ଫଳରେ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ହ୍ରାସ ପାଇଛି ।

### ଆଭ୍ୟନ୍ତରୀଣ ଉତ୍ତେଜନା

କିନ୍ତୁ ଏହି ସମୟ ମଧ୍ୟରେ ଦେଶରେ ଆଭ୍ୟନ୍ତରୀଣ ଉତ୍ତେଜନା ଯେ ସୃଷ୍ଟି ନ ହୋଇଛି, ତାହା ନୁହେଁ । ଧର୍ମଗତ, ଭାଷାଗତ, ଜାତିଗତ ଓ ସଂପ୍ରଦାୟଗତ ଉତ୍ତେଜନାମାନ ସୃଷ୍ଟି ହେଉଛି ଏବଂ ଏସବୁ ନିର୍ମୂଳ କରିବା ପାଇଁ ବିଶେଷ ଚିନ୍ତା ଓ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଅବଶ୍ୟ ଏସବୁର ଏକମାତ୍ର ସମାଧାନ ହେଲା "ଜାତୀୟ ସଂହତି" । ଏହାଛଡ଼ା ଆମ ଦୁଇ ପଡ଼ୋଶୀ ରାଷ୍ଟ୍ର ଚୀନ୍ ଓ ପାକିସ୍ଥାନର ଆକ୍ରମଣାତ୍ମକ ମତିଗତି ଯୋଗେ ଜାତୀୟ ସଂହତିର ଆବଶ୍ୟକତା ଆହୁରି ବଢ଼ିଯାଇଛି । ଜାତୀୟ ସଂକଟକାଳରେ ଆମେ ଆମ ଶକ୍ତିର ଉପଯୁକ୍ତ ପ୍ରମାଣ ଦେଇଛୁ । କାଶ୍ମୀର ଦୁଇ ଥର ଆକ୍ରମିତ ହେଲାବେଳେ ଆମର ଜାତୀୟ ଏକତାକୁ ଅଗ୍ନି-ପରୀକ୍ଷା ଦେବାକୁ ପଡ଼ିଛି ଏବଂ ପରୀକ୍ଷାରେ ତାହା ଉତ୍ତୀର୍ଣ୍ଣ ହୋଇଛି । ମୁସଲମାନମାନେ ଆକ୍ରମଣକାରୀ ପାକିସ୍ତାନୀଙ୍କ ବିରୁଦ୍ଧରେ ଲଢ଼ିଲାବେଳେ ହୌତ-

ଧର୍ମାବଲମ୍ବୀମାନେ ଯୁଦ୍ଧଖୋର ଚୀନାମାନଙ୍କ ବିରୁଦ୍ଧରେ ସୁଦୃଢ଼ ପ୍ରତିରୋଧ-ବ୍ୟୂହ ରଚନା କରିଥିଲେ । ସେମାନେ ସମଗ୍ର ବିଶ୍ୱକୁ ଦେଖାଇ ଦେଇଥିଲେ ଯେ ସମଗ୍ର ଜାତି ଏକ ଅଟଳ ପାହାଡ଼ ଭଳି ଦଣ୍ଡାୟମାନ । ଆମର କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା ପାଇଁ ଦେଶର ୪୫ କୋଟି ଜନତା ଯେଭଳି ଦୃଢ଼ସଂକଳ୍ପ ଓ ଏକତାବଦ୍ଧ ହୋଇ କାର୍ଯ୍ୟ କଲେ, ବାସ୍ତବିକ ତାହା ବଡ଼ ଉତ୍ସାହପ୍ରଦ ।

ଏକତାର ଏ ଯେଉଁ ଚମତ୍କାର ଅଭିପ୍ରକାଶ ଘଟିଛି, ତାହାକୁ ଏକ ସ୍ଥାୟୀ ଜାତୀୟ ଆଚରଣରେ ପରିଣତ କରିବାକୁ ହେବ । ଜାତୀୟ ସଂହତି ଏକ ବୌଦ୍ଧିକ ଆଚରଣ ନୁହେଁ । ସ୍ୱାଧୀନତା ଲାଗି ଏହା ଏକ ଅତ୍ୟାବଶ୍ୟକୀୟ ମୌଳିକ ଉପାଦାନ । ଉପନିବେଶବାଦ ବିଦ୍ୱେଷ ଓ ମନୋମାଳିନ୍ୟ ଉପରେ ହିଁ ସମୃଦ୍ଧିମନ୍ତ ହୋଇଉଠିଥାଏ । ଉପନିବେଶ ଶାସନାଧୀନରେ ଥିବା ଲୋକେ ସମାନଭାବରେ ଦୁଃଖ-କଷ୍ଟ ଭୋଗୁଥିବାରୁ ଏକତାବଦ୍ଧ ହୋଇଥିବାର ମଧ୍ୟ ଦେଖାଯାଏ । କିନ୍ତୁ ସ୍ୱାଧୀନତା ମିଳିଯିବା ସଙ୍ଗେ ସଙ୍ଗେ ଏହା ଫଳରେ ଯେଉଁ ଅର୍ଥନୈତିକ ପୁନର୍ଜାଗରଣ ଘଟେ, ତା ଭିତରେ ଦେଶର ସାଧାରଣ କଲ୍ୟାଣ-ଚିନ୍ତା ବ୍ୟକ୍ତିଗତ ଓ ସାଂପ୍ରଦାୟିକ ସ୍ୱାର୍ଥ-ସାଧନର ବ୍ୟୂହ ଭିତରେ କେଉଁଆଡ଼େ ହଜିଯାଏ । ତେଣୁ ଏଇ ସଂଘର୍ଷମୟ ପରିସ୍ଥିତି ଭିତରେ ସ୍ଥାୟୀ ସଂପ୍ରଦାୟିକ ମନୋଭାବ ଯେପରି ସୃଷ୍ଟି ହୁଏ ଏବଂ ଛୋଟ ଛୋଟ ଘଟନା ଉପରେ ଯେପରି ଗୁରୁତ୍ୱ ଦିଆଯାଏ, ସେ ଦିଗରେ ଜାତି ସଚେତନ ରହିବା ଆବଶ୍ୟକ । ଜାତୀୟ ସଂହତିର ଏହାହିଁ ସବୁଠାରୁ ଜଟିଳ ସମସ୍ୟା ।

## ବୈଷମ୍ୟ ମଧ୍ୟରେ ସାମ୍ୟ

ଭାରତ ଏକ ବିରାଟ ଦେଶ । ବହୁଜାତି, ବହୁବର୍ଣ୍ଣ, ବହୁସଂସ୍କୃତି ଓ ବହୁଭାଷାଭାଷୀ ଲୋକ ଏଠାରେ ଅଛନ୍ତି । ଉତ୍ତରରେ ହିମାଳୟ ପର୍ବତ-ଶ୍ରେଣୀ ଓ ଦକ୍ଷିଣରେ ଭାରତ-ମହାସାଗର—ଏଇ ବିରାଟ ଭୌଗୋଳିକ ପରିବେଶ ମଧ୍ୟରେ ଅସଂଖ୍ୟ ସାମ୍ୟ ରହିଛି ଏବଂ ନାନା ଚିନ୍ତାଧାରା ଓ ନାନା ସ୍ୱାର୍ଥର ସଂପ୍ରଦାୟମାନ ରହିଛନ୍ତି । ଶହ ଶହ ବର୍ଷ ଧରି ଆମର ଏକ ଇତିହାସ ରହିଆସିଛି, ଆମର ଏକ ସାଧାରଣ ସାଂସ୍କୃତିକ ଐତିହ୍ୟ ରହିଛି । ଯେ କୌଣସି ବହିଃ-ଶତ୍ରୁକୁ ପ୍ରତିହତ କରିପାରିବା ଭଳି ଆମର ଏକ ସୁଦୃଢ଼ ସାଧାରଣ ଅର୍ଥନୀତି ମଧ୍ୟ ରହିଛି । ଆମର ଐକ୍ୟ-ଚିନ୍ତା ସର୍ବବ୍ୟାପ୍ତ ଏବଂ ବାସ୍ତବ ।

## ଧର୍ମ-ନିରପେକ୍ଷତା

ଏହି କାରଣରୁ ଧର୍ମ-ନିରପେକ୍ଷତା ଉପରେ ଆମର ବିଶ୍ୱାସ । ଆମ ମଧ୍ୟରେ ପ୍ରଧାନ ପ୍ରଧାନ ଧର୍ମ ରହିଛି ।ସେସବୁ ଧର୍ମ ନିଜର ବ୍ୟକ୍ତିଗତ ଓ ସ୍ୱତନ୍ତ୍ର ସତ୍ତାକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଭାରତର ସାମୁହିକ ଆଧ୍ୟାତ୍ମିକ ଚିନ୍ତାଧାରାକୁ ମଧ୍ୟ ନିଜ ନିଜର ଅବଦାନ ଦେଇଛନ୍ତି ।

ବିଭିନ୍ନ ସଂସ୍କୃତିର ପୂର୍ଣ୍ଣ ମିଳନ ଘଟାଇବାରେ ଭାରତର ଯେଉଁ କ୍ଷମତା ରହିଛି, ବାହାରର ଦର୍ଶକମାନେ ସେଥିରେ ଚମତ୍କୃତ ହୋଇଥାନ୍ତି । ଆମର ଧର୍ମ-ନିରପେକ୍ଷତା ଆମ ଜାତୀୟ ସ୍ୱରୂପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହାଦ୍ୱାରା କୌଣସି ଧର୍ମକୁ ପରିହାର କରାଯାଏ ନାହିଁ ବରଂ ସ୍ୱାଧୀନଭାବରେ ନିଜ ବିଶ୍ୱାସ ଅନୁଯାୟୀ ଚଳିବା ପାଇଁ ସବୁ ଧର୍ମକୁ ସମାନ ସୁଯୋଗ ଦିଆଯାଇଥାଏ । ଶହ ଶହ ବର୍ଷଧରି ଭାଇ-ଭଉଣୀ ଭଳି ଏକାଠି ଚଳିଆସିବା ପରେ ଏହାଛଡ଼ା ଆଉ ଆମେ କ'ଣ ଭାବିପାରନ୍ତୁ ବା କରିପାରନ୍ତୁ ?

( ୧୬ ପୃଷ୍ଠା ଦେଖନ୍ତୁ )

# ବ୍ରହ୍ମପୁତ୍ରର ସେତୁବନ୍ଧନ



ଅମିନଗାଁ ଓ ପାଣ୍ଡୁକୁ ସଂଯୁକ୍ତ କରୁଥିବା ବ୍ରହ୍ମପୁତ୍ର ନଦୀର ପୋଲ ଦେଇ ଯାନବାହନର ଶବ୍ଦ ଛୁଟାଇ ଘନଘନ ମାଲବାହୀ ଓ ଯାତ୍ରୀବାହୀ ରେଲଗାଡ଼ିମାନ ଛୁଟିଚାଲିଛି । ୧୯୬୩ ଜୁନ୍ ୭ ତାରିଖରେ ପ୍ରଧାନମନ୍ତ୍ରୀ ନେହେରୁ ସମ୍ପୂର୍ଣ୍ଣରୂପେ ଭାରତୀୟ କର୍ମୀମାନଙ୍କ ଦ୍ୱାରା ପରିକଳ୍ପିତ ଓ ନିର୍ମିତ ଏହି ସରାଇଘାଟ ସେତୁଟିର ଆନୁଷ୍ଠାନିକଭାବେ ଉଦ୍ଘାଟନ କଲେ—ଫଳରେ ୧୯୧୦ ସାଲରେ ପ୍ରଥମେ ପରିକଳ୍ପିତ ହୋଇଥିବା ଗୋଟିଏ ଯୋଜନା ବାସ୍ତବରୂପ ନେଲା ।

୧୯୫୮ ନଭେମ୍ବର ମାସରେ ସେତୁନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ବିପୁଳ, ଦୁର୍ବାର ବ୍ରହ୍ମପୁତ୍ରର ବୁକୁଉପରେ ସେତୁ ଉଠାଇବା ପାଇଁ ସାରା ୪ ବର୍ଷର ଅବିଶ୍ରାନ୍ତ ଶ୍ରମ ତଥା ୧୦କୋଟି ୬୦ଲକ୍ଷ ଟଙ୍କା ଲାଗିଲା ।

୧୯୬୨ ଅକ୍ଟୋବର ୩୧ ତାରିଖରେ ସର୍ବପ୍ରଥମ ମାଲବାହୀ ଗାଡ଼ି ଏହି ସେତୁଦେଇ ଗଲା ଏବଂ ତଦ୍ୱାରା ଉତ୍ତରପୂର୍ବ ଭାରତର ବିକାଶଶୀଳ ଅର୍ଥନୀତିର ନୂତନଯୁଗ ଉଦ୍ଘାଟିତ ହେଲା । ଏହି ପ୍ରଥମଥର ପାଇଁ ଆସାମର ସ୍ୱଳ୍ପ ଦିଗସ୍ଥ ଓ ଶୈଳଶ୍ରେଣୀ ଅଞ୍ଚଳ ସଙ୍ଗେ ଭାରତର ଅନ୍ୟାନ୍ୟ ଅଂଶର ରେଲ ଓ ସଡ଼କ ରାସ୍ତାର ଏକ ଅବିଚ୍ଛିନ୍ନ ଯୋଗସୂତ୍ର ବନ୍ଧାହେଲା ।

୧୦ସ୍ପାନ୍ ବିଶିଷ୍ଟ ଏହି ଦୋତାଲା ପୋଲଟି ଉପରେ ଗୋଟିଏ ସଡ଼କରାସ୍ତା ଏବଂ ତଳେ ଗୋଟିଏ ରେଲରାସ୍ତା ରହିଛି । ଏହାକୁ ତିଆରି କରିବାପାଇଁ ୪୨ଲକ୍ଷ ଘନଫୁଟ କଂକ୍ରିଟ୍, ୪୦,୦୦୦ ଟନ୍ ସିମେଣ୍ଟ ଓ ୧୮,୦୦୦ ଟନ୍ ଇସ୍ପାତ ଲାଗିଛି । ଏହି ପୋଲର ଗାର୍ଡର ତିଆରିରେ ଲାଗିଥିବା ପ୍ରାୟ ୧୧,୦୦୦ ଟନ୍ ମାଇଲ୍ଡ ଓ ହାଇ ଟେନସିଲ ଇସ୍ପାତର ଶତକଡ଼ା ପ୍ରାୟ ୬୦ଭାଗ ଜାମସେଦପୁର ଇସ୍ପାତ କାରଖାନାରୁ ଆସିଛି । ଜାତିର ସେବାରେ ଟାଟା ଷ୍ଟିଲ୍‌ର ଅବଦାନର ଏହା ଆଉ ଏକ ନିଦର୍ଶନ ।

ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ
ମୁକ୍ତହସ୍ତରେ ଦାନକରନ୍ତୁ

## ଟାଟା ଷ୍ଟିଲ

JWTTN 184

The Tata Iron and Steel Company Limited

# ଶିଶୁ-କଲ୍ୟାଣ

ଲେଖକ—ଶ୍ରୀ ଗୁରୁମୁଖ ନିହାଲ ସିଂ
( ରାଜସ୍ଥାନର ପୂର୍ବତନ ରାଜ୍ୟପାଳ )



[ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନେହେରୁ ଶିଶୁମାନଙ୍କୁ ଖୁବ୍ ଭଲ ପାଆନ୍ତି ବୋଲି ତାଙ୍କର ଜନ୍ମଦିନ ନଭେମ୍ବର ୧୪ ତାରିଖରେ ଭାରତର ସର୍ବତ୍ର ଶିଶୁ-ଦିବସ ପାଳିତ ହୁଏ । ଏ ବର୍ଷର ଶିଶୁ-ଦିବସରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା କରିବା ସଙ୍ଗେ ସଙ୍ଗେ "ଉତ୍କଳ ପ୍ରସଙ୍ଗ" ତାର ପାଠକମାନଙ୍କୁ ନିମ୍ନଲିଖିତ ପ୍ରବନ୍ଧଟି ପରିବେଷଣ କରୁଛି । ]

ସମ୍ପାଦକ

ଯେକୌଣସି ଉନ୍ନତ ସମାଜର ସବୁ ଶ୍ରେଣୀର ଓ ସବୁ ବୟସର ଶିଶୁମାନଙ୍କ ମଙ୍ଗଳସାଧନ ପ୍ରତି ଦୃଷ୍ଟି ଦେବା ହେଉଛି ପ୍ରଥମ କର୍ତ୍ତବ୍ୟ; କାରଣ ଆଜିର ଶିଶୁ ହେଉଛି କାଲିର ନାଗରିକ । ସେମାନେ ହେଉଛନ୍ତି ଆମର ସମ୍ପତ୍ତି ଓ ଭରସା । ଯଦି ଆଜିର ଶିଶୁମାନଙ୍କୁ ଭଲଭାବେ ନଜର ଦେଇ ଗଢ଼ାଯାଏ, ତା'ହେଲେ ପ୍ରାପ୍ତ ବୟସରେ ସେମାନଙ୍କଠାରେ ରୋଗ ଓ ଦୁର୍ବଳତା ଖୁବ୍ କମ୍ ଦେଖାଯିବ । ଯେହେତୁ ଦେଶର ଭବିଷ୍ୟତ ପିଲାମାନଙ୍କ ଉପରେ ନିର୍ଭର କରୁଛି, ତେଣୁ ପିଲାମାନଙ୍କୁ ଶାରୀରିକ, ମାନସିକ ଓ ନୈତିକ ଦୃଷ୍ଟିକୋଣରୁ ଭଲଭାବେ ଗଢ଼ିବାକୁ ହେବ । ଏଣୁ ସୁନ୍ଦର ସ୍ୱାସ୍ଥ୍ୟ, ସ୍ଥିର ମସ୍ତିଷ୍କ, ସୁସ୍ୱଭାବ ଓ ସଦାଚାର ଏବଂ ଉଚ୍ଚ ନୈତିକତା ପ୍ରଭୃତି ଗୁଣଗୁଡ଼ିକ ଶିଶୁକୁ ସୁନାଗରିକ ଗଢ଼ିପାରିବ ଏବଂ ପିଲାର ସବୁ ସୁଗୁଣ ସହିତ ତାକୁ ଏକ ସ୍ୱାସ୍ଥ୍ୟବାନ, କର୍ମଠ ଏବଂ ପୂର୍ଣ୍ଣ ଜୀବନଯାପନ କରିବାକୁ ସୁଯୋଗ ଦେବ ।

ସୁଖର ବିଷୟ ଯେ ଆମ ଦେଶରେ ଆସ୍ତେ ଆସ୍ତେ ପିଲ୍ମାନଙ୍କ ସୁବିଧା-ଅସୁବିଧା ପ୍ରତି ଲୋକଙ୍କର ନଜର ପଡ଼ୁଛି ଏବଂ ସରକାରଙ୍କ ଛଡ଼ା ବହୁତ ଶିଶୁମଙ୍ଗଳ ସ୍ୱେଚ୍ଛାନୁଷ୍ଠାନ ଭାରତରେ ଗଢ଼ିଉଠୁଛି; ଯେଉଁ-ମାନେ କି ପିଲ୍ମାନଙ୍କର ବିଭିନ୍ନ କଲ୍ୟାଣ ସାଧନ କରୁଛନ୍ତି । ୧୯୫୨ ମସିହାରେ ଗଢ଼ାଯାଇଥିବା ଭାରତୀୟ ଶିଶୁମଙ୍ଗଳ ପରିଷଦ ତାର ଅଳ୍ପଦିନ ସ୍ଥିତି ଭିତରେ ଖୁବ୍ କମ୍ ସେବକ ଓ ଅର୍ଥ ଭିତରେ ତାର ବିଭିନ୍ନ ଶାଖାପ୍ରଶାଖା ଦେଇ ବହୁତ କିଛି ଶିଶୁ-କଲ୍ୟାଣ କାର୍ଯ୍ୟ ସମ୍ପାଦନ କରିଛି । ସ୍ୱେଚ୍ଛାନୁଷ୍ଠାନ-ଗୁଡ଼ିକ ଲୋକମାନଙ୍କ ମନରେ ପିଲ୍ମାନଙ୍କ ଯତ୍ନ ନେବାର ପ୍ରବୃତ୍ତି ଜାଗ୍ରତ କରାଇପାରିଛି । ଏଥିରେ ଭାରତର ସବୁଠାରୁ ବୃହତ୍ତମ ଶିଶୁ ଅନୁଷ୍ଠାନ—ବାଳକ ସ୍କାଉଟ ଓ ବାଳିକା ଗାଇଡ଼ର ଅବଦାନ କିଛି କମ୍ ନୁହେଁ । ଯେହେତୁ ଶିଶୁ ଓ ମାତୃମଙ୍ଗଳ ଏକାଠି ଜଡ଼ିତ, ତେଣୁ ପଞ୍ଚବାର୍ଷିକ ଯୋଜନା ଓ ପ୍ରଦେଶ ମାନଙ୍କର ସ୍ୱାସ୍ଥ୍ୟ-ପ୍ରୋଗ୍ରାମରେ ସେସବୁ ଉଚ୍ଚ ସ୍ଥାନ ପାଇଛି । ଏସବୁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆମେ ସ୍ୱେଚ୍ଛାସେବକ ଓ ସହଯୋଗୀ ଆବଶ୍ୟକ କରୁ । ସବୁଠାରୁ ବେଶି ଉପକାର ପାଇବା ପାଇଁ ଏବଂ ଅନୁଷ୍ଠାନମାନଙ୍କର ଗୋଳମାଳିଆ କାର୍ଯ୍ୟରୁ ପୃଥକ ରଖିବା ପାଇଁ ଓ ତତ୍ ସଙ୍ଗେ ଶିଶୁମାନଙ୍କ ମଙ୍ଗଳ-ସାଧନ ପାଇଁ ଆମକୁ ସୁଶୃଙ୍ଖଳ ପ୍ରଥାରେ ମିଳାମିଶି କାର୍ଯ୍ୟ କରିବାକୁ ହେବ ।

ପିଲ୍ମାନଙ୍କୁ ଦୟା-ଦୃଷ୍ଟିରେ ଦେଖିବାର ଆବଶ୍ୟକତା ରହିଛି । କହିବା ବାହୁଲ୍ୟ ଯେ ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର ବ୍ୟବହାର ଓ ଦୟା ଲୋଡ଼ିଥାନ୍ତି ।

ଯେଉଁମାନେ ଦୁର୍ଭାଗ୍ୟବଶତଃ ସର୍ବଦା ଅସୁସ୍ଥ ଏବଂ ବିକଳାଙ୍ଗ, ସେମାନେ ଟିକିଏ ଅଧିକା ନଜର ଦରକାର କରନ୍ତି; ଯଦ୍ଦ୍ୱାରା କି ସେମାନେ ଜୀବନରେ ପଛରେ ପଡ଼ିଯିବେ ନି । କୌଣସି ବିକଳାଙ୍ଗ ଶିଶୁ ତାର ପରିସ୍ଥିତି ସହିତ ନିଜକୁ ଭଲଭାବେ ଖାପଖୁଆଇ ଚଳିପାରେ ନା । ତେଣୁ ଯଦି ଶୀଘ୍ର ଆରୋଗ୍ୟ ଲଭର ସୁଯୋଗ ନ ପାଏ, ସେ ନାନାରକମ ଦୁଷ୍ଟ ମନୋଭାବ ସୃଷ୍ଟି କରିଥାଏ । ଏହି ଅମେଳ ଜୀବନ ତାର ସୁଖ ଜୀବନ ଉପରେ ଖରାପ ପ୍ରଭାବ ପକାଇଥାଏ । ସେ ଯାହାହେଉ, ଆଜିର ବିଜ୍ଞାନବଳରେ ଯଦି ପ୍ରଥମରୁ ଶିଶୁମାନଙ୍କର ସୁଚିକିତ୍ସା କରାଯାଏ, ତା'ହେଲେ ସେମାନେ ଭବିଷ୍ୟତରେ ସମାଜ ଉପରେ ଏକ ବୋଝ ହେବେ ନାହିଁ । ବହୁତ ଉନ୍ନତ ଦେଶରେ ଶିଶୁ-ସାହାଯ୍ୟ ସଂସ୍ଥାମାନ ବିକଳାଙ୍ଗ, ପାଗଳ ଓ ଅନ୍ୟାନ୍ୟ ରୋଗୀ ଶିଶୁମାନଙ୍କୁ ଜୀବନରେ ପୁନର୍ବାର ସୁସ୍ଥ ଜୀବନକୁ ଫେରାଇଆଣିବାକୁ କାମ କରୁଛନ୍ତି ଏବଂ ତାହା ସଙ୍ଗରେ ମଧ୍ୟ ଖେଳ, ବିଶ୍ରାମ ପ୍ରଭୃତି ଦେଇ କାମିକା ମା'ମାନଙ୍କ ଶିଶୁମାନଙ୍କର ସ୍ୱାସ୍ଥ୍ୟର ସମୋନ୍ନତି ପାଇଁ ଏ ସଂସ୍ଥାଗୁଡ଼ିକ ନର୍ସରି ସ୍କୁଲ ପ୍ରଭୃତି ବହୁତ କିଛି ବ୍ୟବସ୍ଥା କରିଛନ୍ତି । ଏଣୁ ପ୍ରତ୍ୟେକ ରାଜ୍ୟ ସରକାର ବିକଳାଙ୍ଗ ଓ ପାଗଳ ପିଲାଙ୍କ ପାଇଁ ଭଲ ହସ୍ପିଟାଲର ସୁନ୍ଦର ବ୍ୟବସ୍ଥା କରିବା ଦରକାର ଏବଂ ବହୁତ ରକମ ଅନୁଷ୍ଠାନମାନ ବସାଇ ଶିଶୁ-ମାନଙ୍କର ସର୍ବପ୍ରକାର ଉନ୍ନତି ପାଇଁ ଚେଷ୍ଟା କରିବା ଦରକାର । ତାପରେ ପିଲ୍ମାନଙ୍କୁ ଶୋଷଣ କରିବା ବିରୁଦ୍ଧରେ ସରକାର ଆଇନ ପ୍ରଣୟନ କରି କାର୍ଯ୍ୟକାରୀ କରାଇବାକୁ ହେବ । ମୁଁ ଆଶା କରେ, ସରକାର ଏଥିପ୍ରତି ଦୃଷ୍ଟି ଦେବେ ।

## ସୁଷମ ଖାଦ୍ୟ

ପିଲ୍ମାନଙ୍କ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ବିଷୟରେ କହିବା ବାହୁଲ୍ୟ ମାତ୍ର । ଗଣନା କରି ଦେଖାଯାଇଛି ଯେ ପିଲ୍ମାନଙ୍କ ଶାରୀରିକ ଅସୁସ୍ଥତା ଖାଦ୍ୟାଭାବ ଓ ଖରାପ ଦାନ୍ତଯୋଗୁଁ ହୋଇଥାଏ ।

ଆମେ ଜାଣୁ ଯେ ଟାଇଫଏଡ୍, କଲେରା ଓ ଡ଼ାଇସେଣ୍ଟ୍ରି ପ୍ରଭୃତି ସଂକ୍ରାମକ ରୋଗ ଭଲ ଖାଦ୍ୟ ଓ ନିରୋଧକ ଟିକା ପ୍ରଭୃତି ଦ୍ୱାରା ନିରୋଧ କରାଯାଇ ପାରିବ । ଆମ ଦେଶରେ ଦନ୍ତରକ୍ଷାର ନିୟମ ଓ ସ୍ୱାସ୍ଥ୍ୟରକ୍ଷାର ନିୟମମାନ ପ୍ରଚାର କରିବା ବହୁତ ଦରକାର ଅଛି । ଡ଼ିପ୍‌ଥେରିଆ, ହୁପିଙ୍ଗ କଫ୍ ଏବଂ ଟିଟାନସ ପ୍ରଭୃତି ସଂକ୍ରାମକ ରୋଗକୁ ରୋକ ହେବ ଏବଂ ସେଥିଲାଗି ପିତାମାତାମାନେ ଏବଂ ସ୍କୁଲମାନେ ଶିଶୁ-ଡାକ୍ତରଙ୍କ ସହିତ ଏବଂ ସ୍ୱାସ୍ଥ୍ୟ-କେନ୍ଦ୍ରମାନଙ୍କ ସହିତ ପରାମର୍ଶ କରି ତାର ନିରୋଧ କରିବାକୁ ଚେଷ୍ଟା କରିବାକୁ ହେବ ।

ପିଲାମାନଙ୍କ ଖାଦ୍ୟରେ ଖାଦ୍ୟ-ସାରାଂଶର ଅଭାବ ଦୂର କରିବା ପାଇଁ ସ୍କୁଲମାନଙ୍କରେ ମଧ୍ୟାହ୍ନ-ଭୋଜନ ସହିତ ଦୁଧ ଓ କଦଳୀ ଦେବା ଦରକାର । ଗରିବ ପିଲାଙ୍କ ପାଇଁ ସ୍କୁଲରେ ଦୁଧର ବ୍ୟବସ୍ଥା ସରକାର କରିବା ଉଚିତ । ଅନେକ ସମୟରେ କୁହାଯାଇଛି ଯେ ପିଲାମାନଙ୍କ ପାଇଁ ବଡ଼ ମଣିଷମାନେ ଦୁଧ, ମିଠା ଓ ଦୁଧ ଜାତୀୟ ଦ୍ରବ୍ୟର ଆହାର ଛାଡ଼ିଦେବା ଉଚିତ ।

## ଖେଳ

ଶିଶୁର ଶାରୀରିକ ଓ ମାନସିକ ଦୃଷ୍ଟିରୁ ଖେଳର ଉପକାରିତା ଯଥେଷ୍ଟ ବେଶି । ବଡ଼ ବଡ଼ ସହର-ମାନଙ୍କରେ ଘରଗୁଡ଼ିକରେ ବହୁତ ଗହଳି ଥିବାରୁ ସେଠାରେ ଖେଳପଡ଼ିଆ ଓ ପାର୍କମାନ ଗଢ଼ିବା ନିତାନ୍ତ ଆବଶ୍ୟକ । ଖେଳପଡ଼ିଆରେ ଠିକଭାବେ ତଦାରଖ, ଟ୍ରେନିଂ ଓ ନିର୍ଦ୍ଦେଶ ଦେଲେ ପିଲାମାନଙ୍କ ଭିତରେ ନିୟମାନୁବର୍ତ୍ତିତା, ସହଯୋଗିତା, ଏକତା ଏବଂ ନେତୃତ୍ୱ ଭଳି ଗୁଣମାନ ଫୁଟିଉଠିବ ।

ଆମେ ଛୁଟିଦିନରେ ଅବସରବିନୋଦନ ପାଇଁ ଘରସବୁ ତିଆରି କରିବା ଉଚିତ; ଯେଉଁଠାରେ ସମାନ ବୟସର ପିଲାମାନେ ଭଲ ପୁଷ୍ଟିକର ଖାଦ୍ୟ ଓ ସୁସ୍ଥ ଜଳବାୟୁ ପାଇ ପାରିବେ । ଏହା ସହିତ ପିଲାଙ୍କ ଉଦ୍ଦେଶ୍ୟରେ ପିତାମାତାଙ୍କର ବି ସ୍ୱାସ୍ଥ୍ୟ-ଶିକ୍ଷା ଓ ଟ୍ରେନିଂ ପ୍ରଭୃତି ପାଇବା ଦରକାର । ମୁଁ ଆଶା କରେ, ବିଶେଷଜ୍ଞମାନେ ଭାରତର ଏତେ ସଂଖ୍ୟକ ଶିଶୁଙ୍କର ଉପକାର ସାଧନ ନିମନ୍ତେ କୌଣସି ରାସ୍ତା ବତାଇବେ । ଗାଁମାନଙ୍କରେ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ-ନିୟମମାନ ଶିକ୍ଷା ଦେବା ପାଇଁ ସ୍ୱାସ୍ଥ୍ୟ-ପରିଦର୍ଶକ ରଖିବା ଉଚିତ ଏବଂ ପ୍ରଦର୍ଶନୀ, ପୁସ୍ତକ ଓ ସିନେମା ମାଧ୍ୟମରେ ଶିକ୍ଷା ଦେବା ଉଚିତ ।

ଆମର ଦାରିଦ୍ର୍ୟ ଆମକୁ ବହୁ ଭାବରେ ଅସୁବିଧାର ସମ୍ମୁଖୀନ କରାଉଛି । ଶିଶୁମାନଙ୍କର ଶାରୀରିକ ଅସୁସ୍ଥତାର ଆରୋଗ୍ୟ ପାଇଁ ସୁବ୍ୟବସ୍ଥା କଲେ ଶିଶୁ-ଅପମୃତ୍ୟୁ ରୋକ ହେବ । ଶିଶୁମାନଙ୍କର ସ୍ୱାସ୍ଥ୍ୟପ୍ରତି ନଜର ଦେବାକୁ ହେଲେ ଆମକୁ ବହୁ ସଂଖ୍ୟାରେ ଶିଶୁ-ଡାକ୍ତର ଡାକ୍ତରଖାନାଗୁଡ଼ିକରେ ରଖିବାକୁ ହେବ । ଡାକ୍ତରଖାନାରେ ବହୁ ସଂଖ୍ୟାରେ ସ୍ୱତନ୍ତ୍ର ଶଯ୍ୟା ଶିଶୁଙ୍କ ପାଇଁ ରଖିବାକୁ ହେବ, ମା'ମାନଙ୍କୁ ପିଲାମାନଙ୍କ ପ୍ରତି ବ୍ୟବହାର ଶିକ୍ଷା ଦେବା ପାଇଁ ଶିଶୁମଙ୍ଗଳ କେନ୍ଦ୍ରମାନଙ୍କରେ ଶିକ୍ଷାପ୍ରାପ୍ତ ନର୍ସ ରଖିବାକୁ ହେବ । ଗରିବ ପିତାମାତାଙ୍କୁ ତାଙ୍କ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସୁବିଧା ଓ ଶସ୍ତାରେ ଔଷଧ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ହେବ ।

ଭାରତରେ ଖାଦ୍ୟାଭାବ, ସଂକ୍ରାମକ ରୋଗ ଓ ଦୁର୍ବଳତା ଯୋଗୁ ଶିଶୁମାନଙ୍କର ଅପମୃତ୍ୟୁ ଅତି ବେଶି ବୋଲି ଆମେ ଜାଣୁ । ୭ ଜଣରୁ ଜଣେ ବର୍ଷେ ନ ପୁରୁଣୁ ଏବଂ ୫ ବର୍ଷଠାରୁ ୧୪ ବର୍ଷ ଭିତରେ ୩୬ ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଲେଖାଏଁ ଏ ଦେଶରେ ମରିଯାନ୍ତି । ୧୦୦୦ ଜଣ ଜୀବନ୍ତ ଶିଶୁ ଜନ୍ମ ହେଲେ ସେଥିରୁ ହାରାହାରି ୧୦ ଜଣ ଭାରତବର୍ଷରେ ମରିଯାନ୍ତି । ଜାପାନରେ ୨ ଜଣ,

( ୧୬ ପୃଷ୍ଠା ଦେଖନ୍ତୁ )

# ଏ ମାସର ଚାଷବାସ

ଅକ୍ଟୋବର-ନଭେମ୍ବର (ଆଶ୍ୱିନ-କାର୍ତ୍ତିକ) ମାସରେ ଓଡ଼ିଶାରେ ରବିଫସଲ ପାଇଁ ଜମି ପ୍ରସ୍ତୁତ କରାଯାଏ ଓ ରବିଫସଲ ବୁଣାଯାଏ । ମୁଗ, ବିରି, କୋଳଥ ଇତ୍ୟାଦି ବୁଣାଯାଏ । ଲଘୁ ଧାନ କଟାଯାଏ । ତୋରିଆ ଓ ସୋରିଷ ବୁଣାଯାଏ । ଚିନାବାଦାମ ଖୋଳାଯାଏ ଓ ରାଶି ଅମଳ କରାଯାଏ । ଆଉ ମଧ୍ୟ ଶୀତଦିନିଆ ପନିପରିବା ଲଗାଯାଏ, ଆଳୁ ଓ ପିଆଜ ଲଗାଇବା ପାଇଁ ଜମି ପ୍ରସ୍ତୁତ କରାଯାଏ । ତଳେ ଏ ସମ୍ପର୍କରେ କେତେକ ସୂଚନା ଦିଆଗଲା ।

## ରବିଫସଲ ପାଇଁ ଜମି ପ୍ରସ୍ତୁତି

ରବିଫସଲ ମଧ୍ୟରେ ଗହମ ଓ ଜୁଆର ବୁଣିବା ପାଇଁ ଏ ମାସରେ ଜମି ଚାଷ କରି ପ୍ରସ୍ତୁତ କରିବାକୁ ହେବ ।

ଗହମ ଓଡ଼ିଶାର ବନ୍ୟା ଅଞ୍ଚଳରେ ଓ ଉର୍ବର ମଟାଳ ଜମିରେ ଚାଷ କରାଯାଏ । ବିଆଳି ଓ ଲଘୁ ଶାରଦ ଧାନ କଟା ସରିବାପରେ ସେହି ଜମିରେ ଗହମ ବୁଣାଯାଇପାରେ । ଜମିକୁ ତିନି ଚାରି ଓଡ଼ ଚାଷ କରି ମଇ ଦେଇଦେବାକୁ ହେବ । କାର୍ତ୍ତିକ ମାସ ଆରମ୍ଭରେ ଗହମ ବୁଣିବା ଦରକାର । ଛିଞ୍ଚିକରି ନ ବୁଣି ଧାଡ଼ିମୂଳିଆ ବୁଣିବା ଭଲ । ଧାଡ଼ିମୂଳିଆ ବୁଣିଲେ ବଛାବଛି, ଖୁଆଇବା ଓ ପାଣି ମଡ଼ାଇବା ସହଜ ହୁଏ । ଆଉ ମଧ୍ୟ ଏଭଳି ବୁଣିଲେ ଫସଲ ଅମଦାନି ବେଶି ହୋଇଥାଏ ।

ଶୀତଦିନିଆ ଜୁଆର ଚାଷ ପାଇଁ ଏ ମାସରେ ଜମି ଚାଷ କରି ବିହନ ବୁଣିବାକୁ ହେବ । କେବଳ ବାଲିଆ ମାଟିକୁ ଛାଡ଼ି ଅନ୍ୟ ଯେ କୌଣସି ମାଟିରେ ଜୁଆର ଚାଷ କରାଯାଇ ପାରିବ ।

## ଡାଲିଜାତୀୟ ଫସଲ

ଏ ମାସରେ ବିରି, କଳାମୁଗ, ଖେଥିମୁଗ, କୋଳଥ, ବୁଟ, ମଟର, ଚଣା ଇତ୍ୟାଦି ଡାଲିଜାତୀୟ ଫସଲ ବୁଣାଯାଏ ।

ମୁଗ ପାଇଁ ଉଚ୍ଚ ନଗିଡ଼ା ଜମି ଓ ହାଲୁକା ଦୋରସା ମାଟି ଉପଯୁକ୍ତ । ମଟାଳ ଜମିରେ ମୁଗ ଭଲ ହୁଏ ନାହିଁ ।

ବିରି ଦୋରସା ଉର୍ବର ମାଟିରେ ଭଲ ହୁଏ । ତେବେ ମଟାଳ ଜମିରେ ମଧ୍ୟ ଏହା ଚାଷ କରାଯାଇ-ପାରିବ ।

କୋଳଥ ବାଲିଆ ଜମିରେ ଭଲ ହୁଏ ।

ବୁଟ ପାଇଁ ହାଲୁକା ଦୋରସା ମାଟି ଖୁବ୍ ଉପଯୋଗୀ । ଯେଉଁ ମାଟିରେ ଚୂନ-ଅଂଶ ବେଶି ଥାଏ, ସେଥିରେ ବୁଟ ଫସଲ୍ ଭଲ ହୁଏ ।

ମଟର ପାଇଁ ଦୋରସା ମାଟି ଉପଯୁକ୍ତ । ନଈ-କୂଳିଆ ପଟୁ ଜମିରେ ମଟର ଫସଲ୍ ଭଲ ହୁଏ ।

## ଧାନ କଟା

କାର୍ତ୍ତିକ ଆରମ୍ଭରେ ଲଘୁଧାନ କଟାଯାଏ । ଧାନଗଛ ସାମାନ୍ୟ କଞ୍ଚାଳିଆ ଥିବା ଅବସ୍ଥାରେ କାଟିବାକୁ ହେବ । ଲଘୁଧାନ ବୁଣା ହେବାର ପ୍ରାୟ ଶହେ ଦିନ ପରେ କାଟିବା ପାଇଁ ଉପଯୁକ୍ତ ହୋଇଥାଏ । ଲଘୁଧାନ କାଟିସାରି ସେହି ଜମିରେ ଅନ୍ୟ କିଛି ଶୀତଦିନିଆ ଫସଲ କରିବା ଉଚିତ ।

## ସୋରିଷ ଓ ପେଶି ବୁଣା

ଲଘୁଧାନ କାଟିସାରି ସେହି ଜମିରେ ସୋରିଷ ବୁଣିବା ଉଚିତ । କୋଳଥ ସଙ୍ଗରେ ମଧ୍ୟ ସୋରିଷ ଏକ ମିଶ୍ରିତ ଫସଲରୂପେ ଚାଷ କରାଯାଇପାରେ । ଉର୍ବର ପଟୁ ମାଟିରେ ସୋରିଷ ଭଲ ହୁଏ । ତେଣୁ ନଈକୂଳିଆ ଜାଗାରେ ଏହା ବିଶେଷ ପରିମାଣରେ ଚାଷ କରାଯାଇଥାଏ । ସୋରିଷ ବିହନ ଖୁବ୍ ଛୋଟ ଛୋଟ ହୋଇଥିବାରୁ ତାକୁ ବୁଣିବା ପୂର୍ବରୁ ଜମିକୁ ଭଲଭାବରେ ଚାଷ କରି, ମାଟିକୁ ଗୁଣ୍ଡ କରିଦେବାକୁ ହେବ । ବୁଣିଲାବେଳେ ଧୂଳି ସହିତ ବିହନ ମିଶାଇ ବୁଣିଲେ ଜମିର ସବୁଆଡେ ସମାନଭାବରେ ବୁଣି ହୁଏ । ବୁଣିସାରି ବଲରେ ମଇ ଦେବାକୁ ହେବ ।

ପେଶି ବୁଣିବା ଆଗରୁ ମଧ୍ୟ ଜମିକୁ ଭଲଭାବରେ ଚାଷ କରି ଓ ମାଟି ଗୁଣ୍ଡ କରି ବୁଣିବାକୁ ହେବ । ଧାଡ଼ିମୂଳିଆ ବୁଣିଲେ ଭଲ ଆମଦାନୀ ହୁଏ । ବୁଟ, ମୁଗ, ବିରି ଓ କୋଳଥ ସହିତ ପେଶିକୁ ମିଶାଇ ବୁଣାଯାଇପାରେ ।

ଆଜିକାଲି ଉନ୍ନତ ଧରଣର ପେଶି ବିହନ ମିଳୁଛି । ଚାଷୀମାନେ ତାହା ଆଣି ବୁଣିବା ଉଚିତ ।

## ଚିନାବାଦାମ ଅମଳ

ବର୍ଷାଦିନିଆ ଚିନାବାଦାମ ଏହି ମାସରେ ଖୋଳାଯାଏ । ଖୋଳିବା ପୂର୍ବରୁ ଚିନାବାଦାମ ଠିକଣା ଭାବରେ ପାଚିଲା ହୋଇଛି କି ନାହିଁ, ତାହା ଦେଖିବାକୁ ହେବ । ଭଲ ପାଚିଲା ହୋଇ ନ ଥିଲେ ଖୋଳିବା ଅନୁଚିତ । କାରଣ ଏଭଳି ଚିନାବାଦାମରୁ ତେଲ ବେଶି ବାହାରେ ନାହିଁ । ଗଛର ପତ୍ର ହଳଦିଆ ପଡ଼ି ଯାଇ ଝଡ଼ିବାକୁ ଆରମ୍ଭ କଲେ ଖୋଳିବା ପାଇଁ ସମୟ ହେଲା ବୋଲି ଜାଣିବାକୁ ହେବ । ଖୋଳିସାରି ଚିନାବାଦାମରୁ ମାଟି ଝାଡ଼ି ଦେଇ ଭଲଭାବରେ ଖରାରେ ଶୁଖାଇ ରଖିବାକୁ ହେବ ।

## ଶୀତଦିନିଆ ପନିପରିବା

ମୂଳା, ବିଲାତି ବାଇଗଣ, ସାତପଟିଆ ଭେଣ୍ଡି, ବଟିଗୁ ମଟର, କୋବି, ଗାଜର ଇତ୍ୟାଦି ଶୀତଦିନିଆ ପନିପରିବା ଏ ମାସରେ ଲଗାଯାଏ । ଗତ ମାସରେ ଲଗାଯାଇଥିବା କୋବି ଫସଲରେ ଏ ମାସରେ ସାର ଦେବାକୁ ପଡ଼ିବ । ଏକରେ ଫୁଲକୋବି ଜମିରେ ଏ ମାସର ଆରମ୍ଭରେ ମହଣେ ଓ ଶେଷବେଳକୁ ତିନି ମହଣ ଆମୋନିଆ ସାର ଦେବାକୁ ହେବ । ଗଛ ମୂଳକୁ ଖୁମ୍ପାଇ ଦେଇ ମାଟି ଟେକିଦେବାକୁ ହେବ ।

ବିଲାତି ବାଇଗଣ ଚାରା ଲଗାଇଲାବେଳେ ଧାଡ଼ିଗୁଡ଼ିକ ପରସ୍ପରଠାରୁ ଦୁଇ ହାତ ତଫାତ୍‌ରେ ରଖିବା ଉଚିତ । ଗୋଟିଏ ବୁଦା ଆଉ ଗୋଟିଏ ବୁଦାଠାରୁ ଅତି କମ୍‌ରେ ହାତେ ଛଡ଼ାରେ ରହିବା ଉଚିତ । ଚାରା ଲଗାଇ ଗଛମୂଳରେ ପାଣି ଦେବାକୁ ହେବ ।

ମୂଳା-ମଞ୍ଜି ଲଗାଇଲାବେଳେ ଧାଡ଼ିକୁ ଧାଡ଼ି ଫୁଟେ ଛଡ଼ାରେ ଓ ଗଛକୁ ଗଛ ଚାରି ଆଙ୍ଗୁଳ ଛଡ଼ାରେ ଲଗାଇବାକୁ ହେବ । ଗଛ ଚାରି ଆଙ୍ଗୁଳ ଉଚ୍ଚ ହୋଇଗଲା ପରେ ଆମୋନିଆ ଓ ପିଡ଼ିଆ ମିଶାଇ ଗଛମୂଳରେ ଦେଇ ଗଛମୂଳକୁ ମାଟି ଟେକି ଦେବାକୁ ହେବ । ଏକର ପ୍ରତି ମହଣେ ଆମୋନିଆ ସାର ଓ ଦୁଇ ମହଣ ପିଡ଼ିଆ ଦେବା ଦରକାର ।

## ଆଳୁ ଓ ପିଆଜ

ଆଳୁ ଯେଉଁ ଜମିରେ ଲଗିବ, ତାହାକୁ ଏ ମାସରେ ତିନି ଚାରି ଓଡ଼ ଭଲଭାବରେ ଚାଷ କରି ମାଟି ଗୁଣ୍ଡ

କରିଦେବାକୁ ହେବ । ଚାଷ କଲାବେଳେ ଜମିରେ ଏକର ପ୍ରତି ୧୦।୧୫ ଗାଡ଼ି ଗୋବର ଖତ ଓ ପ୍ରାୟ ଶହେ ମହଣ ସବୁଜସାର ପ୍ରୟୋଗ କରିବା ଉଚିତ ।

ପିଆଜ-ମଂଜିକୁ ଧାଡ଼ିରେ ସିଧାସଳଖ ନ ଲଗାଇ ଚାରା ଲଗାଇବା ଭଲ । ଜମିକୁ ଗଭୀର ଚଷି ଓଡ଼ ଚାଷ କରି ମାଟିକୁ ଗୁଣ୍ଡ କରିଦେବାକୁ ହେବ । ଚାଷ କଲାବେଳେ ଜମିରେ ଏକର ପ୍ରତି ୨୦।୨୫ ଗାଡ଼ି ଗୋବର ଖତ, ଅଢ଼େଇ ମହଣ ସୁପରଫସଫେଟ୍ ଓ ପ୍ରାୟ ଗାଡ଼ି ପାଉଁଶ ମିଶାଇ ଦେବାକୁ ହେବ । ଗୋବର ଖତ ବଦଳରେ ଏକର ପ୍ରତି ପାଞ୍ଚମହଣ ଆମୋନିଆ ସାର ଦିଆଯାଇପାରେ ।

[ ଭାରତୀୟ କୃଷି-ଗବେଷଣା ପରିଷଦର ସୂଚନା ବିଭାଗ ସୌଜନ୍ୟରୁ ପ୍ରାପ୍ତ ]

( ୧୩ ପୃଷ୍ଠାର ଅବଶିଷ୍ଟାଂଶ )

ଆମେରିକାରେ ୩ ଜଣ ଏବଂ ସ୍ୱିଡେନରେ ୨ ଜଣ ମରିଯାନ୍ତି । ପ୍ରତିବର୍ଷ ଅସମୟରେ ଜନ୍ମ ଓ ଦୁର୍ବଳତା ଯୋଗୁ ବହୁତ ଶିଶୁ ମରିଯାଇଥାନ୍ତି । ମୁଁ ଭାବୁଛି, ଶ୍ୱାସରୋଗ ଓ ଡାଇରିଆ ଯୋଗୁ ବହୁତ ମରୁଥାନ୍ତି ।

ଏଥିପାଇଁ ଆମମାନଙ୍କୁ ଶିଶୁ-ସଂସ୍ଥାମାନ ଖୋଲି ପିଲାମାନଙ୍କର ସ୍ୱାସ୍ଥ୍ୟପ୍ରତି ନଜର ଦେବାକୁ ହେବ । ସବୁଠାରୁ ଭଲ ହେବ ଅନ୍ୟ ଦେଶମାନଙ୍କର ଏସବୁ ପାଇଁ ରହିଥିବା ବ୍ୟବସ୍ଥାକୁ ଅନୁକରଣ କରିବା ।

ଭବିଷ୍ୟତରେ ପରିବାର-ଯୋଜନାରୁ ବହୁତ ଉପକାର ମିଳିବ । ତାହା ଶିଶୁମାନଙ୍କର ସ୍ୱାସ୍ଥ୍ୟ ଉନ୍ନତିରେ ସାହାଯ୍ୟ କରିବ । ଶିଶୁମାନଙ୍କ ଅପମୃତ୍ୟୁକୁ ଏହା ରୋକିବ । ମା'ମାନଙ୍କର ସ୍ୱାସ୍ଥ୍ୟପ୍ରତି ଏବଂ ସୁଷମ ଖାଦ୍ୟର ଅଭାବପ୍ରତି ଦୃଷ୍ଟି ଦେବାକୁ ଗାଁଗହଳରେ ଡାକ୍ତରଖାନା ଖୋଲିବାକୁ ହେବ ।

( ୯ମ ପୃଷ୍ଠାର ଅବଶିଷ୍ଟାଂଶ )

## ବିଭେଦକାରୀ ଓ ବିଧର୍ମୀ ମନୋବୃତ୍ତି

ଦେଶରେ ଅଳ୍ପ କେତେକ ସମାଜବିରୋଧୀ ଓ କ୍ଷୁଦ୍ରମନା ଲୋକ ଅଛନ୍ତି, ଯେଉଁମାନଙ୍କର କାମ ହେଲା ସାଂପ୍ରଦାୟିକ ମନୋବୃତ୍ତିକୁ କୁହୁଳାଇ ଦେଶରେ ବିଭେଦ ସୃଷ୍ଟି କରିବା । ସେମାନଙ୍କୁ ସଫଳତାର ସହିତ ଦମନ କରାଯାଉଛି । ସାଂପ୍ରଦାୟିକବାଦୀମାନେ କୌଣସି ଧର୍ମର ନୁହନ୍ତି । ସେମାନେ କେବଳ ବିଭେଦ-ସୃଷ୍ଟିକାରୀ—ଏ ଶାନ୍ତି-ଭୂମିରେ ସେମାନଙ୍କ ପାଇଁ ଆଦୌ ସ୍ଥାନ ନାହିଁ ।

ବିଧର୍ମୀ ମନୋବୃତ୍ତି ମଧ୍ୟରେ ଜାତିଆଣ-ଭାବ, ଧର୍ମାନ୍ଧତା ଓ ଭାଷାନ୍ଧତା କମ୍ ବିପଦର କାରଣ ନୁହେଁ । ସାଂପ୍ରଦାୟିକତାର ବିଷଜ୍ୱାଳା ତ ଅସହ୍ୟ । ଧର୍ମାନ୍ଧତା ଓ ଭାଷାନ୍ଧତା ଦେଶପ୍ରେମର ଅତିରଞ୍ଜନ ଓ ଅଳୀକ ଗର୍ବ ମାତ୍ର । ଭାରତ ଭଳି ଏକ ବିରାଟ ଦେଶରେ ଏଭଳି ସଂକୀର୍ଣ୍ଣ ମନୋବୃତ୍ତି ନାନା ଭୟଙ୍କର ବିପଦ ସୃଷ୍ଟି କରିବ ଏବଂ ଜାତୀୟ ଦୃଷ୍ଟିଭଙ୍ଗୀକୁ ନଷ୍ଟ କରି ପକାଇବ । ପ୍ରତ୍ୟେକ ଅଞ୍ଚଳର ନିଜ ସମସ୍ୟା ଓ ଆଶା-ଅଭିଳାଷ ରହିଛି ଏବଂ ପ୍ରତ୍ୟେକ ଭାଷାର ସ୍ୱୀୟ ଅବଦାନ ମଧ୍ୟ ଅଛି । କିନ୍ତୁ ଆଞ୍ଚଳିକ ଓ ଭାଷାଗତ ସ୍ୱାର୍ଥର ପରିସର ଯେଉଁଠି ଶେଷ ହେଉଛି ସେଇଠାରୁ ଜାତୀୟ ସ୍ୱାର୍ଥର ଆରମ୍ଭ । ଆମେ ମନେ ରଖିବା ଉଚିତ ଯେ ବିଭେଦକାରୀ ମନୋବୃତ୍ତି ସର୍ବଦା ସାମାଜିକ ଓ ସାଂସ୍କୃତିକ ଅଧୋଗତିର ସଂକେତ । ଜାତୀୟ ପରିସ୍ଥିତିର ବାସ୍ତବତା ପ୍ରତି ଦୃଷ୍ଟି ନ ଦେଲେ ସଂପୃକ୍ତ ଆଞ୍ଚଳିକ ଓ ଭାଷାଗତ ସ୍ୱାର୍ଥ ମଧ୍ୟ ସାଧିତ ହୋଇପାରିବ ନାହିଁ ।

# ଚିତ୍ରେ ସମ୍ବାଦ

ଗତ ଅକ୍ଟୋବର ମାସଟି କେତେକ ବିଶିଷ୍ଟ ଘଟଣା ଯୋଗୁଁ ଗୁରୁତ୍ୱପୂର୍ଣ୍ଣ । ୨ ତାରିଖ ଗାନ୍ଧି-ଜୟନ୍ତୀ ଦିନ ପଞ୍ଚାୟତ ପୁରସ୍କାର ସାଙ୍ଗକୁ ଓଡ଼ିଶାରେ ନୂତନ ମନ୍ତ୍ରୀମଣ୍ଡଳ ଗଠନ ଓ ମନ୍ତ୍ରୀମାନଙ୍କ ଶପଥ-ଗ୍ରହଣ ଅନୁଷ୍ଠିତ ହେବା ପରେ ୨୦ ତାରିଖ ଦିନ ଜାତୀୟ-ଏକତା ଦିବସ ଓ ଜାତୀୟ-ଏକତା ସଂକଳ୍ପ ଅଭିଯାନ ଯୋଗୁଁ ସାରା ମାସଟି ଘଟଣାବହୁଳ ହୋଇଥିଲା ।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଇସ୍ତଫା ଦେବା ଫଳରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ରଙ୍କ ଅଧିନାୟକତ୍ୱରେ ଗଠିତ ୧୪ ଜଣିଆ ମନ୍ତ୍ରୀମଣ୍ଡଳର ନାମ ଓ ବିଭାଗ ବଣ୍ଟନ ନିମ୍ନରେ ଦିଆଗଲା :—



ଶ୍ରୀ ବୀରେନ୍ ମିତ୍ର
ମୁଖ୍ୟମନ୍ତ୍ରୀ—ଅର୍ଥ, ଶିଳ୍ପ, ଯୋଜନା ଓ ସମନ୍ୱୟ, ଖଣି ଓ ଭୂତତ୍ତ୍ୱ, ଜଳସେଚନ ଓ ବିଦ୍ୟୁତ୍, ସାଂସ୍କୃତିକ ବ୍ୟାପାର, ସ୍ୱାସ୍ଥ୍ୟ (ସ୍ୱାୟତ୍ତଶାସନ) ଓ ବାଣିଜ୍ୟ ବିଭାଗ



ଶ୍ରୀ ନୀଳମଣି ରାଉତରାୟ
ପଲିଟିକାଲ ଏଣ୍ଡ ସର୍ଭିସେସ୍, ସ୍ୱରାଷ୍ଟ୍ର, ଯୋଗାଣ ଓ ଶ୍ରମ ବିଭାଗ ମନ୍ତ୍ରୀ



ଶ୍ରୀ ସଦାଶିବ ତ୍ରିପାଠୀ
ପ୍ରକଳ୍ପ, ଅବକାରୀ, ସମବାୟ ଓ ଜଙ୍ଗଲ ବିଭାଗ
ମନ୍ତ୍ରୀ



ଶ୍ରୀ ସତ୍ୟପ୍ରିୟ ମହାନ୍ତି
ଶିକ୍ଷା, କୃଷି ଓ ପଶୁଚିକିତ୍ସା, ସମବାୟ ଓ ଜଙ୍ଗଲ
(ଜଙ୍ଗଲ ବ୍ୟତୀତ ଆଉ ସମସ୍ତ ଶାଖା) ବିଭାଗ
ମନ୍ତ୍ରୀ



ଡଃ ପି. ଭି. ଜଗନ୍ନାଥ ରାଓ
ସ୍ୱାସ୍ଥ୍ୟ ବିଭାଗ
ମନ୍ତ୍ରୀ



ଶ୍ରୀ ହରିହର ସିଂହ ମର୍ଦ୍ଦରାଜ
ପୂର୍ତ୍ତ ଓ ପରିବହନ ବିଭାଗ
ମନ୍ତ୍ରୀ



ଶ୍ରୀ ବୃନ୍ଦାବନ ନାୟକ
ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତରାଜ ବିଭାଗ
ମନ୍ତ୍ରୀ



ଶ୍ରୀ ଟି. ସାଙ୍ଗାନ୍ନା
ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ
ମନ୍ତ୍ରୀ



ଶ୍ରୀ ବନମାଳୀ ବାବୁ
ଆଇନ ବିଭାଗ
ମନ୍ତ୍ରୀ



ଶ୍ରୀ ପ୍ରହ୍ଲାଦ ମଲ୍ଲିକ
ଜଳସେଚନ ଓ ବିଦ୍ୟୁତ୍ ବିଭାଗ
ଉପମନ୍ତ୍ରୀ



ଶ୍ରୀ ରାଜ ରତ୍ନମାଦତ୍ୟ ସିଂହ ବରିହା
ପୂର୍ତ୍ତ ବିଭାଗର ପରିବହନ ଶାଖା, ପରିବହନ ବିଭାଗ,
କୃଷି ବିଭାଗର ପଶୁପାଳନ ଶାଖା ଓ ପଶୁଚିକିତ୍ସା ବିଭାଗ
ଉପମନ୍ତ୍ରୀ



ଶ୍ରୀମତୀ ସରସ୍ୱତୀ ପ୍ରଧାନ
ଶିକ୍ଷା ବିଭାଗ
ଉପମନ୍ତ୍ରୀ



ଶ୍ରୀ ସନ୍ତୋଷକୁମାର ସାହୁ
ସ୍ୱାସ୍ଥ୍ୟ ବିଭାଗର ସ୍ୱାୟତ୍ତଶାସନ ଶାଖା, ସାଂସ୍କୃତିକ ବ୍ୟାପାର ବିଭାଗ,
ସମବାୟ ବିଭାଗର ସମବାୟ ଶାଖା ଏବଂ ଜଙ୍ଗଲ ବିଭାଗର
ଉପମନ୍ତ୍ରୀ



ଶ୍ରୀ ଚନ୍ଦ୍ରମୋହନ ସିଂହ
ଶ୍ରମ ବିଭାଗ ଓ ସ୍ୱରାଷ୍ଟ୍ର ବିଭାଗ (ଜେଲ ଶାଖା)
ଉପମନ୍ତ୍ରୀ

# ଓଡ଼ିଶାର ପଞ୍ଚାୟତଶିଳ୍ପ ଦିଗରେ ନୂତନ ପଦକ୍ଷେପ

ଅକ୍ଟୋବର ୨ ତାରିଖରେ ଓଡ଼ିଶାର ପଞ୍ଚାୟତ-ପୁରସ୍କାର ବିତରଣ କରିଥିଲେ—ରାଜ୍ୟପାଳ ଡକ୍ଟର ଖୋସଲା । ଏ ବର୍ଷର ନୂଆ କଥା ହେଉଛି ଯେ ବଡ଼ ବଡ଼ ଶିଳ୍ପ ସ୍ଥାପନ ପାଇଁ ତିନୋଟି ପଞ୍ଚାୟତକୁ ଏକ କୋଟି ଟଙ୍କା ଲେଖାଏଁ ରାଜ୍ୟ ପ୍ରଶସ୍ତି ପୁରସ୍କାର ଦିଆଯିବା ସଙ୍ଗେ ସଙ୍ଗେ ନୂଆ ହୋଇ ସର୍ବୋତ୍କୃଷ୍ଟ ମହିଳା ସମିତି ଓ ଯୁବକ ସଂଘଙ୍କୁ ପୁରସ୍କାର ଦିଆଯାଇଛି ।

ଚିତ୍ରରେ—



କୋରାପୁଟର ପଦ୍ମପୁର ଗ୍ରାମପଞ୍ଚାୟତର ସରପଞ୍ଚ ରାଜ୍ୟପାଳଙ୍କ ହାତରୁ କପ୍ ନେଉଛନ୍ତି



ବାଲେଶ୍ୱର ଜିଲ୍ଲା ବାସୁଦେବପୁର ପଞ୍ଚାୟତ ସମିତିର ପୋଡ଼ାଡ଼ିହ ଗ୍ରାମପଞ୍ଚାୟତ ତରଫରୁ ସରପଞ୍ଚ ପୁରସ୍କାର ଗ୍ରହଣ କରୁଛନ୍ତି



ଗତ ବର୍ଷରେ ଚୀନା ଅଭିଯାନ ସମୟରେ ଦେଶର ପୋଲିସ ବାହିନୀର ଯେଉଁ କର୍ମଚାରୀମାନେ ଜୀବନବଳୀ ଦେଇଥିଲେ, ସେମାନଙ୍କ ସ୍ମୃତି ପାଳନ ଉଦ୍ଦେଶ୍ୟରେ ୨୧।୧୦।୬୩ ତାରିଖରେ ଭୁବନେଶ୍ୱରଠାରେ ପୋଲିସ ପ୍ୟାରେଡ଼ ଅନୁଷ୍ଠିତ ହୋଇଥିଲା

ଚିତ୍ରରେ—ପ୍ୟାରେଡ଼ରେ ଯୋଗଦେଲେ ପୋଲିସମାନେ ଭୁବନେଶ୍ୱରସ୍ଥ ପୋଲିସ ପ୍ରତିମୂର୍ତ୍ତି ସମ୍ମୁଖରେ ଅସ୍ତ୍ର ନତ କରିଥିବା ଦେଖାଯାଉଛି



ଖୋର୍ଦ୍ଧା ନିକଟବର୍ତ୍ତୀ ଏକ ସ୍ଥାନରେ ଓଡ଼ିଶା ଏନ୍.ସି.ସି.ର ପ୍ରଥମ ବାହିନୀଙ୍କ ସୁଦୂର-ଲକ୍ଷ୍ୟ-ଭେଦ ଶିକ୍ଷା ପରିଦର୍ଶନ କରୁଛନ୍ତି—ଓଡ଼ିଶାର ଶିକ୍ଷାମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି



# ବେତାର ଶ୍ରୋତାମଣ୍ଡଳୀ

ଦେଶରେ କାର୍ଯ୍ୟକାରୀ ହେଉଥିବା ପଞ୍ଚବାର୍ଷିକ ଯୋଜନାର ସଫଳତା ପୂରାପୂରି ଜାତୀୟ ଉଦ୍ୟମ ଉପରେ ନିର୍ଭର କରିଥାଏ । ଅନ୍ୟ ପକ୍ଷରେ ଯୋଜନାର ବିଭିନ୍ନ ଲକ୍ଷ୍ୟକୁ ହାସଲ କରିବା ଉଦ୍ଦେଶ୍ୟରେ ଦେଶବାସୀଙ୍କ ସହଯୋଗ ଉପରେ ବହୁ ଗୁରୁତ୍ୱ ଆରୋପ କରାଯାଇଛି । ତେଣୁ ପ୍ରଥମେ ଆବଶ୍ୟକ ହେଲା ଯୋଜନାର ବିଭିନ୍ନ ଲକ୍ଷ୍ୟ ସମ୍ପର୍କରେ ଦେଶବାସୀଙ୍କୁ ସଚେତନ କରାଇ ସେମାନଙ୍କ ମଧ୍ୟରେ ଉତ୍ସାହ ତଥା ଉଦ୍ଦୀପନା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଲକ୍ଷ୍ୟ ହାସଲ ଦିଗରେ ସେମାନଙ୍କୁ ପରିଚାଳିତ କରିବା । ଯେଉଁ ଦେଶରେ ଶିକ୍ଷିତଙ୍କ ସଂଖ୍ୟା ନିତାନ୍ତ କମ୍, ସେଭଳି ଦେଶରେ ଗଣଶିକ୍ଷାର ପ୍ରଧାନ ମାଧ୍ୟମ ହେଲା "ଦୃଷ୍ଟି ଏବଂ କର୍ଣ୍ଣ" । ତେଣୁ ଦେଶବାସୀଙ୍କୁ ସଚେତନ କରାଇ ଜାତୀୟ ଉଦ୍ୟମକୁ ଦୃଢ଼ୀଭୂତ କରିବା ଦିଗରେ "ବେତାର"ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଦେଶର ଏହି ପରିବର୍ତ୍ତିତ ପରିସ୍ଥିତିରେ ବେତାରର ଗୁରୁତ୍ୱ ଦ୍ୱିଗୁଣ ବୃଦ୍ଧି ପାଇଛି ।

ବେତାର-ପ୍ରସାରକୁ ଫଳପ୍ରଦ କରିବାକୁ ହେଲେ ଏହାର ପ୍ରସାର ଏବଂ ଶ୍ରୋତା—ଉଭୟ ଦିଗପ୍ରତି ଦୃଷ୍ଟି ଦେବାକୁ ହେବ । ପ୍ରଥମତଃ ସମଗ୍ର ଦେଶରେ ବହୁସଂଖ୍ୟକ ବେତାର କେନ୍ଦ୍ର (ଷ୍ଟୁଡିଓ) ଓ ଟ୍ରାନ୍ସମିଟର ସ୍ଥାପନ କରି ସମସ୍ତ ଆଞ୍ଚଳିକ ଭାଷାରେ କାର୍ଯ୍ୟକ୍ରମ ପ୍ରସାରିତ ହେବା ଆବଶ୍ୟକ । ଅନ୍ୟପକ୍ଷରେ ପ୍ରତି ଗ୍ରାମ ତଥା ପରିବାରରେ କାର୍ଯ୍ୟକ୍ରମ ଶୁଣିବାର ବ୍ୟବସ୍ଥା ଥିବା ମଧ୍ୟ ଆବଶ୍ୟକ ।

ବେତାର-ପ୍ରସାର କ୍ଷେତ୍ରରେ ଆକାଶବାଣୀ ତରଫରୁ ବ୍ୟାପକ ଅଗ୍ରଗତି ହୋଇଛି । ୧୯୪୭ ମସିହାରେ ସାରା ଦେଶରେ ୬ଟି ବେତାର କେନ୍ଦ୍ର ଥିବାସ୍ଥଳେ ୧୯୬୨ ମସିହାରେ ଏହା ୩୦କୁ ବୃଦ୍ଧି ପାଇଛି । ବର୍ତ୍ତମାନ ୬୬ଟି ଟ୍ରାନ୍ସମିଟର ମଧ୍ୟ ସ୍ଥାପନ କରାଯାଇ ୧୭ଟି ଭାଷାରେ କାର୍ଯ୍ୟକ୍ରମ ପ୍ରସାରିତ ହେଉଛି । ଲଘୁ କାର୍ଯ୍ୟକ୍ରମ (ବିବିଧ ଭାରତୀ) ପ୍ରସାର ପାଇଁ ଅଧିକା ୨ଟି ବେତାର କେନ୍ଦ୍ର ଓ କମ୍ ଶକ୍ତିବିଶିଷ୍ଟ ୧୩ଟି ଟ୍ରାନ୍ସମିଟର ପ୍ରତିଷ୍ଠା କରାଯିବ । ଏହା ବ୍ୟତୀତ ୬ଟି ଟ୍ରାନ୍ସମିଟରକୁ ଅଧିକ ଶକ୍ତିଶାଳୀ କରାଯିବ । ଏହା

୧୨

ଫଳରେ ଶତକଡ଼ା ୭୫ ଭାଗରୁ ଊର୍ଦ୍ଧ୍ୱ ଦେଶବାସୀ ବେତାର କାର୍ଯ୍ୟକ୍ରମଦ୍ୱାରା ଉପକୃତ ହେବେ ।

ଅନ୍ୟପକ୍ଷରେ ବେତାର କାର୍ଯ୍ୟକ୍ରମ ବିଭିନ୍ନ ଦିଗରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସର୍ବସାଧାରଣ ଯେପରି ଏହି ସୁଯୋଗ ନେଇ ପାରିବେ, ସେଥିପାଇଁ କମ୍ ଦାମର ରେଡ଼ିଓ ତିଆରି କରାଯାଉଛି । ବର୍ତ୍ତମାନ ୧୨୫ ଟଙ୍କା ଦାମର ଜନତା ରେଡ଼ିଓ ବଜାରରେ ବିକ୍ରି ହେଉଛି ।

ଏହାଛଡ଼ା ଗ୍ରାମବାସୀଙ୍କ ସୁବିଧା ଦୃଷ୍ଟିରୁ ୧୯୭୫-୭୬ ମସିହାରେ କେନ୍ଦ୍ର ସୂଚନା ଓ ବେତାର ମନ୍ତ୍ରାଳୟଦ୍ୱାରା 'କମ୍ୟୁନିଟି ଲିସନିଂ' ପରିକଳ୍ପନାକୁ କାର୍ଯ୍ୟକାରୀ କରାଯାଇଛି । ଏହି ପରିକଳ୍ପନାର ଲକ୍ଷ୍ୟ ହେଲା, ଗ୍ରାମାଞ୍ଚଳକୁ ସ୍ୱଳ୍ପ ଦାମରେ ରେଡ଼ିଓ ସେଟ୍ ଯୋଗାଇ ଦେବା । ତଦନୁଯାୟୀ ଏକ ନୂତନ ଧରଣର ମଜବୁତ ରେଡ଼ିଓ ସେଟ୍ ଯୋଗାଇ ଦିଆଯାଉଛି । ଏହି ରେଡ଼ିଓ ଦାମରୁ ଟ ୧୨୫/ କେନ୍ଦ୍ର ସରକାର, ଟ ୭୫/ ଗ୍ରାମବାସୀ ଏବଂ ଅବଶିଷ୍ଟ ରାଜ୍ୟ ସରକାର ବହନ କରିଥାନ୍ତି । ଏହା ବ୍ୟତୀତ ବିନା ଖର୍ଚ୍ଚରେ ରାଜ୍ୟ ସରକାରଙ୍କ ତରଫରୁ ରେଡ଼ିଓଗୁଡ଼ିକୁ ମରାମତି କରାଯିବାର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ସର୍ବମୋଟ ୪୬,୯୯୨ଟି ଗ୍ରାମ ମଧ୍ୟରୁ ପଞ୍ଚମ ଯୋଜନା ଶେଷସୁଦ୍ଧା ୧୦,୦୦୦ଟି ଗ୍ରାମରେ ରେଡ଼ିଓ ଯୋଗାଇଦେବା ପାଇଁ ସ୍ଥିର କରାଯାଇଥିଲା; କିନ୍ତୁ ମୂଲ୍ୟ ବୃଦ୍ଧି ଫଳରେ ୮୩୭୮ଟି ରେଡ଼ିଓ ଯୋଗାଇ ଦିଆଯାଇଛି । ଷଷ୍ଠ ଯୋଜନାରେ ୩୦୦୦ ରେଡ଼ିଓ ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଦେଶର ବର୍ତ୍ତମାନ ପରିସ୍ଥିତି ଯୋଗୁ ସାରା ଦେଶକୁ ବେତାର କାର୍ଯ୍ୟକ୍ରମର ପରିସର ମଧ୍ୟକୁ ଆଣିବା ପାଇଁ ସ୍ଥିର କରାଯାଇଥିବାରୁ ଷଷ୍ଠ ଯୋଜନାର ଲକ୍ଷ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ଏହା ମଧ୍ୟରେ ସମ୍ବଲପୁରରେ ୨୦ କିଲୋଓ୍ୱାଟ ଶକ୍ତିବିଶିଷ୍ଟ ଗୋଟିଏ ଟ୍ରାନ୍ସମିଟର ସ୍ଥାପନ କରାଯାଇଛି । ଏ ଧରଣର ଆଉ ଏକ ଟ୍ରାନ୍ସମିଟର ୧୯୭୩ ମସିହା ଶେଷ ସୁଦ୍ଧା ଜୟପୁରଠାରେ ସ୍ଥାପନ କରାଯିବ । ଏହା ଫଳରେ ସାରା ରାଜ୍ୟରେ ବେତାର କାର୍ଯ୍ୟକ୍ରମ ଶୁଣାଯାଇପାରିବ ।

ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବାକୁ ହେଲେ ଏହାର ସୁପରିଚାଳନା ମଧ୍ୟ ତତୋଽଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ରେଡ଼ିଓଗୁଡ଼ିକର ମରାମତି ପାଇଁ ସାରା ରାଜ୍ୟରେ ୩୭ଟି ମରାମତି କେନ୍ଦ୍ର ସ୍ଥାପନ କରାଯାଇଛି ଓ ୪୧ ଜଣ ରେଡ଼ିଓ-ଇନ୍ସପେକ୍ଟର ଓ ଜଣେ ଇଞ୍ଜିନିୟରିଂ ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତ କରାଯାଇଛି । ଏହାଛଡ଼ା କମ୍ୟୁନିଟି ରେଡ଼ିଓ ପାଇଁ ବିନା ଲାଇସେନ୍ସରେ ରେଡ଼ିଓ ବ୍ୟବହାର ଓ ରେଡ଼ିଓ କଳକବ୍ଜା ମଧ୍ୟ ବିକ୍ରି କରାଯିବାର ବ୍ୟବସ୍ଥା କରାଯାଇଛି ।

ଜନସାଧାରଣଙ୍କ ସହଯୋଗ ବିନା କୌଣସି ପରିକଳ୍ପନାକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ । ତେଣୁ ଏ କ୍ଷେତ୍ରରେ ମଧ୍ୟ ଦେଶବାସୀଙ୍କ ସହଯୋଗ ଅପରିହାର୍ଯ୍ୟ ।

# ଭାରତରେ ଡକାୟତ ସମସ୍ୟା

ଯେଉଁମାନେ ଡକାୟତମାନଙ୍କ ସମ୍ପର୍କରେ ଆସିନାହାନ୍ତି, ସାଧାରଣତଃ ସେହିମାନେ ହିଁ କହୁଥାନ୍ତି ଯେ, କୁଖ୍ୟାତ ଡକାୟତମାନଙ୍କୁ ଦୂର କରିବା ପାଇଁ ପୋଲିସ କର୍ମଚାରୀମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ପୂରାପୂରି ନିଷ୍ଫଳ ହେଉଛି । ଡକାୟତମାନଙ୍କ ଦୌରାତ୍ମ୍ୟ ଆଗେ ଯାହା ଥିଲା, ଆଜିକାଲି ବି ଠିକ୍ ସେଇଆ ଅଛି । କିନ୍ତୁ ବାସ୍ତବିକ୍ ଏହା ଏକ ଭୁଲ ଧାରଣା । କାରଣ ଯେଉଁମାନେ ଡକାୟତଙ୍କ ସମ୍ପର୍କରେ ଆସି ନାହାନ୍ତି କିମ୍ବା ଡକାୟତ ଉପଦ୍ରୁତ ଅଞ୍ଚଳରେ ବସବାସ କରିନାହାନ୍ତି, ସେମାନେ ଏହି ସମସ୍ୟାକୁ ଉପଲବ୍ଧି କରି ପାରିବେ ନାହିଁ । ପ୍ରକୃତରେ ଦେଖିବାକୁ ଗଲେ ଗତ କେଇ ବର୍ଷ ମଧ୍ୟରେ ଏ ଦିଗରେ ବହୁ ପରିବର୍ତ୍ତନ ଘଟିଛି ଓ ପରିସ୍ଥିତିରେ ମଧ୍ୟ ଉନ୍ନତି ହୋଇଛି ।

ଭାରତରେ ମଧ୍ୟପ୍ରଦେଶର ଚମ୍ବଲ ଉପତ୍ୟକା ହେଉଛି ସର୍ବାଧିକ ଉପଦ୍ରୁତ ଅଞ୍ଚଳ । ଆଜିକାଲି ଏହି ଅଞ୍ଚଳର ପରିସ୍ଥିତିରେ ବହୁ ଉନ୍ନତି ଘଟିଛି । ୧୯୫୫ ମସିହା ସୁଦ୍ଧା କୁଖ୍ୟାତ ଡକାୟତ ମାନସିଂର ଦଳଟି ଏହି ଅଞ୍ଚଳରେ ବ୍ୟାପକ ଉପଦ୍ରବ ଓ ଅପକର୍ମରେ ଲିପ୍ତ ରହିଥିଲା । ପ୍ରାୟ ୧୫ ବର୍ଷ ମଧ୍ୟରେ ଏହି ଡକାୟତଦଳ ଯୋଗୁଁ ପୋଲିସ କର୍ମଚାରୀଙ୍କୁ ୩୭ଟି ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ୧୯୫୫ ମସିହାରେ ମାନସିଂ ନିହତ ହେବାପରେ ଗୋଟିଏ ଯୁଗର ଅବସାନ ଘଟିଲା । କିନ୍ତୁ ଏହାପରେ ଛୋଟ ଛୋଟ ୬୦ଟି ଡକାୟତଦଳର ଆବିର୍ଭାବ ହେଲା । ଜନସାଧାରଣଙ୍କ ନିକଟରୁ କୌଣସି ସମର୍ଥନ ନ ମିଳିବାରୁ ଏହି ଡକାୟତଦଳ ବେଶି ଦିନ ତିଷ୍ଠି ରହିପାରିଲେ ନାହିଁ । ୧୯୫୯ ମସିହାରେ ପୋଲିସ କର୍ମଚାରୀ ତଥା ଜନସାଧାରଣଙ୍କ ଉଦ୍ୟମରେ ଏ ସମସ୍ତ ଦଳ ଧରାହେଲେ ଏବଂ ରୂପା, ଲକ୍ଷ୍ମଣ, ଅମୃତଲାଲ ଓ ପାନ୍ନା ଆଦି ଦୁର୍ଦ୍ଦାନ୍ତ ଡକାୟତ ସର୍ଦ୍ଦାରଙ୍କୁ ମୂଳପୋଛ କରି ଦିଆଗଲା; କିନ୍ତୁ ଏହି ଦଳର କେତେକ ବ୍ୟକ୍ତି ଆଜି ସୁଦ୍ଧା ଅଛନ୍ତି । ବର୍ତ୍ତମାନ ସମସ୍ୟା ହେଲା—ଏହି ଡକାୟତମାନଙ୍କୁ ଏବଂ ନୂଆ ହୋଇ ଯୋଗଦେଇ-ଥିବା ଡକାୟତଙ୍କୁ ମୂଳପୋଛ କରିବା । ବର୍ତ୍ତମାନ ଏହି ଡକାୟତମାନେ ଲୁଣ୍ଠନ ଓ ନରହତ୍ୟା ଆଦି ବିଭିନ୍ନ ଅପକର୍ମରେ ଲିପ୍ତ ରହିଛନ୍ତି । ସେମାନଙ୍କର ପ୍ରଧାନ କାମ ହେଲା ଛୋଟ ଛୋଟ ଶିଶୁମାନଙ୍କୁ ଅପହରଣ କରିବା ।

ଡକାୟତମାନଙ୍କୁ ନିପାତ କରିବା ଦିଗରେ ପୋଲିସ କର୍ମଚାରୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତନ୍ମଧ୍ୟରୁ ଗୋଟିଏ ହେଲା— ସାଧାରଣ ଗ୍ରାମବାସୀ ଓ ଡକାୟତମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ବାରି ହୁଏ ନାହିଁ । ଫଳରେ ଦୁର୍ଦ୍ଦାନ୍ତ ଡକାୟତଙ୍କୁ ନିରୀହ ଗ୍ରାମବାସୀ ଭାବି ପୋଲିସ ଛାଡ଼ିଦେଇଥାନ୍ତି । ଅନ୍ୟପକ୍ଷରେ ଡକାୟତମାନେ ପୋଲିସ ହାତୁଡ଼ରେ ଚଢ଼ିଲେ ନିରୀହ ଗ୍ରାମବାସୀ ପରି ଅଭିନୟ କରିଥାନ୍ତି । କେତେ ମାସ ତଳେ ଭିନ୍ଦ୍ ଜିଲ୍ଲାରେ ଠିକ୍ ଏଭଳି ଘଟଣା ଘଟିଥିଲା । ଗୋଟିଏ ଧୂର୍ତ୍ତ ଡକାୟତଦଳ ନିରୀହ ଗ୍ରାମବାସୀ ଭଳି ଅଭିନୟ କରି ଖସି ପଳାଇବାକୁ ଉଦ୍ୟମ କରୁଥିଲେ; କିନ୍ତୁ ପୋଲିସ କର୍ମଚାରୀଙ୍କ ଚତୁରତା ଯୋଗୁଁ ଶେଷରେ ୩ ଜଣ

ଧରାହେଲେ । ଅନ୍ୟ ଏକ ଡାକୁ ବଚେରସିଂ ଏ ଧରଣର ଧୂର୍ତ୍ତ କାର୍ଯ୍ୟରେ ବିଶେଷ ପାରଙ୍ଗମ ଥିଲା ।

ବର୍ତ୍ତମାନ ଡାକୁଙ୍କ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଛି । କୁଖ୍ୟାତ ଚମ୍ବଲ ଅଞ୍ଚଳରେ ବି ଖୁବ୍ କମ୍ ସଂଖ୍ୟକ ଡାକୁଦଳ ଅଛନ୍ତି । ଏହି ଅଞ୍ଚଳରେ ଆତ୍ମଗୋପନ କରି ରହିଥିବା ଦଳଗୁଡ଼ିକର ବିଶେଷତ୍ୱ ହେଲା ଯେ ସେମାନେ ଦୌଡ଼ି ପଳାଇଯିବାରେ ବିଶେଷ ପାରଙ୍ଗମ । କିନ୍ତୁ ଏହି ଅଞ୍ଚଳଟି ବହୁ ନଦନଦୀ ଓ ଘନ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହି ଡାକୁମାନଙ୍କୁ ମୂଳପୋଛ କରିବା ଏକ ସମସ୍ୟା ହୋଇ ଦେଖାଦେଇଛି । ଏହି ଅଞ୍ଚଳରେ ଗମନାଗମନର କୌଣସି ସୁବିଧା ମଧ୍ୟ ନାହିଁ । ଏ ସମସ୍ତ ଅସୁବିଧା ଯୋଗୁଁ ଏହି ଅଞ୍ଚଳଟି କୁଖ୍ୟାତ ଡାକୁମାନଙ୍କର ଆଶ୍ରୟସ୍ଥଳ ତଥା ଆତ୍ମଗୋପନ ପାଇଁ ବିଶେଷ ଉପଯୋଗୀ ।

ଡକାୟତମାନଙ୍କୁ ନିପାତ କରିବା ଦିଗରେ ପୋଲିସ କର୍ମଚାରୀଙ୍କ ଅଭାବ ହିଁ ଅନ୍ୟ ଏକ ସମସ୍ୟା । ପ୍ରତ୍ୟେକ ରାଜ୍ୟର ପୋଲିସବାହିନୀ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡୁଥିବାରୁ ଡକାୟତି-ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦିଆଯାଇ ପାରୁନାହିଁ । କିନ୍ତୁ ଅନ୍ୟାନ୍ୟ ଦିଗରୁ କାର୍ଯ୍ୟର ଚାପ ସେତେବେଳେ କମିଯାଇଛି, ସେତେବେଳେ ପୋଲିସବାହିନୀକୁ ଏ ଦିଗରେ ପୁରାପୁରି ନିଯୁକ୍ତ କରାଯାଇ ଡାକୁମାନଙ୍କୁ ମୂଳପୋଛ କରିବା ଦିଗରେ ଉଦ୍ୟମ ହେଉଛି । ଚଳିତ ବର୍ଷ ଜାନୁଆରୀ ମାସରେ ରାଜସ୍ଥାନ ଓ ଉତ୍ତରପ୍ରଦେଶର ପୋଲିସବାହିନୀର ବ୍ୟାପକ ଉଦ୍ୟମ ଫଳରେ ୫୮ ଜଣ ଡାକୁ ଧରାପଡ଼ିଥିଲେ ।

ଡକାୟତମାନଙ୍କୁ ମୂଳପୋଛ କରିବା ଦିଗରେ ଗ୍ରାମବାସୀଙ୍କ ଏକତା ତଥା ସହଯୋଗ ଏକାନ୍ତ ପ୍ରୟୋଜନୀୟ । ଯେଉଁଠାରେ ଗ୍ରାମବାସୀଙ୍କ ମଧ୍ୟରେ ବିଭେଦ ଲାଗିରହିଥାଏ, ସେଠାରେ ଡକାୟତି ପାଇଁ ଯଥେଷ୍ଟ ସୁବିଧା ମିଳେ । ଡକାୟତମାନଙ୍କୁ ପ୍ରତିରୋଧ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ କୌଣସି ଉଦ୍ୟମ ହୁଏ ନାହିଁ । ଫଳରେ ଡକାୟତମାନେ ଅନାୟାସରେ ତାଙ୍କର ଲକ୍ଷ୍ୟ ହାସଲ କରି ନଅନ୍ତି । ଏ ଦିଗରେ ଗ୍ରାମରକ୍ଷା ସମିତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଭିଜ୍ଞତାରୁ ଦେଖାଯାଇଛି ଯେ ଯେଉଁ ସମସ୍ତ ଗ୍ରାମରେ ଗ୍ରାମରକ୍ଷାବାହିନୀ ଗଠନ କରା-ଯାଇଛି, ସେ ସମସ୍ତ ଗ୍ରାମ ଡକାୟତିରୁ ପୁରାପୁରି ମୁକ୍ତ ନ ହେଲେ ବି ବହୁ ପରିମାଣରେ ମୁକ୍ତ । ତେଣୁ ଡକାୟତ ଭଳି ଏକ ଅସାମାଜିକ ଗୋଷ୍ଠୀଙ୍କୁ ସମାଜରୁ ପୁରାପୁରି ମୂଳପୋଛ କରିବାକୁ ହେଲେ ଗ୍ରାମବାସୀଙ୍କ ମିଳିତ ସହଯୋଗ ଅପରିହାର୍ଯ୍ୟ ।

● ●

# ଘଟଣାପଞ୍ଜି

## ( ସେପ୍‌ଟେମ୍ବର, ୧୯୬୩ )

**ଆନ୍ତର୍ଜାତିକ**

୧।୯।୬୩—୧୦୨ଟି ସଭ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ରେଡ୍ କ୍ରସ୍ ସଂସ୍ଥାର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇଥିଲେ ।

୨।୯।୬୩—ଇଂରେଜ କବି ଓ ନାଟ୍ୟକାର ମିଷ୍ଟର ଲୁଇସ ମାକନିସ୍ ଇହଧାମ ସମ୍ବରଣ କଲେ ।

ପୂର୍ବ ଆଫ୍ରିକାସ୍ଥ ଶ୍ରମିକ ସଂଘ ସମୂହ ଉକ୍ତ ଶ୍ରମିକ ସଂଘ ଆନ୍ଦୋଳନ ଉପରେ ଗୋଟିଏ ମିଳିତ ସଂଘ ସ୍ଥାପନ କରିବା ପାଇଁ ରାଜି ହୋଇଅଛନ୍ତି ।

୪।୯।୬୩—ୟୁନାଇଟେଡ୍ ଷ୍ଟେଟସ ଡଲାର କଣ୍ଟ୍ରୋଲ୍ ଆମେରିକା ବାହାରେ ୧୦୦ ନିୟୁତ ସଂଖ୍ୟା ପର୍ଯ୍ୟନ୍ତ ବଣ୍ଡସ୍କୁ ପୃଥିବୀ ବ୍ୟାଙ୍କ ଘୋଷଣା କଲେ ।

୬।୯।୬୩—ଚୀନ ରୁଷିଆର କମ୍ୟୁନିଷ୍ଟ ନେତାମାନଙ୍କ ଉପରେ ତୀବ୍ର ଆକ୍ରମଣ କରି ଅସଂଖ୍ୟ ଚୀନା ନାଗରିକ ସିଙ୍କିଆଙ୍ଗ ସୀମା ଟପିବାରେ ବାଧା ଦିଆଯାଉଛି ଓ ସେମାନଙ୍କୁ ହସ୍ତାନ୍ତର କରିବାରେ ବାଧା ଦିଆଯାଉଛି ବୋଲି ନିନ୍ଦା କରିଛି ।

ଫ୍ରାନସ୍ ବ୍ୟାଙ୍କର ପୂର୍ବତନ ସରକାରୀ ଗଭର୍ଣ୍ଣର ମିଷ୍ଟର ପିରେପଲ ଯ୍ୟାକର ଆନ୍ତର୍ଜାତିକ ଆର୍ଥିକ ପାଣ୍ଠିର ମ୍ୟାନେଜିଂ ଡିରେକ୍ଟରରୂପେ ନିଯୁକ୍ତ ହେଲେ ।

୭।୯।୬୩—ଫ୍ରାନସିସ୍କୋ ରୋଜିଙ୍କ ନିର୍ଦ୍ଦେଶିତ ଇଟାଲୀୟ ଚଳଚ୍ଚିତ୍ର 'ଲେ ମାନସୁଲ୍ ସିଟା' (ହ୍ୟାଣ୍ଡସ୍ ଅନ ଦି ସିଟି) ଭେନିସ୍ ଚଳଚ୍ଚିତ୍ର ଉତ୍ସବରେ ଗୋଲ୍ଡ଼ ଲାୟନ ପୁରସ୍କାର ଲାଭ କରିଛି ।

୮।୯।୬୩—ଭାରତୀୟ ଜାହାଜ ପ୍ରଦର୍ଶନୀରେ ପ୍ରଦର୍ଶିତ ଯାଇଥିବା ସମସ୍ତ ଲକ୍ଷ୍ୟ ଯନ୍ତ୍ରପାତିକୁ ସୋଭିଏଟ୍ ୟୁନିୟନ କିଣି ନେଇଛି ।

୯।୯।୬୩—ରୁଷିଆ ସରକାର ଗୋଟିଏ ଚୀନା ଟ୍ରେନରେ ଏହାର ପରିଷ୍କାରକବୃନ୍ଦ ଓ ଯାତ୍ରୀମାନଙ୍କୁ ଫେରାଇ ଦେଇଛି ବୋଲି ଜଣାଇଛନ୍ତି ।

୧୦।୯।୬୩—ପାକିସ୍ତାନ ଏବଂ ଚୀନ ଉଭୟ ଏକ ପ୍ରତିରକ୍ଷା-ମେଣ୍ଟରେ ଆବଦ୍ଧ ଥିବା ସମ୍ବାଦକୁ ପାକିସ୍ତାନ ମନା କରି ଦେଇଛି ।

୧୦।୯।୬୩—ବ୍ରିଟେନ ଏବଂ ସମାନ ମାର୍କେଟ ଏକ ଦୁଇବର୍ଷିଆ ନବୀକରଣକ୍ଷମ ଚୁକ୍ତି ସ୍ୱାକ୍ଷର କରି ଚା ଏବଂ ଉଷ୍ଣମଣ୍ଡଳୀୟ ଶକ୍ତ କାଠ ପ୍ରଭୃତି ଆମଦାନୀ ଦ୍ରବ୍ୟ ଉପରୁ ଶୁଳ୍କ ଉଠାଇ ଦେଇଅଛନ୍ତି ।

୧୨।୯।୬୩—ମଙ୍ଗୋଲ ଏବଂ ଟର୍କୋମାନବଂଶୀୟ ୬୦ ହଜାର ଚୀନ୍ ଜାତୀୟ ଲୋକଙ୍କର

ସ୍ୱଦେଶାଗମନକୁ ସୋଭିଏଟ୍ ୟୁନିୟନ ମନା କରି ଦେଇଅଛି । ସେମାନେ ଅଳ୍ପ ଦିନତଳେ ସୋଭିଏଟ୍ ମଧ୍ୟ-ଏସିଆରେ ଶରଣ ନେଇଥିଲେ ।

୧୩।୯।୬୩—ୟୁନାଇଟେଡ଼ ନେସନ୍ସ ସିକ୍ୟୁରିଟି କାଉନସିଲର ପ୍ରସ୍ତାବକୁ ନାକଚ କରିବା ପାଇଁ ବ୍ରିଟେନ ତାର ନିଜସ୍ୱ ନା-ମଞ୍ଜୁରି କ୍ଷମତା (ଭେଟୋ) ପ୍ରୟୋଗ କରି ଦକ୍ଷିଣ ରୋଡେସିଆର ବର୍ତ୍ତମାନ ସରକାରଙ୍କୁ କୌଣସି କ୍ଷମତା କିମ୍ବା ସାର୍ବଭୌମ କ୍ଷମତା ପ୍ରଦାନ, ସୈନ୍ୟ ଫୌଜ କିମ୍ବା ବିମାନ ପ୍ରଦାନକୁ ବାରଣ କରିଅଛନ୍ତି ।

୧୪।୯।୬୩—ଉପନିବେଶବାଦ ପାଇଁ ଗଠିତ ୟୁନାଇଟେଡ଼ ନେସନ୍ସର ସ୍ୱତନ୍ତ୍ର କମିଟି ସର୍ବସମ୍ମତିକ୍ରମେ ଏକ ଆଫ୍ରୋ-ଏସିଆନ୍ ପ୍ରସ୍ତାବ ଗଠନ କରି ଅବିଳମ୍ବେ 'ଗାମ୍ବିଆର' ସ୍ୱାଧୀନତା ଘୋଷଣା କରିବାକୁ ଦାବି କରିଅଛନ୍ତି ।

୧୫।୯।୬୩—ୟୁନାଇଟେଡ଼ ଷ୍ଟେଟ୍ସ ସଂଗଠନ ଦକ୍ଷିଣ ଭିଏଟ୍‌ନାମର ହିସ୍ତୁ ୟୁନିଭରସିଟିକୁ ସାହାଯ୍ୟ ଦାନ ସ୍ଥଗିତ ରଖିଅଛନ୍ତି । ପ୍ରଧାନମନ୍ତ୍ରୀ ଅହମେଦ ବେନବେଲ୍ଲା ଆଲଜେରିଆର ପ୍ରଥମ ସଭାପତି ହେଲେ ।

୧୬।୯।୬୩—କାମେରୁନର ବୈଦେଶିକ ମନ୍ତ୍ରୀ ମିଷ୍ଟର ଜନ୍ ଫଷ୍ଟିନ୍ ବିଟାୟିନ୍ ରାଷ୍ଟ୍ରପତି ଅହମଦ ଆହିଦଜୋଙ୍କଦ୍ୱାରା ପଦଚ୍ୟୁତ ହେଲେ ।

୧୭।୯।୬୩—ମାଲୟେସିଆର ନୂତନ ସରକାର ତାର କୂଟନୈତିକ ସମ୍ପର୍କ ଇଣ୍ଡୋନେସିଆଠାରୁ ବିଚ୍ଛିନ୍ନ କରି ଏଠାରେ ଥିବା ରାଷ୍ଟ୍ରଦୂତଙ୍କୁ ଫିଲିପାଇନସକୁ ଡକାଇ ନେଇଛି ।

ପ୍ରଫେସର ଏଡୱାର୍ଡ଼ ସ୍ପ୍ରେଞ୍ଜର ଜର୍ମାନ ଦାର୍ଶନିକଙ୍କର ନିନ୍ଦାବାଦ କରିଅଛନ୍ତି । ଏହି ଦାର୍ଶନିକ ନାଜିବାଦର ନିନ୍ଦା କରି ଜାପାନରେ ଅନ୍ତର୍ବନ୍ଦୀ ହୋଇ ୧୯୬୩ ମସିହାରେ ମୃତ୍ୟୁବରଣ କରିଥିଲେ ।

୧୮।୯।୬୩—ଭାରତୀୟ ବାଣିଜ୍ୟ ଓ ଶିଳ୍ପ ସଂଘର ସଭାପତି ମିଷ୍ଟର ଭରତ ରାମଙ୍କ ନେତୃତ୍ୱରେ ଏକ ଭାରତୀୟ ଶିଳ୍ପପତି ପ୍ରତିନିଧିଦଳ ନେପାଳରେ ପହଞ୍ଚିଲେ ।

୧୯।୯।୬୩—ବ୍ରିଟିଶ ବ୍ୟଙ୍ଗ ଚିତ୍ରକାର ସାର ଡେଭିଡ୍ ଲୋ' ବହୁଦିନର ଅସୁସ୍ଥତା ପରେ ଇହଲୀଳା ସମ୍ବରଣ କଲେ ।

୨୦।୯।୬୩—୧୯୨୧ ମସିହାରେ ଏଭରେଷ୍ଟ ଶୃଙ୍ଗ ଆରୋହଣକାରୀଦଳର ନେତା ୮୦ ବର୍ଷ ବୟସ୍କ ଲେଫଟେନାଣ୍ଟ କର୍ଣ୍ଣେଲ ଚାର୍ଲସ କେନଥ ହାଓ୍ୱାର୍ଡ ବରି ଇହଲୀଳା ସାଙ୍ଗ କରିଅଛନ୍ତି ।

୨୨।୯।୬୩—ସିଂହଳର ବିଚାର ବିଭାଗ ମନ୍ତ୍ରୀ ମିଷ୍ଟର ଏ. ପି. ପେସ୍ ହୃଦରୋଗ-ପୀଡ଼ିତ ହୋଇ ପ୍ରାଣତ୍ୟାଗ କଲେ ।

୨୫।୯।୬୩—ପଞ୍ଚେନ ଲାମା ତାଙ୍କର ଏକ ପ୍ରଚାର ଭାଷଣରେ ତିବ୍ବତୀୟ ସନ୍ନ୍ୟାସୀମାନଙ୍କୁ ବିଦ୍ରୋହୀମାନଙ୍କୁ ଶରଣ ଦେବା ଏବଂ ସେମାନଙ୍କୁ ଜାତୀୟ ବିରୋଧୀ କାର୍ଯ୍ୟକଳାପରେ ଉତ୍ସାହିତ କରିବା ବିରୁଦ୍ଧରେ ସାବଧାନ କରି ଦେଇଅଛନ୍ତି ।

୨୭।୯।୬୩—କେନିୟାର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମିଷ୍ଟର ଜୋସେଫ ମୁରୁମ୍ବି କହିଛନ୍ତି ଯେ, କେନିୟା ଏବଂ ଇଥିଓପିଆ ମଧ୍ୟରେ ସୀମା ଚୁକ୍ତି ସଂକ୍ରାନ୍ତ ସମସ୍ତ ବିବାଦର ସମାଧାନ ହୋଇପାରିଛି ।

୨୭।୯।୬୩—ଇଂରେଜ ସରକାର ଜଣେ ରୁଷୀୟ ଲେଖକଙ୍କୁ ବ୍ରିଟେନରେ ରହିବା ପାଇଁ ଅନୁମତି ଦେଇଛନ୍ତି ।

୨୯।୯।୬୩—ଦେଶରକ୍ଷା ସାମଗ୍ରୀ ଉତ୍ପାଦନ ବିଭାଗର ସେକ୍ରେଟେରୀ ମିଷ୍ଟର ଏ.ଏନ. ଝାଙ୍କ ନେତୃତ୍ୱରେ ଭାରତୀୟ ପ୍ରତିରକ୍ଷା ଦପ୍ତରର ପାଞ୍ଚ ଜଣ ସିନିୟର ଅଫିସର ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି ।

## ( ଜାତୀୟ )

୧।୯।୬୩—ଆନ୍ତର୍ଜାତୀୟ ବାଣିଜ୍ୟ ବିଭାଗ କେନ୍ଦ୍ରମନ୍ତ୍ରୀ ମିଷ୍ଟର ମନୁଭାଇ ସାହା ଶିଳ୍ପପତିମାନେ ସେମାନଙ୍କର ଉତ୍ପାଦନ ସାମଗ୍ରୀ ଉପରେ ଚଡ଼ା ଦର ନ ବସାଇବା ପାଇଁ ଏବଂ ବାହାର ଦେଶମାନଙ୍କୁ ରପ୍ତାନି ଦ୍ରବ୍ୟ ଉପରେ ଉଚିତ ବ୍ୟବସାୟ କଟକଣା ପ୍ରୟୋଗ କରିବା ପାଇଁ ନିବେଦନ କରିଅଛନ୍ତି ।

ରାଷ୍ଟ୍ରପତି ତାଙ୍କର ଏକ ଇସ୍ତାହାରରେ କେନ୍ଦ୍ର ଅର୍ଥ ଓ ଦେଶରକ୍ଷା ସମନ୍ୱୟ ବିଭାଗ ଏବଂ ଯୋଗାଯୋଗ ଓ ପରିବହନ ବିଭାଗକୁ ଉଠାଇ ଦେଇଅଛନ୍ତି ।

୨।୯।୬୩—କାଶ୍ମୀର ଉପତ୍ୟକା ବଡ଼ଗାଁ ତହସିଲ ଅଞ୍ଚଳରେ ଏକ ଭୟାବହ ଭୂମିକମ୍ପ ଫଳରେ ୫୮ ଗୋଟି ଗ୍ରାମ ଛାରଖାର ହୋଇ ପ୍ରାୟ ୧୦୦ ଲୋକଙ୍କର ପ୍ରାଣହାନି ଏବଂ ୫୦୦ ଲୋକ କ୍ଷତବିକ୍ଷତ ହୋଇ ଅଛନ୍ତି । ୨୧ ଜଣ ଲୋକ ଅସାଧାରଣ ମାନବିକତାର ପରିଚୟ ଦେଇ ( ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିବା ) ଯଥାକ୍ରମେ ଜୀବନରକ୍ଷା ପଦକ ୧ମ, ୨ୟ ଏବଂ ୩ୟ ଶ୍ରେଣୀ ପୁରସ୍କାର ଲାଭ କରିଛନ୍ତି ।

ନେପାଳର ରାଜା ମହେନ୍ଦ୍ର ଏବଂ ରାଣୀ ରତ୍ନା ଅମରନାଥରେ ପହଞ୍ଚିଛନ୍ତି ।

୩।୯।୬୩—ମିଷ୍ଟର ଜୟପାଲ ସିଂହ ବିହାର ପ୍ରଦେଶ ସରକାରଙ୍କ ମନ୍ତ୍ରୀଭାବରେ ଶପଥ ଗ୍ରହଣ କରିଅଛନ୍ତି । କଂଗ୍ରେସର ପୂର୍ବତନ ସାଧାରଣ ସଂପାଦକ ମିଷ୍ଟର ଏ. ଏସ୍. ରାଜୁ ଇହଲୀଳା ସାଙ୍ଗ କରିଅଛନ୍ତି ।

୫।୯।୬୩—କେରଳର ୯ଟି ଜିଲ୍ଲାରୁ ୭ ଗୋଟି ଜିଲ୍ଲାର ୧୯ ଗୋଟି ବଛାଯାଇଥିବା ଉନ୍ନୟନଗାମୀ ବ୍ଲକରେ ଗହନ ଶସ୍ୟ ପ୍ରବର୍ତ୍ତନ ପ୍ରଣାଳୀ ଚାଲୁ କରିବାର ବନ୍ଦୋବସ୍ତ କରାଯାଇଅଛି ।

୭।୯।୬୩—ମାଦ୍ରାଜର ମୁଖ୍ୟମନ୍ତ୍ରୀ ମିଷ୍ଟର କେ. କାମରାଜ ପାରମ୍ବିକୁଲମ ଆଲିୟର ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରୋଜେକ୍ଟ ଉଦ୍‌ଘାଟନ କଲେ ।

୯।୯।୬୪—ପ୍ରଖ୍ୟାତନାମା ଐତିହାସିକ ଡକ୍ଟର ରାଧାକୁମୁଦ ମୁଖର୍ଜୀ ତାଙ୍କର ଏକଡ଼ାଲିଆ ରୋଡ଼ସ୍ଥିତ ବାସଭବନରେ ପ୍ରାଣତ୍ୟାଗ କଲେ ।

୧୦।୯।୬୩—ସିଂହଳର ନୂଆ ହାଇକମିଶନର ମିଷ୍ଟର ଏଚ୍. ଏସ୍. ଅମରସିଂ ତାଙ୍କର ପ୍ରତ୍ୟୟ-ନିଦର୍ଶନ-ପତ୍ର ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନଙ୍କୁ ଦେଲେ ।

୧୪।୯।୬୩—ଭାରତ ଏବଂ ପାକିସ୍ଥାନରୁ ମଧ୍ୟ-ପ୍ରାଚ୍ୟକୁ ବୋଝେଇ ମାଲ ବହନ କରୁଥିବା ସିପିଙ୍ଗ ଲାଇନସ୍ ନୂଆ ଶୁଳ୍କ ବସାଇବା ପାଇଁ ସ୍ଥିର କରିଅଛନ୍ତି । ଏହି ନୂତନ ଧାର୍ଯ୍ୟ କର ପୂର୍ବାପେକ୍ଷା କମ ହେବ ବୋଲି ଧରାଯାଉଛି ।

୧୫।୯।୬୩—ବଙ୍ଗାଳୀ ଲେଖକ ଓ ସାମ୍ବାଦିକ ମିଷ୍ଟର ଏସ୍. ଘୋଷ ପ୍ରାଣତ୍ୟାଗ କରିଅଛନ୍ତି ।

୧୭।୯।୬୩—ଭାରତ ସରକାରଙ୍କ ଲାଇଫ ଇନସୁରାନ୍ସ କରପୋରେସନ ଆନ୍ଧ୍ରପ୍ରଦେଶ ସରକାରଙ୍କୁ

ବିଶୁଦ୍ଧ ଜଳଯୋଗାଣ ପରିକଳ୍ପନା କାର୍ଯ୍ୟାରମ୍ଭ ପାଇଁ ୫୭ ଲକ୍ଷ ଟଙ୍କା ଅଗ୍ରିମ ଦେଇଅଛନ୍ତି ।

୧୮।୯।୬୩—ସମୁଦାୟ ୪୭ ଜଣ ଲୋକ ଉତ୍ତରପ୍ରଦେଶ ବନ୍ୟା ଏବଂ ଘର ଭୁଷୁଡ଼ି ପଡ଼ିବାରେ ପ୍ରାଣତ୍ୟାଗ କରିଅଛନ୍ତି ।

୧୯।୯।୬୩—ଶ୍ରୀ ବଳବନ୍ତରାୟ ମେହେଟାଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗୁଜୁରାଟରେ ଏକ ନୂଆ ମନ୍ତ୍ରିମଣ୍ଡଳଙ୍କୁ ରାଜ୍ୟପାଳ ଶ୍ରୀ ମେହଦୀ ନବାବ ଜଙ୍ଗ ଶପଥପାଠ କରାଇଲେ ।

ମହୀଶୂରର ସିନପୁରର ଲୋକସଭା ସଦସ୍ୟ ମିଷ୍ଟର ଏଚ. ସି. ଦାଶପା କେନ୍ଦ୍ର ରେଳବାଇ କ୍ୟାବିନେଟ ପାହ୍ୟା ମନ୍ତ୍ରୀପଦରେ ନିଯୁକ୍ତି ପାଇଲେ ।

୨୦।୯।୬୩—ଭାରତ ସରକାର ପଙ୍କଜକୁମାର ମଲ୍ଲିକଙ୍କୁ କେନ୍ଦ୍ର ସଙ୍ଗୀତ ପରାମର୍ଶଦାତା ବୋର୍ଡରେ ନିଯୁକ୍ତି ଦେଇଥିବା ଘୋଷଣା କରିଛନ୍ତି । ଏହି ବୋର୍ଡ ତଥ୍ୟ ଏବଂ ବେତାର ବିଭାଗରେ ସଂଲଗ୍ନ ।

୨୧।୯।୬୩—ଶ୍ରୀମତୀ ସୁଚେତା କୃପାଳନୀ ଉତ୍ତରପ୍ରଦେଶ ବିଧାନ ସଭା କଂଗ୍ରେସ ଦଳର ଦଳପତିରୂପେ ଏହାର ସଭ୍ୟମାନଙ୍କଦ୍ୱାରା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି ।

୨୩।୯।୬୩—ଉପମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ର ଓଡ଼ିଶା ବିଧାନ ସଭା କଂଗ୍ରେସ ଦଳର ଦଳପତିରୂପେ ନିର୍ବାଚିତ ହୋଇ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କର ଉତ୍ତରାଧିକାରୀ ହେଲେ ।

୨୪।୯।୬୩—ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ତାଙ୍କର ୨୭ ମାସ ପ୍ରଚଳିତ ମନ୍ତ୍ରିମଣ୍ଡଳ ସହିତ ତାଙ୍କର ଇସ୍ତଫା-ପତ୍ର ରାଜ୍ୟପାଳ ଡକ୍ଟର ଏ. ଏନ୍. ଖୋସଲାଙ୍କ ହାତରେ ଦେଲେ ।

୨୭।୯।୬୩—ଓଡ଼ିଶା ବିଧାନ ସଭାରେ ପଂଚାୟତମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଦ୍ୱାରା ଆଗତ ଦୁଇଟି ପ୍ରସ୍ତାବ ସମ୍ବିଧାନର ପଞ୍ଚଦଶ ଏବଂ ଷୋଡ଼ଶ ସଂଶୋଧନ ବିଲକୁ ଆଂଶିକ ପରିବର୍ତ୍ତନ କରି ଆଗତ ହୋଇଛି । ଏହା ପାର୍ଲିଆମେଣ୍ଟର ଉଭୟ ଗୃହଦ୍ୱାରା ଆଗତ ହୋଇଥିଲା ।

୩୦।୯।୬୩—ଓଡ଼ିଶା ବିଧାନ ସଭା ସଦସ୍ୟମାନଙ୍କର ଦରମା ଓ ଭତ୍ତା ସଂଶୋଧନ ବିଲ ଗୃହୀତ ହୋଇ ଉଭୟ ଶତକଡ଼ା ପଚିଶ ଭାଗ ବୃଦ୍ଧି ପାଇଛି ।

( ରାଜ୍ୟ )

୧।୯।୬୩—ଗ୍ରାମ୍ୟ ସ୍ୱେଚ୍ଛାସେବକ ବାହିନୀରେ ୩୩୦୬୯ ଗ୍ରାମରୁ ୨୨୯୯୬୬୨ ଜଣ ବ୍ୟକ୍ତି ଯୋଗ ଦେଇଛନ୍ତି ।

୨।୯।୬୩—ଶ୍ରୀ ବିଜୁ ପଟ୍ଟନାୟକ ( ଓଡ଼ିଶାର ମୁଖ୍ୟମନ୍ତ୍ରୀ)ଙ୍କ ଇସ୍ତଫା ଓଡ଼ିଶାର ବିଧାନ ସଭା ସର୍ବସମ୍ମତିକ୍ରମେ ଗ୍ରହଣ କଲେ ।

୩।୯।୬୩—ବିଧାନସଭା ବସିଥିବାବେଳେ ପ୍ରାୟ ୮୦ ଜଣ (୨୧ଜଣ—ରାଉରକେଲା ସମେତ) ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

୪।୯।୬୩—ଓଡ଼ିଶା ବିଧାନ ସଭା ଆୟୁର୍ବେଦିକ ମେଡିସିନ୍ ( ପରିବର୍ତ୍ତନ ) ଆଇନ୍ ଓ ଓଡ଼ିଶା ଗ୍ରାମଶାସନ ଉପରେ ସମ୍ପତ୍ତିକର ଦେବା ଆଇନକୁ ସିଲେକ୍ଟ କମିଟିକୁ ଦିଆଗଲା ।

୫।୯।୬୩—ସରବରାହ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ବିଧାନସଭାରେ କହିଲେ ଯେ ଭାରତ ସରକାର ଲକ୍ଷେ ଟନ୍ ଚାଉଳ ଦେବାକୁ ଓଡ଼ିଶାକୁ ଅନୁରୋଧ କରିଛନ୍ତି ।

୬।୯।୬୩—ଓଡ଼ିଶା ବିଶ୍ୱବିଦ୍ୟାଳୟର କମିଟି ଆଉ ୩ଟି ଫେଡେରେଟିଭ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି ।

୮।୪।୬୩—ଓଡ଼ିଶା ଅର୍ଥ ବିଭାଗର ଜଣେ ସିନିଅର ଅଫିସର, ମୁଖ୍ୟମନ୍ତ୍ରୀଙ୍କ ଅଫିସର ଝିରକା ଭାଙ୍ଗି ପଶିଥିବାରୁ ସସ୍‌ପେଣ୍ଡ ହେଲେ ।

୧୦।୪।୬୩—ଏସ୍. ସି. ବି. ମେଡିକାଲ୍ କଲେଜର ଡିପ୍ଲୋମା ଫାର୍ମାସି ଛାତ୍ରମାନେ ତାଙ୍କ ନିଜର ଅଲଗା କଲେଜ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଡ଼ାଇରେକ୍ଟରଙ୍କ ପାଖରେ ଆପତ୍ତି କରିଅଛନ୍ତି, ନଚେତ୍ ତାଙ୍କର ଅଲଗା କ୍ଲାସ୍ ଘର, କମନ୍‌ରୁମ୍, ଲାବୋରେଟର, ହଷ୍ଟେଲ ଏବଂ ଲାଇବ୍ରେରି ପ୍ରସ୍ତୁତ କରିଦେବାକୁ ଅନୁରୋଧ କରିଛନ୍ତି ।

୧୨।୪।୬୩—ରାଜ୍ୟ ସରକାର କୋରାପୁଟରେ ୭୩୭୬.୭୭ ଏକର ଜମି ମିଗ୍ କାରଖାନା ତିଆରି କରିବା ଉଦ୍ଦେଶ୍ୟରେ ଆବାଦ କରିଛନ୍ତି ।

୧୩।୪।୬୩—ଶ୍ରୀ ନୀଳମଣି ମୋହନ ପ୍ରଧାନ (ଓଡ଼ିଶାର ଶିକ୍ଷାମନ୍ତ୍ରୀ) ବିଧାନ ସଭାରେ କହିଲେ ଯେ ଜରୁରି-କାଳୀନ ଅବସ୍ଥାଯୋଗୁ ଶିକ୍ଷା ବିଭାଗର ଚଳିତ ବାର୍ଷିକ ଖର୍ଚ୍ଚରୁ ୨୫,୬୮,୦୦୦ ଟଙ୍କା କମ୍ପିବ ।

୧୪।୪।୬୩—ଓଡ଼ିଶାର ରାଜ୍ୟପାଳ ଡକ୍ଟର ଏ. ଏନ୍. ଖୋସଲା ଶଟିଲ୍ମା ପାଓ୍ୱାର ହାଉସର ୨୫ ହାଇଡ୍ରେଲ୍ ଜେନେରେଟର୍ ଖୋଲିଲେ ।

ଆମେରିକାର କୃଷି-ଶିକ୍ଷାବିତ୍ ଡକ୍ଟର ଜନ୍ ମିଲଟନ୍ ପେଇମାନ୍ ଓଡ଼ିଶା କୃଷି ଓ ଯନ୍ତ୍ର-ବିଦ୍ୟା ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ହିସାବରେ ଆସି କଲିକତାରେ ପହଞ୍ଚିଲେ ।

ଓଡ଼ିଶାର ବିଧାନସଭା କଂଗ୍ରେସ ଦଳ ଶ୍ରୀ ବୀରେନ୍ ମିତ୍ରଙ୍କୁ ନେତାଭାବେ ବାଛିଲେ ।

୧୭।୪।୬୩—୧୧ ଜଣ ଚଉକିଦାର ଓ ଦଫାଦାର ସତ୍ୟାଗ୍ରହୀ (ଶ୍ରୀଯାର ମଲିକ୍—ସାଧାରଣ ସମ୍ପାଦକ, ଅଖିଳ ଓଡ଼ିଶା ଚଉକିଦାର ଆସୋସିଏସନ୍ ସମେତ) ପୁରୀ ଜେଲରୁ ଅଟକବନ୍ଦୀରୁ ଖଲାସ ହେଲେ ।

୧୮।୪।୬୩—ଇଷ୍ଟର୍ଣ୍ଣ ଟାଇମସ୍ ଏବଂ ପ୍ରଜାତନ୍ତ୍ର ଖବର କାଗଜ ଶ୍ରମିକମାନେ ଷ୍ଟ୍ରାଇକ୍ ଭାଙ୍ଗିବାଯୋଗୁ ଆଜିଠାରୁ ପୁନର୍ବାର କାଗଜ ପ୍ରକାଶିତ ହେଲା ।

୨୩।୪।୬୩—ଶ୍ରୀ ବି. ଏନ୍. ବାନାର୍ଜି (କେନ୍ଦ୍ର ରେଭିନ୍ୟୁ ବୋର୍ଡର ମେମ୍ବର) ପୁଣି ଭାରତର ଅଡିଟରଜେନେରାଲ ଭାବେ ନବନିଯୁକ୍ତ ପାଇଲେ ।

୨୪।୪।୬୩—ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବିହାର କଂଗ୍ରେସ ବିଧାନସଭା ଶ୍ରୀ ଏମ୍. ଭକ୍ତବତ୍ସଲମ୍, ଶ୍ରୀ କେ. ବି. ସହାୟ ଓ ଶ୍ରୀ ଡି. ପି. ମିଶ୍ରଙ୍କୁ ଯଥାକ୍ରମେ ନେତା ବା ମୁଖ୍ୟମନ୍ତ୍ରୀଭାବେ ବାଛିଲେ ।

୨୬।୪।୬୩—ହିମାଚଳ ପ୍ରଦେଶର ୧୧୬ ବର୍ଷ ବୟସର ଯୋଗୀ ଶ୍ରୀ ନାଗାବାବା ଜୟନ୍ତିପୁର ଗିରି ମରିଗଲେ ।

୨୭।୪।୬୩—ଛାତ୍ରମାନଙ୍କର ଷ୍ଟ୍ରାଇକ୍ ଯୋଗୁ ଆଲ୍ଲାହାବାଦ୍ ବିଶ୍ୱବିଦ୍ୟାଳୟର କୁଳପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଶ୍ୱବିଦ୍ୟାଳୟ ବନ୍ଦ କରିଦେଲେ ।

୨୯।୪।୬୩—ହୋକାଇଦୋ ଇସ୍ପାତ୍ କାରଖାନା ବସାଇବା ପାଇଁ ଜାପାନ୍‌ର କେତେକ ଫାର୍ମ ରାଜି ହୋଇଛନ୍ତି ।

# ଦେଶର ପ୍ରତିରକ୍ଷା ପାଇଁ
# ସ୍ମଲ୍ ସେଭିଂସ ସିକ୍ୟୁରିଟିରେ
# ଅର୍ଥ ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ପ୍ରତିରକ୍ଷା ସାର୍ଟିଫିକେଟ ( ଟ୍ୱେଲଭ-ଇଅର ନ୍ୟାସନାଲ ଡିଫେନ୍ସ ସାର୍ଟିଫିକେଟ୍ ) —ବାର୍ଷିକ ସୁଧ ଶତକଡ଼ା ୬.୨୫ ( ମ୍ୟାଚୁରିଟିରେ )।

୨। ଦଶବର୍ଷିଆ ପ୍ରତିରକ୍ଷା ଅମାନତ ସାର୍ଟିଫିକେଟ୍ ( ଟେନ୍-ଇଅର ଡିଫେନସ ଡିପୋଜିଟ୍ ସାର୍ଟିଫିକେଟ୍ ) —ବର୍ଷକୁ ସୁଧ ଶତକଡ଼ା ୪.୫ ( ପ୍ରତି ବର୍ଷ ଦିଆଯିବ )

୩। ପନ୍ଦରବର୍ଷିଆ ଆନ୍ୟୁଇଟି ସାର୍ଟିଫିକେଟ୍ ( ଫିଫ୍ଟିନ-ଇଅର୍ ଆନ୍ୟୁଇଟି ସାର୍ଟିଫିକେଟ୍ )—
ନିୟମିତ ପ୍ରତି ମାସରେ ୧୫ ବର୍ଷଯାଏ ଟଙ୍କା ପାଉଥିବେ।
ବାର୍ଷିକ ଶତକଡ଼ା ୩.୫୦ ହାରରେ ଚକ୍ରବୃଦ୍ଧି ସୁଧ।

୪। ପୋଷ୍ଟ ଅଫିସ ସେଭିଂ ବ୍ୟାଙ୍କ ଡିପୋଜିଟ୍—୧୦,୦୦୦ ଟଙ୍କା ପର୍ଯ୍ୟନ୍ତ (ଯୁକ୍ତ-ଆକାଉଣ୍ଟରେ ଟ ୨୦,୦୦୦ )—ଜମା ଉପରେ ଶତକଡ଼ା ବାର୍ଷିକ ଟ ୩ ଏବଂ ଟ ୧୦,୦୦୦ ( ଯୁକ୍ତ-ଆକାଉଣ୍ଟରେ ଟ ୨୦,୦୦୦ରୁ ଅଧିକ ଜମା ଉପରେ ଶତକଡ଼ା ବାର୍ଷିକ ଟ ୨.୫୦ ହାରରେ ସୁଧ।

୫। କ୍ୟୁମୁଲେଟିଭ ଟାଇମ ଡିପୋଜିଟ୍ ଆକାଉଣ୍ଟ—ପାଞ୍ଚବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୩.୩, ଦଶ ବର୍ଷିଆ ହିସାବ ପାଇଁ ଶତକଡ଼ା ୩.୮ ଓ ପନ୍ଦରବର୍ଷିଆ ହିସାବ ପାଇଁ ଶତକଡ଼ା ବାର୍ଷିକ ୪.୩ ହାରରେ ଚକ୍ରବୃଦ୍ଧି ସୁଧ।

୬। ପ୍ରିମିୟମ୍ ପ୍ରାଇଜ୍ ବଣ୍ଡ—ପୁରସ୍କାର ମିଳିବା ସଙ୍ଗେ ସଙ୍ଗେ ୫ ବର୍ଷ ପରେ ସୁଧ ସହିତ ଜମା ଟଙ୍କା ଫେରସ୍ତ ମିଳେ।

**ମନେ ରଖନ୍ତୁ—**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ପରିବାର ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ସ୍ୱଳ୍ପସଞ୍ଚୟରେ ବିନିଯୋଗ କରାଯାଇଥିବା ଅର୍ଥ ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ହେବାରେ ସାହାଯ୍ୟ କରେ।

ବିଶେଷ ବିବରଣ ପାଇଁ —

- ଦି ରିଜିଓନାଲ ଡିରେକ୍ଟର, ନ୍ୟାସନାଲ ସେଭିଂସ୍, ଓଡ଼ିଶା, କଟକ
- ଡେପୁଟୀ ଡିରେକ୍ଟର, ସ୍ମଲ୍ ସେଭିଂସ, ଫାଇନାନ୍ସ ଡିପାର୍ଟମେଣ୍ଟ, ଭୁବନେଶ୍ୱର
- ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ ଅଫିସରଙ୍କ ପାଖକୁ ଲେଖନ୍ତୁ।

# ଆମ ରାଜ୍ୟ

## ନୂଆ ରାଜଧାନୀରେ କୋଠାବାଡ଼ି ନକ୍ସାର ମଞ୍ଜୁରୀ ପାଇଁ ନୂଆ ନିୟମ

ନୂଆ ରାଜଧାନୀର ଇଷ୍ଟେଟ ଅଫିସର ଶ୍ରୀ ଏସ୍.ଏନ୍. ତ୍ରିପାଠୀ ଜଣାଇଛନ୍ତି—ନୂଆ ରାଜଧାନୀର ଜନସ୍ୱନ ସହିତ ସଙ୍ଗେ ଏଠାରେ ନିର୍ମିତ ହେଉଥିବା କୋଠାବାଡ଼ିଗୁଡ଼ିକର ନକ୍ସା ଏକ ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ଼ର ହେବା ଆବଶ୍ୟକ ବୋଲି ଅନୁଭବ କରାଯାଉଛି । ତେଣୁ ସ୍ଥିର କରାଯାଇଛି ଯେ, ଏଣିକି ଘର ତିଆରି କରିବା ପାଇଁ ଇଚ୍ଛୁ ଥିବା ବ୍ୟକ୍ତିମାନେ ପ୍ରଥମେ ସେମାନଙ୍କ ଘରର ( ୪ କପି ) ନକ୍ସା ଗଭର୍ଣ୍ଣମେଣ୍ଟ ଆର୍କିଟେକ୍ଟଙ୍କ ନିକଟକୁ ପଠାଇଦେବେ । ସେ ଉକ୍ତ ନକ୍ସାକୁ ମଞ୍ଜୁର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାହା ଫେରାଇଦେବେ । ତା' ପରେ ଉକ୍ତ ନକ୍ସାର ୩କପି ଭୁବନେଶ୍ୱର ନୋଟିଫାଏଡ୍ ଏରିଆ କାଉନସିଲର ଏକଜିକ୍ୟୁଟିଭ ଅଫିସରଙ୍କ ନିକଟରେ ଦାଖଲ କରିବାକୁ ହେବ ଏବଂ ଏକ୍‌ଜିକ୍ୟୁଟିଭ ଅଫିସର ତାଙ୍କର ଅନୁମୋଦନ ସହିତ ଉକ୍ତ ନକ୍ସାଗୁଡ଼ିକ ସମ୍ବନ୍ଧରେ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ରାଜଧାନୀର ଇଷ୍ଟେଟ ଅଫିସରଙ୍କ ନିକଟକୁ ପଠାଇବେ । ଏଣିକି ଏହି ବ୍ୟବସ୍ଥା କଡ଼ାକଡ଼ିଭାବରେ ଅନୁସରଣ କରାଯିବ । ●

## କ୍ଷୁଦ୍ର ଶିଳ୍ପକୁ ସାହାଯ୍ୟ

କଟକ ନଗରସ୍ଥ କ୍ଷୁଦ୍ର ଶିଳ୍ପ ସେବା ପ୍ରତିଷ୍ଠାନ ଗତ ସେପ୍ଟେମ୍ବର ମାସରେ ୨୮ ଗୋଟି ସଂସ୍ଥାଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲା ଏବଂ ୨୧ଟି ସଂସ୍ଥାକୁ ବୈଷୟିକ ପରାମର୍ଶ ଦେଇଥିଲେ । ଉକ୍ତ ମାସରେ ଚଉଦଟି ସଂସ୍ଥାକୁ ନୂତନ ଶିଳ୍ପ ସ୍ଥାପନ କରିବା ପାଇଁ ତଥ୍ୟ ଯୋଗାଇ ଦିଆଯାଇଥିଲା ଏବଂ ସାତୋଟି ସଂସ୍ଥାକୁ ଅନ୍ୟପ୍ରକାର ସାହାଯ୍ୟ ମିଳିଥିଲା ।

ଏହି ପ୍ରତିଷ୍ଠାନ ଅଧୀନରେ ଥିବା ୬ଟି ଭ୍ରାମ୍ୟମାଣ ପ୍ରଦର୍ଶନୀ-ଗାଡ଼ି ଗତ ମାସରେ ୧୫ଟି ସ୍ଥାନରେ ପ୍ରଦର୍ଶନୀମାନ ଆୟୋଜନ କରିଥିଲେ । ଉକ୍ତ ମାସରେ ଏହି ପ୍ରତିଷ୍ଠାନ ୫୨ଜଣ କାରିଗରଙ୍କୁ ମେସିନ୍ ଚାଳନାରେ ତାଲିମ ଦେଇଥିଲେ । ●

## ସ୍ୱର୍ଣ୍ଣ-ଶିଳ୍ପୀଙ୍କର ପିଲାମାନଙ୍କ ଅଧ୍ୟୟନ ପାଇଁ ବୃତ୍ତି ବ୍ୟବସ୍ଥା

ସ୍ୱର୍ଣ୍ଣ-ନିୟନ୍ତ୍ରଣ ଆଦେଶ ଜାରି ହେବା ପରେ ସ୍ୱର୍ଣ୍ଣ-ଶିଳ୍ପୀମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଦିଗରେ କମର ଅଭାବ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସରକାର ଏ ସମ୍ପର୍କରେ ସତର୍କତାସହ ବିଚାର କରିସାରିବାପରେ ଏହିଭଳି ସ୍ୱର୍ଣ୍ଣ-ଶିଳ୍ପୀଙ୍କ ପିଲାମାନଙ୍କ ପଢ଼ିବା ପାଇଁ ବୃତ୍ତି ଆକାରରେ ସାହାଯ୍ୟ ଦେବା ନିମନ୍ତେ ସ୍ଥିର କରିଛନ୍ତି । ଏହି ବୃତ୍ତି ୧୯୬୩ ମସିହା ଜୁଲାଇ ୧ ତାରିଖଠାରୁ ଦିଆଯିବ । ଏହି ବୃତ୍ତିର ହାର ନିମ୍ନରେ ଦିଆଗଲା—

(କ) ୮ମ ଶ୍ରେଣୀ ପର୍ଯ୍ୟନ୍ତ ମାସିକ ଟ ୮୲, (ଖ) ୯ମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାସିକ ଟ ୧୫୲, (ଗ) ଅଣ୍ଡର ଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ମାସିକ ଟ ୫୦୲ ( ଉଚ୍ଚତର ମାଧ୍ୟମିକ ସ୍କୁଲ ଦ୍ୱାଦଶ ଶ୍ରେଣୀ, କଳା ଓ ବିଜ୍ଞାନରେ ପ୍ରାକ୍-ବିଶ୍ୱବିଦ୍ୟାଳୟ ଶ୍ରେଣୀ ପ୍ରି-ପ୍ରଫେସନାଲ ପାଠ୍ୟକ୍ରମ, କଳା ( ଅଂଶ ) ରେ ଡିଗ୍ରୀ ପାଠ୍ୟକ୍ରମର ପ୍ରଥମ ବାର୍ଷିକ ଶ୍ରେଣୀ), (ଘ) ଡିଗ୍ରୀ ପାଠ୍ୟକ୍ରମ ପାଇଁ ମାସିକ ଟ ୭୫୲ ( ଡିଗ୍ରୀ ପାଠ୍ୟକ୍ରମର ୨ୟ ଓ ୩ୟ ବାର୍ଷିକ ଶ୍ରେଣୀ ), ( ଙ ) ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ମାସିକ ଟ ୧୨୫୲ ।

ନିମ୍ନଲିଖିତ ସର୍ତ୍ତ ଅନୁସାରେ ଉପରୋକ୍ତ ବୃତ୍ତି-ଗୁଡ଼ିକ ନିୟମିତଭାବେ ପ୍ରଦାନ କରାଯିବ :—

(୧) ସ୍ୱର୍ଣ୍ଣ-ନିୟନ୍ତ୍ରଣ ଆଦେଶନାମା ଜାରି ହେବା ଫଳରେ ଯେଉଁ ସ୍ୱର୍ଣ୍ଣ-ଶିଳ୍ପୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କର ସନ୍ତାନ-ସନ୍ତତିମାନେ ଏହି ପରିକଳ୍ପନାର ସୁବିଧା ପାଇ ପାରିବେ ।

(୨) ଓଡ଼ିଶାରେ ଯେଉଁମାନେ ବସବାସ କରି ରହିଥିବେ କିମ୍ବା ଏଠାର ଅଧିବାସୀ ହୋଇଥିବେ କିମ୍ବା ପାକିସ୍ଥାନର ବାସଚ୍ୟୁତ ବ୍ୟକ୍ତି ହୋଇଥିବେ, ସେହିଭଳି ବ୍ୟକ୍ତିମାନେ ଏହି ସୁବିଧାମାନ ପାଇବେ ଓ ରାଜ୍ୟର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନମାନଙ୍କର କେବଳ ନିୟମିତ ଛାତ୍ରମାନେ ଏହି ସୁବିଧା ପାଇବେ ।

(୩) ଏହି ବୃତ୍ତି ପାଇବା ପାଇଁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିବାକୁ ହେବ । ଏହି ଦରଖାସ୍ତ-ଫର୍ମ ଜିଲ୍ଲା ସ୍କୁଲ ଇନ୍‌ସପେକ୍ଟର କିମ୍ବା ସ୍କୁଲ ସମୂହର ଇନ୍‌ସପେକ୍ଟରଙ୍କ ଅଫିସମାନଙ୍କରେ ଏବଂ ଓଡ଼ିଶା ଶିକ୍ଷା ବିଭାଗ ଡିରେକ୍ଟରଙ୍କ ଅଫିସରେ ମିଳିପାରିବ ।

(୪) ଆବେଦନକାରୀମାନେ ନିର୍ଦ୍ଧାରିତ ଦରଖାସ୍ତ-ଫର୍ମ ପୂରଣ କରିବେ ଓ ତାହାକୁ ଧାର୍ଯ୍ୟ ହୋଇଥିବା ତାରିଖ ପୂର୍ବରୁ ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତାଙ୍କ ନିକଟରେ ଦାଖଲ କରିବେ । ସ୍ୱର୍ଣ୍ଣ-ଶିଳ୍ପୀଙ୍କ ପିଲାମାନେ ସ୍ୱର୍ଣ୍ଣ-ନିୟନ୍ତ୍ରଣ ଆଦେଶନାମା ଜାରି ହେବା ଫଳରେ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସେମାନଙ୍କ ସଂପୃକ୍ତ ଅଞ୍ଚଳର ଏସ୍. ଡି. ଓ. କିମ୍ବା ବି. ଡି. ଓ. ଙ୍କଠାରୁ ଖଣ୍ଡିଏ ସାର୍ଟିଫିକେଟ୍ ସହ ଦରଖାସ୍ତ ପଠାଇବେ ।

(୫) ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ଦରଖାସ୍ତ-ଗୁଡ଼ିକ ପାଇ ସେଗୁଡ଼ିକୁ ତନଖି କରିବେ ଓ ତନଖି କରିସାରିବା ପରେ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ତାରିଖ ପୂର୍ବରୁ ସଠିକ ଦରଖାସ୍ତଗୁଡ଼ିକୁ ପ୍ରାଥମିକ ଓ ମଧ୍ୟଇଂରାଜୀ ସ୍କୁଲ ହୋଇଥିଲେ ଜିଲ୍ଲା ଇନ୍‌ସପେକ୍ଟରଙ୍କ ନିକଟକୁ, ବାଳକ ଓ ବାଳିକା ହାଇସ୍କୁଲ ହୋଇଥିଲେ ସ୍କୁଲ ସମୂହର ଇନ୍‌ସପେକ୍ଟରଙ୍କ ନିକଟକୁ ଓ କଲେଜ ହୋଇଥିଲେ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ନିକଟକୁ ପଠାଇବା ଆବଶ୍ୟକ ।

(୬) ଉଚ୍ଚ ଶ୍ରେଣୀର ଅନ୍ୟାନ୍ୟ ଛାତ୍ରମାନଙ୍କୁ ଛାତ୍ରବୃତ୍ତି ମଞ୍ଜୁର କରିବା ପାଇଁ କ୍ଷମତାପ୍ରାପ୍ତ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷମାନେ ଏହି ଶ୍ରେଣୀମାନଙ୍କର ଛାତ୍ର-ମାନଙ୍କୁ ମଧ୍ୟ ଏହି ବୃତ୍ତିମାନ ପ୍ରଦାନ କରିବେ ।

(୭) ଏହି ପରିକଳ୍ପନାନୁଯାୟୀ ଯେଉଁ ସ୍ୱର୍ଣ୍ଣ-ଶିଳ୍ପୀଙ୍କ ପିଲାମାନେ ଅର୍ଥ ସାହାଯ୍ୟ ପାଇବା ପାଇଁ ଉପଯୁକ୍ତ ବିବେଚିତ ହେବେ; ଶିକ୍ଷା ବୋର୍ଡ଼ର ନିୟମାନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ କିମ୍ବା ଅନୁଷ୍ଠାନରେ ଯେତିକି ସଂଖ୍ୟକ ଛାତ୍ର ବିନା ବେତନରେ ଅଧ୍ୟୟନ କରିବା ପାଇଁ ନିୟମ ରହିଛି, ତାହା ପୂରଣ ହୋଇଯାଇଥିଲେ ମଧ୍ୟ ଉପରୋକ୍ତ ସ୍ୱର୍ଣ୍ଣକାରଙ୍କ ପିଲାମାନଙ୍କୁ ସ୍କୁଲ-ଦରମା ଛାଡ଼ ସୁବିଧା ଦିଆଯିବ ।

(୮) ବାର୍ଷିକ ପରୀକ୍ଷାରେ ପାସ କରି ଉଚ୍ଚ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲେ ପରବର୍ତ୍ତୀ ବର୍ଷମାନଙ୍କରେ ମଧ୍ୟ ବୃତ୍ତି ମିଳିବ ।

(୯) ଯଦି କୌଣସି ଛାତ୍ର ପୂର୍ବରୁ ଛାତ୍ରବୃତ୍ତି କିମ୍ବା ଅନ୍ୟ କୌଣସି ବୃତ୍ତି ( ସ୍କୁଲ-ବେତନ ଛାଡ଼ ବ୍ୟତୀତ ) ପାଉଥିବେ, ତା'ହେଲେ ଏହି ପରିକଳ୍ପନାନୁଯାୟୀ ବୃତ୍ତି ପାଇବା ପାଇଁ ମଧ୍ୟ ସେ ଯୋଗ୍ୟ ବିବେଚିତ ହୋଇପାରିବେ । କିନ୍ତୁ ଦୁଇଟି ବୃତ୍ତି ମଧ୍ୟରୁ କେଉଁ ବୃତ୍ତିଟି ସେ ଗ୍ରହଣ କରିବେ, ତାହା ସେ ସ୍ଥିର କରିବେ । କୌଣସି ଛାତ୍ରକୁ ଏକ ସମୟରେ ଏକାଧିକ ଛାତ୍ରବୃତ୍ତି ବା ବୃତ୍ତି ଦିଆଯିବ ନାହିଁ ।

(ଖ) ଛାତ୍ର ଯେଉଁ ଅନୁଷ୍ଠାନରେ ଅଧ୍ୟୟନ କରୁଥିବେ, ସେହି ଅନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା ବୃତ୍ତି ଟଙ୍କା ଉଠାଇ ଆଣିବେ । ଏକାଉଣ୍ଟାଣ୍ଟ ଜେନେରାଲଙ୍କ ନିକଟକୁ ପଠାଇବା ନିମନ୍ତେ ଉକ୍ତ ଡ୍ରଇଂ ଓ ଡିସବର୍ସିଂ ଅଫିସର ବୃତ୍ତିପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟକୁ ଏ ବାବଦ ଟଙ୍କା କିପରି ବିନିଯୋଗ କରାଗଲା, ସେ ସମ୍ପର୍କରେ ଗୋଟିଏ ସାର୍ଟିଫିକେଟ୍ ପଠାଇବେ ।

(ଗ) ଶିକ୍ଷକ ତାଲିମ ଅନୁଷ୍ଠାନର ଛାତ୍ରମାନେ ଏହି ବୃତ୍ତି ପାଇବା ପାଇଁ ହକ୍‌ଦାର ହେବେ ନାହିଁ ।

ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ ୧୯୭୩-୭୪ ସ୍କୁଲବର୍ଷ ପାଇଁ ବଳବତ୍ ରହିବ ।

## ଟିକସ ଫାଙ୍କୁଥିବା ଲୋକଙ୍କୁ ଧରାଇଦେବା ପାଇଁ ନଗଦ ପୁରସ୍କାର

ବାଣିଜ୍ୟ-କର ବିଭାଗଦ୍ୱାରା ପ୍ରବର୍ତ୍ତିତ ଆଇନ୍ ଅନୁଯାୟୀ ଟିକସ ଫାଙ୍କୁଥିବା ଲୋକଙ୍କୁ ଯେଉଁମାନେ ଧରାଇଦେବେ, ସେମାନଙ୍କୁ ନଗଦ ଟଙ୍କା ଆକାରରେ ପୁରସ୍କାର ପ୍ରଦାନ କରାଯିବ । ତଦନୁଯାୟୀ ବାଣିଜ୍ୟ-କର ବିଭାଗର କମିଶନର, ଅତିରିକ୍ତ କମିଶନର ଓ ଡେପୁଟି କମିଶନର କୌଣସି ବ୍ୟକ୍ତିଙ୍କୁ ଯଥାକ୍ରମେ ଟ ୫୦୦/-, ଟ ୨୫୦/- ଓ ଟ ୧୦୦/- ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବା ସକାଶେ ସେମାନଙ୍କୁ କ୍ଷମତା ଦିଆଯାଇଛି । ବିଶେଷ ପରିସ୍ଥିତିରେ ଅଧିକ ଟଙ୍କା ମଧ୍ୟ ଦିଆଯାଇପାରେ ।

ଯେଉଁସବୁ ଘଟଣାରେ ବାଣିଜ୍ୟ-କର ବିଭାଗଦ୍ୱାରା ପ୍ରବର୍ତ୍ତିତ ଯେ କୌଣସି ଆଇନ୍ ଅନୁଯାୟୀ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ କିମ୍ବା ଅଭିଯୁକ୍ତ ବ୍ୟକ୍ତିଙ୍କ ସହିତ ରାଜିନାମା ହୋଇପାରିବ କିମ୍ବା ସନ୍ଧାନ ହେବା ପରେ ଅଭିଯୁକ୍ତ ବ୍ୟକ୍ତିଙ୍କ ଉପରେ କରଧାର୍ଯ୍ୟ କରାଯାଇ ପାରିବ—ସେଭଳି କ୍ଷେତ୍ରରେ ହିଁ ଏହି ପୁରସ୍କାର ପ୍ରଦାନ କରାଯିବ । ସାଧାରଣତଃ ଏହି ପୁରସ୍କାର ପରିମାଣ ଅତିରିକ୍ତ ଟିକସର ଶତକଡ଼ା ୫ଭାଗରୁ ଅଧିକ ହେବ ନାହିଁ ଏବଂ ଏ ସଂକ୍ରାନ୍ତ ଅପିଲର ଶେଷ ନିଷ୍ପତ୍ତି ହେବା ପରେ ଏହି ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାରପ୍ରାପ୍ତଙ୍କ ପରିଚୟ ଗୋପନ ରଖିବା ଆବଶ୍ୟକ ମନେ ହେଲେ ସେ ଦିଗରେ ଉଚିତ ବ୍ୟବସ୍ଥା କରାଯିବ ।

## ଓଡ଼ିଶା ଯୋଜନା ବୋର୍ଡ଼ର ପୁନର୍ଗଠନ

ଓଡ଼ିଶା ଯୋଜନା ବୋର୍ଡର ପୁନର୍ଗଠନ କରାଯାଇଛି । ଏହି ବୋର୍ଡ଼ରେ ଶ୍ରୀ ବିଜୁ ପଟ୍ଟନାୟକ ଚେୟାରମ୍ୟାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ [illegible] ମିଶ୍ର ଭାଇସ୍-ଚେୟାରମ୍ୟାନରୂପେ ଅଛନ୍ତି । ଏହି ବୋର୍ଡ଼ରେ ଏମାନଙ୍କ ଛଡ଼ା ଆଉ ଛଅଜଣ ସଭ୍ୟ ମଧ୍ୟ ରହିଛନ୍ତି । ସେମାନେ ହେଉଛନ୍ତି, (୧) ଗୃହ, ପଲିଟିକାଲ୍ ଆଣ୍ଡ ସର୍ଭିସେସ୍, ଯୋଗାଣ ଓ ବାଣିଜ୍ୟ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ; (୨) ରାଜସ୍ୱ, ଅବକାରୀ ଓ ଜଙ୍ଗଲ ବିଭାଗ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ; (୩) ଶିକ୍ଷା, କୃଷି, [illegible] ଓ ସମବାୟ ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି; (୪) ଚିଫ୍ ସେକ୍ରେଟାରୀ ଓ ଉନ୍ନୟନ କମିଶନର; (୫) ଯୋଜନା ଓ ସମନ୍ୱୟ ବିଭାଗର ସେକ୍ରେଟାରୀ ଓ ଅତିରିକ୍ତ ଉନ୍ନୟନ କମିଶନର; ଏବଂ (୬) ଅର୍ଥ ବିଭାଗର ସେକ୍ରେଟାରୀ । ଯୋଜନା ଓ ସମନ୍ୱୟ ବିଭାଗର ଜଣେ ଡେପୁଟି ସେକ୍ରେଟାରୀଙ୍କୁ ଏହି ଯୋଜନା ବୋର୍ଡ଼ର ସେକ୍ରେଟାରୀରୂପେ କାର୍ଯ୍ୟ କରିବା ପାଇଁ ମନୋନୀତ କରାଯିବ ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ଓଡ଼ିଶାର ଏହି ଯୋଜନା ବୋର୍ଡ ୧୯୬୨ ମସିହା ଜୁନ୍ ୧୫ ତାରିଖ ଦିନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ

ହୋଇଥିଲା । ଏହି ପୁନର୍ଗଠିତ ବୋର୍ଡ ନିମ୍ନଲିଖିତ କାର୍ଯ୍ୟମାନ ସମ୍ପାଦନ କରିବେ ବୋଲି ଧାର୍ଯ୍ୟ କରାଯାଇଛି; ଯଥା:—(କ) ପର୍ସ-ମିଆଦି କମ୍ୱା ୧୫ ବର୍ଷିଆ ଯୋଜନା ପ୍ରସ୍ତୁତ କାର୍ଯ୍ୟ; (ଖ) ଯୋଜନା ପାଇଁ ଅତ୍ୟାବଶ୍ୟକୀୟ ଆର୍ଥିକ, ସାମାଜିକ ଓ ବୈଷୟିକ ତଥ୍ୟମାନ ସଂଗ୍ରହ କରିବା ନିମନ୍ତେ ଅନୁଧ୍ୟାନ ଓ ସର୍ଭେ କାର୍ଯ୍ୟ ପରିଚାଳନା; (ଗ) ମିଳିତଭାବରେ ତୃତୀୟ ପଞ୍ଚବାର୍ଷିକ ଯୋଜନାକୁ କାର୍ଯ୍ୟକାରୀ କରିବା; (ଘ) ଅଗ୍ରଗତିକୁ ପର୍ଯ୍ୟାଲୋଚନା କରିବା; (ଙ) ଉପରେ (କ)ରେ ଉଲ୍ଲେଖ କରାଯାଇଥିବା ପର୍ସ-ମିଆଦି ଯୋଜନା ଦୃଷ୍ଟିରୁ ଯେତେବେଳେ ଓ ଯେଉଁଭାବରେ ଆବଶ୍ୟକ ହେବ, ତଦନୁଯାୟୀ ତୃତୀୟ ପଞ୍ଚବାର୍ଷିକ ଯୋଜନାର ସଂଶୋଧନ କରିବା; (ଚ) ବ୍ଲକ୍ ଓ ଜିଲ୍ଲା ସ୍ତରରେ ଥିବା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ଯେଉଁସବୁ ଯୋଜନା ପ୍ରସ୍ତୁତ କରାଯାଇ ପାରିବ, ସେ ଦିଗରେ ସଠିକ ନିର୍ଦ୍ଦେଶ ଓ ପରାମର୍ଶ ଦେବା ।

ସରକାରଙ୍କ ନିର୍ଦ୍ଦେଶ ମତେ ପୁନର୍ଗଠିତ ବୋର୍ଡର ଚେୟାରମ୍ୟାନ୍ ଗୋପନୀୟତା ରକ୍ଷା କରିବା ସକାଶେ ଶପଥ ଗ୍ରହଣ କରିବେ । ତାହାପରେ ଚେୟାରମ୍ୟାନ୍‌ଭାବରେ ତାହାଙ୍କ କାର୍ଯ୍ୟ ଯଥାଯଥଭାବରେ ସମ୍ପାଦନ କରିବା ପାଇଁ ଆବଶ୍ୟକ ସରକାରୀ କାଗଜପତ୍ର ଓ ରେକର୍ଡ ପ୍ରଭୃତି ଦେଖିପାରିବେ । ସେ ଏହି ବୋର୍ଡ ସହିତ ପରାମର୍ଶ କରିପାରିବା ପରେ ରାଜ୍ୟର ଉନ୍ନୟନ ସମ୍ପର୍କୀୟ ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ଓ ସାମାଜିକ ତଥା ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ଦିଗରେ ସର୍ବସାଧାରଣଙ୍କ ଚିନ୍ତାଧାରାକୁ ଜାଗ୍ରତ କରିବା ପାଇଁ ଆବଶ୍ୟକ ମନେକଲେ ବେସରକାରୀ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବେ ।

ଏହି ବୋର୍ଡକୁ ପରାମର୍ଶ ଦେବାଲାଗି ଗୋଟିଏ ଉପଦେଷ୍ଟା ପରିଷଦ ଗଠନ କରାଯାଇଛି । ଏହି ପରିଷଦରେ ସରକାରଙ୍କର ସମସ୍ତ ସେକ୍ରେଟେରୀ, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟସ୍, ସରକାରୀ କର୍ପୋରେସନ୍‌ର ଚେୟାରମ୍ୟାନ୍ ଓ ସରକାର ଥରକୁ ଥର ମନୋନୀତ କରୁଥିବା ଅଫିସରମାନେ ରହିବେ । ଯୋଜନା ବୋର୍ଡର ସେକ୍ରେଟେରୀ ଉପଦେଷ୍ଟା ପରିଷଦର ସେକ୍ରେଟେରୀରୂପେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିବେ ।

## ସିନିଅର ଅଫିସର ସମ୍ମିଳନୀ

ଗତ ୧୧।୧୦।୧୯୬୩ ଅପରାହ୍ଣରେ ଭୁବନେଶ୍ୱରସ୍ଥ ସେକ୍ରେଟେରିଏଟ ସମ୍ମିଳନୀ-କକ୍ଷରେ ରାଜ୍ୟ ସରକାରଙ୍କ ସିନିୟର ଅଫିସରମାନଙ୍କ ସମ୍ମିଳନୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଭାଷଣ ଦେଇ କହିଥିଲେ—ଦେଶରେ କ୍ରମ-ବର୍ଦ୍ଧିତ ଉନ୍ନୟନ ଯୋଜନା ଫଳରେ ଶାସନକଳ ଉପରେ ଅଧିକ କାମର ଚାପ ପଡୁଛି । ତାହା ତୁଲାଇବା ପାଇଁ ପ୍ରଶାସନ ପଦ୍ଧତିର ପୁନର୍ଗଠନ ଓ ପୁନର୍ନିର୍ମାଣ କରଣୀୟ । ରାଜ୍ୟର ଭବିଷ୍ୟତ ଉନ୍ନୟନ ପରିକଳ୍ପନା ଓ ତାହାର ସାଧନୋପାୟ ଯୋଜନା ବୋର୍ଡର ଚରମ ଦାୟିତ୍ୱ ହେବା ବାଞ୍ଛନୀୟ । ଏହି ପରିକଳ୍ପନାର କାର୍ଯ୍ୟ-ପରିଣତ ଓ ସଫଳତା ହିଁ ପ୍ରଶାସନ ବିଭାଗର ଚରମ କର୍ତ୍ତବ୍ୟ ।

ବର୍ତ୍ତମାନ ଦେଶର ନୂତନ ଆଶାମୂର୍ତ୍ତିକୁ ରୂପାୟିତ କରିପାରିବା ଭଳି ଉପଯୁକ୍ତ ବ୍ୟକ୍ତି ମଧ୍ୟ ଏହି ପ୍ରଶାସନ ବିଭାଗରେ ଅଛନ୍ତି । ଏହା ଏକ ଶୁଭ ଲକ୍ଷଣ । ଏହି ନୂତନ ପରିକଳ୍ପିତ ପରିବର୍ତ୍ତନରେ ଏହି ଶୁଭ ଲକ୍ଷଣର ସଂକେତ ଅନ୍ତର୍ହିତ ହେବ ନାହିଁ ବୋଲି ସେ ଦୃଢ଼ ମତ ପୋଷଣ କରିଥିଲେ ।

କର୍ମଚାରୀମାନେ ଶୃଙ୍ଖଳା ଓ ଦାୟିତ୍ୱର ସହ କାମ ତୁଲାଇବା ପାଇଁ ନିବେଦନ କରି ରାଜ୍ୟର ଉନ୍ନତିର

ସେମାନଙ୍କର ଚରମ ଲକ୍ଷ୍ୟ ହେବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ ।

ଏହି ସଭାରେ ବହୁ ମନ୍ତ୍ରୀ, ଉପମନ୍ତ୍ରୀ ଏବଂ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଯୋଗ ଦେଇଥିଲେ ।

## ପଞ୍ଚାୟତିରାଜ
## ଗଣତନ୍ତ୍ର-ଶାସନର ସ୍ତମ୍ଭ ସ୍ୱରୂପ
### ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ରଙ୍କର
### ଜିଲ୍ଲା ପରିଷଦ ଚେୟାରମ୍ୟାନମାନଙ୍କ ପ୍ରତି ବକ୍ତୃତା

* *

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ର, ଭୁବନେଶ୍ୱରଠାରେ କହିଥିଲେ ଯେ, ପଞ୍ଚାୟତିରାଜ-ଶାସନର ସଫଳତା ଗ୍ରାମଲୋକଙ୍କର ଜୀବନଧାରଣ ସ୍ତରର ପ୍ରକୃତ ଉନ୍ନତି ଉପରେ ହିଁ ବିଚାର କରାଯାଇ ପାରିବ । ସରକାରୀ ଅଫିସର ଓ ପଞ୍ଚାୟତିରାଜର ନିର୍ବାଚିତ ମୁଖ୍ୟମାନଙ୍କ ମଧ୍ୟରେ ଆପୋଷ ଆଲୋଚନା କରି କାର୍ଯ୍ୟ କରିବାର ପ୍ରଥା ଗଢ଼ିବା ପାଇଁ ସେ ଜୋର ଦେଇଥିଲେ ।

ପଞ୍ଚାୟତିରାଜ ଅନୁଷ୍ଠାନ କାର୍ଯ୍ୟର ସମୀକ୍ଷା ଉପରେ ମୁଖ୍ୟମନ୍ତ୍ରୀ ଏକ ସମ୍ମିଳନୀରେ ଜିଲ୍ଲାପରିଷଦର ଚେୟାରମ୍ୟାନ୍, ରେଭିନ୍ୟୁ ଡିଭିଜନାଲ କମିଶନର, ଜିଲ୍ଲା କଲେକ୍ଟର ଏବଂ ଡିପାର୍ଟମେଣ୍ଟମାନଙ୍କର ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ବକ୍ତୃତା ଦେଇଥିଲେ ।

ଶ୍ରୀ ମିତ୍ର କହିଲେ ଯେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପଞ୍ଚାୟତିରାଜ ସୁଦୃଢ଼ଭାବେ କାର୍ଯ୍ୟ କରିଥିଲା । ପଞ୍ଚାୟତିରାଜ ଅନୁଷ୍ଠାନର ଲୋକପ୍ରତିନିଧି-ମାନଙ୍କର ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେବ ।

ଏଣୁ ପ୍ରତ୍ୟେକ ନିଷ୍ପତ୍ତି ସାବଧାନତାର ସହିତ ଆପୋଷ-ଆଲୋଚନା ଓ ବିବେଚନା କରି ଗ୍ରହଣ କରିବା ଉଚିତ । ତାହାହେଲେ ଯାଇ ପ୍ରାଥମିକ ଅବସ୍ଥାରେ ଏହି ନୂଆ ଶାସନ ପଦ୍ଧତିର ଦୋଷଗୁଣ ବାରିହେବ ଏବଂ ଦୋଷଗୁଡ଼ିକ ବାହାର କରାଯାଇ ପାରିବ । ଶ୍ରୀ ମିତ୍ର କହିଲେ ଯେ ପଞ୍ଚାୟତିରାଜ ଶାସନ ନିର୍ବାଚିତ ଲୋକପ୍ରତିନିଧି ଓ ସ୍ଥାୟୀ ଅଫିସରମାନଙ୍କ ଦ୍ୱାରା ଆମ ଗଣତନ୍ତ୍ର-ଶାସନରେ ଦୃଢ଼ ସ୍ତମ୍ଭରୂପେ କାର୍ଯ୍ୟ କରିବ ।

ସମ୍ମିଳନୀ ପ୍ରତ୍ୟେକ ଜିଲ୍ଲା ପରିଷଦର ଚେୟାରମ୍ୟାନ୍, ପଞ୍ଚାୟତ ସମିତି ଚେୟାରମ୍ୟାନ୍, କଲେକ୍ଟର ଓ ଜିଲ୍ଲା ପରିଷଦର ଏକ୍ଜିକ୍ୟୁଟିଭ ଅଫିସର୍ ଏବଂ ଗୋଷ୍ଠୀ ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ (ଚେୟାରମ୍ୟାନ୍ ସ୍ୱରୂପ) ନେଇ ଏକ ସବ୍-କମିଟି ଗଠନ କରିବାକୁ ମତ ଦେଇଛନ୍ତି । ଏହି ସବ୍-କମିଟି ପଞ୍ଚାୟତିରାଜର ଶାସନ ପ୍ରଣାଳୀ ବିଷୟରେ ଅନୁଧ୍ୟାନ କରିବେ ଏବଂ ଉଚିତ ପ୍ରଥାର ଉନ୍ନତି ପାଇଁ ଉପଦେଶ ଦେବେ, ଯଦ୍ୱାରା କି ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟବିଧିର ସମନ୍ୱୟ ଆସିହେବ ।

ସମ୍ମିଳନୀ ଜିଲ୍ଲା ହେଡ୍କ୍ୱାର୍ଟରଗୁଡ଼ିକରେ ପଞ୍ଚାୟତ ଭବନ ଏବଂ ବ୍ଲକରେ ଅଫିସ ଘର ଓ କର୍ମଚାରୀ-ମାନଙ୍କର ଗୃହନିର୍ମାଣର ଅଗ୍ରଗତି ବିଷୟରେ ପର୍ଯ୍ୟାଲୋଚନା କରିଥିଲେ । ଏହା ଅନୁଭବ କରାଯାଇ-ଥିଲା ଯେ ଗ୍ରାମସେବକମାନେ ବାସଗୃହ ପାଇବା ଉଚିତ; ଯେଉଁଥି ପାଇଁ କି ଆଦିବାସୀ ଜିଲ୍ଲାର ବ୍ଲକ୍-ଗୁଡ଼ିକୁ ପ୍ରଥମ ସୁଯୋଗ ଦେଇ ଏକ ପ୍ରଶସ୍ତ ପ୍ରୋଗ୍ରାମ୍ ତିଆରି କରାଯିବା ଉଚିତ ।

ସମ୍ମିଳନୀ ପଞ୍ଚାୟତିରାଜକୁ ହସ୍ତାନ୍ତରିତ ହୋଇ ଯାଇଥିବା ପ୍ରାଇମେରୀ ଶିକ୍ଷାର ସବୁ ବିଷୟରେ ଏବଂ ପ୍ରାଇମେରୀ ସ୍କୁଲ ଶିକ୍ଷକମାନଙ୍କ ଉପରେ ତଦାରଖ କରିବା ବିଷୟରେ ଆଲୋଚନା କରିଥିଲେ । ପ୍ରାଇମେରୀ ସ୍କୁଲ ଶିକ୍ଷକମାନଙ୍କର ଚାକିରି ନିୟମ, ପ୍ରଭିଡେଣ୍ଟ ଫଣ୍ଡ୍ ଏବଂ ପେନସନ୍ର ବ୍ୟବସ୍ଥା ପ୍ରତି ଅବିଳମ୍ବେ ଦୃଷ୍ଟି ଦେବାକୁ ଅନୁମତି ଦେଇଥିଲେ ।

ଏହା ଅନୁଭବ କରାଯାଇଥିଲା ଯେ ସ୍କୁଲ ସବ୍-ଇନସ୍ପେକ୍ଟରମାନଙ୍କୁ ଶିକ୍ଷା ସମ୍ପ୍ରସାରଣ ଅଫିସର ରୂପେ ନିଯୁକ୍ତ କଲେ ପ୍ରାଇମେରି ସ୍କୁଲଗୁଡ଼ିକ ଭଲ ଭାବେ ତଦାରଖ ଓ ନିୟନ୍ତ୍ରଣ ହୋଇପାରିବ । ପ୍ରାଇମେରି ସ୍କୁଲ ଶିକ୍ଷକମାନଙ୍କୁ ଏକସ୍ଟ୍ରା ଡିପାର୍ଟ୍‌ମେଣ୍ଟାଲ ପୋଷ୍ଟମାଷ୍ଟର କରିବା ପାଇଁ ସମ୍ମିଳନୀରେ ଉପସ୍ଥିତ ଥିବା ନିର୍ବାଚିତ ପ୍ରତିନିଧିମାନେ ରାଜି ହୋଇ ନ ଥିଲେ ଏବଂ ଯେଉଁମାନେ ବର୍ତ୍ତମାନ ଅଛନ୍ତି, ସେମାନେ ଛ ମାସ ଭିତରେ ଛାଡ଼ିଦେବା ଉଚିତ୍ ବୋଲି ମତ ଦେଇଥିଲେ । ଗାଁଗହଳରେ ଡାକ୍ତର କରିବା ନିମନ୍ତେ ଲୋକ ଯୋଗାଡ଼ କରିବା ପର୍ଯ୍ୟନ୍ତ ଡାକ ଓ ତାର ବିଭାଗକୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପରିଷଦ ଚେୟାରମ୍ୟାନମାନଙ୍କୁ ଅନୁରୋଧ କରିଥିଲେ ।

## ଦଳିତ ଜାତିସଂଘ ଉପଦେଷ୍ଟା ବୋର୍ଡ଼ ପୁନର୍ଗଠନ

ଦଳିତ ଜାତି ସଂଘର ଅନୁମୋଦିତ କାର୍ଯ୍ୟକ୍ରମକୁ ଭଲଭାବରେ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାର ଏହାର ଉପଦେଷ୍ଟା ବୋର୍ଡ ପୁନର୍ଗଠନ କରିଛନ୍ତି । ୧୯୬୩ ମସିହା ଅକ୍ଟୋବର ୧ ତାରିଖରେ ଗଠିତ ହୋଇଥିବା ୪ ଜଣିଆ ଉପଦେଷ୍ଟା ବୋର୍ଡକୁ ପୁନର୍ଗଠନ କରାଯାଇ ସେଥିରେ ୧୫ ଜଣ ସଭ୍ୟଙ୍କୁ ନିଆଯାଇଛି । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ମନ୍ତ୍ରୀ ଶ୍ରୀ ଟି. ସାଙ୍ଗାନା ଏହି ବୋର୍ଡର ଚେୟାରମ୍ୟାନ୍ ଓ ନିମ୍ନଲିଖିତ ବ୍ୟକ୍ତିମାନେ ଏହାର ସଭ୍ୟ ଅଛନ୍ତି ।

ଶ୍ରୀ ଆର୍. କେ. ବୋଷ, ସଭାପତି, ହରିଜନ ସେବକ ସଂଘ, ସଭ୍ୟ; ଶ୍ରୀ ଭଗୀରଥି ଦାସ, ଏମ୍. ଏଲ୍. ଏ., ସଭ୍ୟ; ଶ୍ରୀ ଏ. ମହାନନ୍ଦ, ଏମ. ଏଲ. ଏ., ସଭ୍ୟ; ଶ୍ରୀ ମିତ୍ର ହରିଜନ, ଏମ୍. ଏଲ୍. ଏ., ସଭ୍ୟ; ଶ୍ରୀ ମୋହନ ନାୟକ, ଏମ୍. ପି., ସଭ୍ୟ; ଶ୍ରୀମତୀ ସରୋଜିନୀ ଷଡ଼ଙ୍ଗୀ, ଚେୟାରମ୍ୟାନ, ରାଜ୍ୟ ସମାଜକଲ୍ୟାଣ ଉପଦେଷ୍ଟା ବୋର୍ଡ ଭୁବନେଶ୍ୱର, ସଭ୍ୟ; ଶ୍ରୀ ଏସ୍. କେ. ଦାସ, ଏମ୍. ଏଲ୍. ଏ., ସଭାପତି, ଓଡ଼ିଶା ଦଳିତ ଜାତି ସଂଘ, ସଭ୍ୟ; ଶ୍ରୀ ଡି. ନାୟକ, ଏମ୍. ଏଲ୍. ଏ., ଉପ-ସଭାପତି, ଓଡ଼ିଶା ଦଳିତ ଜାତି ସଂଘ, ସଭ୍ୟ; ଶ୍ରୀ ଲକ୍ଷ୍ମଣ ମଲ୍ଲିକ, ଏମ୍. ଏଲ୍. ଏ., ସାଧାରଣ ସମ୍ପାଦକ, ଦଳିତ ଜାତି ସଂଘ, ସଭ୍ୟ; ଡିରେକ୍ଟର, ଆଦିବାସୀ ଗ୍ରାମମଙ୍ଗଳ ବିଭାଗ, ଭୁବନେଶ୍ୱର, ସଭ୍ୟ, ତପସିଲଭୁକ୍ତ ଜାତି ଓ ତପସିଲଭୁକ୍ତ ସମ୍ପ୍ରଦାୟ ପାଇଁ ଭୁବନେଶ୍ୱରଠାରେ ଥିବା ଭାରତ ସରକାରଙ୍କ ଆସିଷ୍ଟାଣ୍ଟ କମିଶନର, ସଭ୍ୟ; ଭୁବନେଶ୍ୱରସ୍ଥ ଆଦିବାସୀ ଓ ଗ୍ରାମ-ମଙ୍ଗଳ ବିଭାଗର ଅର୍ଥ ପରାମର୍ଶଦାତା, ସଭ୍ୟ; ଡିରେକ୍ଟର, ଲୋକସମ୍ପର୍କ ବିଭାଗ, ସଭ୍ୟ; ଶ୍ରୀ କେ. ସି. ସେଠ, ଏମ୍. ଏଲ୍. ଏ., କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଦଳିତ ଜାତି ସଂଘ, ସଭ୍ୟ-ଆବାହକ ।

## ଆଦିବାସୀ ଓ ହରିଜନମାନଙ୍କ ଆର୍ଥିକ ସାହାଯ୍ୟ

ଜମି ଉଚ୍ଛେଦ ସମ୍ପର୍କୀୟ ମାଲ ମକଦ୍ଦମାରେ ପକ୍ଷ ସମର୍ଥନ ପାଇଁ ଆଦିବାସୀମାନଙ୍କୁ ସାହାଯ୍ୟ ଦିଆଯିବ

* *

ଜମି ଉଚ୍ଛେଦ ସମ୍ପର୍କୀୟ ମାଲ-ମକଦ୍ଦମାରେ ସଂପୃକ୍ତ ତପସିଲଭୁକ୍ତ ସମ୍ପ୍ରଦାୟ ଓ ଜାତିର ଲୋକମାନଙ୍କୁ ସରକାର ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଗାଁଗହଳରେ ଏ ବିଷୟ ଯଥେଷ୍ଟ ପ୍ରଚାର ହୋଇ ନ ଥିବା ଯୋଗୁଁ ଆଦିବାସୀ ଓ ହରିଜନମାନଙ୍କ ପାଇଁ ସରକାର ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଜରିଆରେ ଯେଉଁ ଆର୍ଥିକ ସାହାଯ୍ୟ ଦେଉଛନ୍ତି, ତାହା ସେମାନେ ପାଇବା ପାଇଁ ସମର୍ଥ ହୋଇ ପାରୁନାହାନ୍ତି ବୋଲି ସରକାରଙ୍କ ଦୃଷ୍ଟିକୁ ଅଣାଯାଇଛି । ଫଳରେ



ଅକ୍ଟୋବର ୨ ତାରିଖ ଅପରାହ୍ଣରେ ରାଜଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ
ଶ୍ରୀ ବୀରେନ୍ ମିତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀରୂପେ ଶପଥ ଗ୍ରହଣ କଲେ
ଚିତ୍ରରେ—ରାଜ୍ୟପାଳ ଡଃ ଖୋସଲା ଶ୍ରୀ ମିତ୍ରଙ୍କୁ ଶପଥ ପାଠ କରାଉଛନ୍ତି



ଭୁବନେଶ୍ୱର ସେକ୍ରେଟେରିଏଟ୍‌ସ୍ଥ ମୁଖ୍ୟମନ୍ତ୍ରୀଙ୍କ କକ୍ଷରେ ବ୍ରିଟିଶ-
ହାଇକମିଶନରଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମିତ୍ରଙ୍କର ଆଲୋଚନା
ଚିତ୍ରରେ ବାମରୁ ଡାହାଣକୁ—ବ୍ରିଟିଶ ଡେପୁଟୀ ହାଇକମିଶନର, ଓଡ଼ିଶାର [illegible]









## ବାରବାଟୀ ଷ୍ଟାଡ଼ିୟମରେ
## ନବମ ଜାତୀୟ ସ୍କୁଲ କ୍ରୀଡ଼ା-ପ୍ରତିଯୋଗିତା

(ଉପର ଚିତ୍ର)—ପ୍ରତିଯୋଗିତାର ଉଦ୍‌ଯାପନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ର ବିଭିନ୍ନ ରାଜ୍ୟର ପ୍ରତିଯୋଗୀମାନଙ୍କୁ ଭାଷଣ ଦେଉଛନ୍ତି ।

(ତଳ ବାମପଟ)—୨୨।୧୦।୬୩ ତାରିଖରେ କ୍ରୀଡ଼ା-ପ୍ରତିଯୋଗିତା ଉଦ୍‌ଘାଟନ ଉପଲକ୍ଷେ "ଓଡ଼ିଶା କଣ୍ଟିନ୍‌ଜେଣ୍ଟ"ର ମାର୍ଚ୍ଚପାଷ୍ଟ—ଓଡ଼ିଶାର ଶିକ୍ଷାମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତି ଅଭିବାଦନ ଗ୍ରହଣ କରୁଛନ୍ତି ।

(ତଳ ଡାହାଣପଟ)—୨୫।୧୦।୬୩ରେ ହୋଇଥିବା ଫୁଟବଲ ଖେଳରେ ଜିଣି ଓଡ଼ିଶାର ଖେଳାଳିମାନେ ସ୍ୱର୍ଣ୍ଣ ସ୍ଥାନ କରି ଲାଭ କରିଛନ୍ତି ।



ଭୁବନେଶ୍ୱର ରାଜଭବନଠାରେ ଯୋଜନା କମିସନ ସଭ୍ୟ ଶ୍ରୀମନ୍ ନାରାୟଣଙ୍କର
ଓଡ଼ିଶାର ସାମ୍ବାଦିକମାନଙ୍କ ସହ ଆଲୋଚନା ( ୧୮ । ୯ । ୧୯୬୩ )



୨୫ । ୯ । ୬୩ ତାରିଖରେ ଭୁବନେଶ୍ୱର କଳାମଣ୍ଡପରେ ଓଡ଼ିଶା ସାହିତ୍ୟ ଏକାଡ଼େମୀଙ୍କ ଦ୍ୱାରା ସଂଗଠିତ ସାଂସ୍କୃତିକ ଚିତ୍ତବିନୋଦନ କାର୍ଯ୍ୟକ୍ରମ ଅବସରରେ—ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା-ଉପମନ୍ତ୍ରୀ ଶ୍ରୀମତୀ ପ୍ରଧାନ, ପୂର୍ତ୍ତ ଓ ଶିକ୍ଷା ବିଭାଗ ସେକ୍ରେଟେରୀ ଶ୍ରୀ ଭେଙ୍କଟରମଣ ଓ ସାଂସ୍କୃତିକ ବ୍ୟାପାର ବିଭାଗ ଉପମନ୍ତ୍ରୀ ଶ୍ରୀ ସନ୍ତୋଷକୁମାର ସାହୁ ଉପସ୍ଥିତ

## ଭାରତ-ତିଆରି ଯାନ୍ତ୍ରିକ ଭାରବାହକ—ଜଙ୍ଗୀ ଜିପ୍



ଉପରେ—ବିଭିନ୍ନ ଧରଣର ତିନୋଟି ଜିପ୍—ଶକ୍ତିମାନ, ନିଶାନ, ଜଙ୍ଗା

ଗୋଟିଏ ଜାପାନୀ ପ୍ରତିଷ୍ଠାନର ସହାୟତାରେ ଭାରତର ଅସ୍ତ୍ରଶସ୍ତ୍ର କାରଖାନାରେ ବର୍ତ୍ତମାନ ବିଭିନ୍ନ ଧରଣର ଜିପ୍ ତିଆରି ହେଉଛି । ଗତ ବର୍ଷ ଏଠାରୁ ୧୦୦୦ ଜିପ୍ ତିଆରି ହୋଇଥିଲା



କାରଖାନାରେ ଜିପ୍ ତିଆରି ହେଉଥିବାର ଦୃଶ୍ୟ

ହେଲେ ବର୍ଷ ଏଥିପାଇଁ ଦିଆଯାଉଥିବା ଅର୍ଥ ସୁବ୍ୟବହାରରେ ଖର୍ଚ୍ଚ ହୋଇପାରୁନାହିଁ । ତେଣୁ ଜମି ଉଚ୍ଛେଦ ସମ୍ପର୍କୀୟ ମାଲ-ମକଦ୍ଦମାରେ ସଂପୃକ୍ତ ଥିବା ତଫସିଲଭୁକ୍ତ ସମ୍ପ୍ରଦାୟ ଓ ତଫସିଲଭୁକ୍ତ ଜାତିକୁ ଆର୍ଥିକ ସାହାଯ୍ୟ ଦିଆଯିବ ବୋଲି ସାଧାରଣତଃ ଆଦିବାସୀ ଓ ହରିଜନମାନଙ୍କୁ ଜଣାଇ ଦେବା ନିମନ୍ତେ ଏହାକୁ ପ୍ରକାଶ କରାଯାଇଛି । କୌଣସି ମକଦ୍ଦମାରେ ଅନ୍ୟ ପକ୍ଷର ଲୋକମାନେ ତଫସିଲଭୁକ୍ତ ସମ୍ପ୍ରଦାୟ ବା ତଫସିଲଭୁକ୍ତ ଜାତିର ଲୋକ ହୋଇ ନ ଥିଲେ ଏହି ସାହାଯ୍ୟ ମିଳିବ । ଏହିଭଳି ସାହାଯ୍ୟ ପାଇବା ପାଇଁ ଆବେଦନ କରିବାକୁ ଇଚ୍ଛୁଥିବା ବ୍ୟକ୍ତିମାନେ ଆବଶ୍ୟକ ଅନୁଯାୟୀ ଜିଲ୍ଲା ଓ ସବ୍‌ଡିଭିଜନାଲ୍ ସଦର ମହକୁମାରେ ଜିଲ୍ଲା ମାଜିଷ୍ଟ୍ରେଟ୍, ଏସ୍. ଡି. ଓ. ଜିଲ୍ଲା ପଛୁଆବର୍ଗ ଓ ଆଦିବାସୀ ଗ୍ରାମମଙ୍ଗଳ ଅଫିସର କିମ୍ବା ସହକାରୀ ଜିଲ୍ଲା ପଛୁଆବର୍ଗ ଓ ଆଦିବାସୀ ଗ୍ରାମ-ମଙ୍ଗଳ ଅଫିସରଙ୍କ ସହିତ ଏ ସମ୍ପର୍କରେ କଥାବାର୍ତ୍ତା କରନ୍ତୁ ଏବଂ ଏହି ଆର୍ଥିକ ସାହାଯ୍ୟ ମଞ୍ଜୁର କରାଇବା ପାଇଁ ଉପରୋକ୍ତ ଅଫିସରମାନଙ୍କ ନିକଟକୁ ନିଜ ନିଜର ନାମ, ଗ୍ରାମ, ଥାନା, ମକଦ୍ଦମା ନମ୍ବର ଓ ମକଦ୍ଦମାର ସଂକ୍ଷିପ୍ତ ଇତିହାସ ଉଲ୍ଲେଖ କରି ଦରଖାସ୍ତ କରନ୍ତୁ । ତାହାହେଲେ ସଂପୃକ୍ତ ଅଫିସର-ମାନେ ଏହିଭଳି ସାହାଯ୍ୟର ପରିମାଣ କେତେ ହେବ, ତାହାକୁ ମଞ୍ଜୁର କରିବା ପାଇଁ ସରକାରୀ ଓକିଲଙ୍କ ସହ ପରାମର୍ଶ କରି ବ୍ୟବସ୍ଥା କରିବେ ।

## ବାଣିଜ୍ୟକର ଦେଉଥିବା ବ୍ୟବସାୟୀଙ୍କୁ ସୁବିଧା ପ୍ରଦାନ

କର-ନିର୍ଦ୍ଧାରଣ କରିବା ଦିଗରେ ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟୀ ତଥା କରଦାତାମାନଙ୍କ ସୁବିଧା ପାଇଁ ନୟାଗଡ଼ ଓ ବଉଦଠାରେ ଦୁଇଟି ଜମାବନ୍ଦି ୟୁନିଟ୍ ସ୍ଥାପନ କରାଯାଇଛି । ରଣପୁର ଥାନା ବ୍ୟତୀତ ସମଗ୍ର ନୟାଗଡ଼ ସବ୍‌ଡିଭିଜନ ନୟାଗଡ଼ ୟୁନିଟ୍ ଅଧୀନରେ ରହିବ ଏବଂ ବଉଦ ୟୁନିଟ୍ ଅଧୀନରେ ଫୁଲବାଣୀ ଜିଲ୍ଲାର ସମଗ୍ର ବଉଦ ସବ୍‌ଡିଭିଜନ ରହିବ । ସମ୍ପୃକ୍ତ କର-ନିର୍ଦ୍ଧାରଣ ୟୁନିଟ୍‌ର କ୍ଷମତାପ୍ରାପ୍ତ ସହକାରୀ ବାଣିଜ୍ୟ-କର ଅଫିସର ( ଅସିଷ୍ଟାଣ୍ଟ କମରସିଆଲ ଟାକ୍ସ ଅଫିସର ) ବଡ଼ ବଡ଼ ବ୍ୟବସାୟୀଙ୍କ ବ୍ୟତୀତ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ କରଧାର୍ଯ୍ୟ କରିପାରିବେ । ଆସେସମେଣ୍ଟ ୟୁନିଟ୍ ଅଫିସରମାନେ କର-ନିର୍ଦ୍ଧାରଣ ୟୁନିଟ୍‌ସ୍ଥିତ ସମସ୍ତ ବ୍ୟବସାୟୀ ତଥା କରଦାତାମାନଙ୍କ ନିକଟରୁ ଟିକସ ଆଦାୟ କରିବା, ରେଜେଷ୍ଟ୍ରି କରିବା, ରେଜେଷ୍ଟ୍ରି ସାନ କରିବା, ବିବରଣୀ ଦାଖଲ କରିବା ଆଦି ଦାୟିତ୍ୱ ତୁଲାଇବେ । କର-ନିର୍ଦ୍ଧାରଣ ୟୁନିଟ୍‌ସ୍ଥିତ ବ୍ୟବସାୟୀ ତଥା କରଦାତାମାନେ ସମ୍ପୃକ୍ତ ୟୁନିଟ୍ ଅଫିସରମାନଙ୍କଠାରୁ ଦରକାରୀ 'ସି' ଫର୍ମ ସମେତ ଅନ୍ୟାନ୍ୟ ବୈଧାନିକ ଫର୍ମ ଆଦି ପାଇବେ । ଏହା ଫଳରେ ଆଉ ସେମାନଙ୍କୁ ଏ ସମସ୍ତ ଫର୍ମ ପାଇଁ ସର୍କଲ ଅଫିସକୁ ଯିବାକୁ ପଡ଼ିବ ନାହିଁ ।

ତେଣୁ ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟୀ ଓ କରଦାତାମାନେ ଉପରୋକ୍ତ ସୁବିଧା ହାସଲ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ନିଜ ନିଜ ଅଞ୍ଚଳର କର-ନିର୍ଦ୍ଧାରଣ ୟୁନିଟ୍ ଅଫିସରଙ୍କ ସହିତ ସହଯୋଗ କରିବା ଆବଶ୍ୟକ ।

## କଳାହାଣ୍ଡି ଜିଲ୍ଲାରୁ ଜାଗିର ଉଚ୍ଛେଦ

ପୂର୍ବତନ କଳାହାଣ୍ଡି ଗଡ଼ଜାତରେ ଗ୍ରାମବାସୀ-ମାନଙ୍କ ସାମୂହିକ ସେବାକାର୍ଯ୍ୟ କରିବା ନିମନ୍ତେ କରିଆ ( ନୂଆପଡ଼ା ସବ-ଡିଭିଜନର କରିଆମାନଙ୍କ ବ୍ୟତୀତ ), ଧୋବା, ଭଣ୍ଡାରି, ଲୋହାର, ଡମନ ଓ

[illegible]

କୃଷ୍ଣାରମାନଙ୍କୁ ଜାଗିର୍ ଦିଆଯାଇଥିଲା । ପରିବର୍ତ୍ତିତ ପରିସ୍ଥିତିରେ ଏମାନଙ୍କର ଆଉ କୌଣସି ଆବଶ୍ୟକତା ନାହିଁ । ତେଣୁ ଉପରୋକ୍ତ ଜାଗିର୍-ପ୍ରଥାକୁ ଉଚ୍ଛେଦ କରିଦେବା ନିମନ୍ତେ ସରକାର ନିଷ୍ପତ୍ତି କରିଛନ୍ତି ଏବଂ ୧।୭।୧୯୭୩ରେ ଏହି ଜାଗିର୍ ଜମି-ଗୁଡ଼ିକୁ ପ୍ରକୃତରେ ଭୋଗ-ଦଖଲ କରୁଥିବା ଜାଗିର୍ଦାରମାନଙ୍କ ନାମରେ ବିନା ସଲାମିରେ ନ୍ୟାଯ୍ୟ ଓ ଯଥାର୍ଥ ଖଜଣାରେ ସ୍ଥିତିବାନ ସ୍ୱତ୍ୱରେ ବନ୍ଦୋବସ୍ତ କରାଯିବ । ଏହି ସର୍ତ୍ତରେ ଏହା କରାଯିବ ଯେ, ସେମାନେ ଯେଉଁସବୁ ସେବାକାର୍ଯ୍ୟ କରିବା ପାଇଁ ଏହି ଜାଗିର୍ ଜମି ପାଇଥିଲେ, ସେସବୁ କାମ କରିବେ ନାହିଁ । ଗ୍ରାମସଭା ପାଇଁ ଏଥିରୁ କୌଣସି ଜମି ସଂରକ୍ଷିତ ରଖାଯିବ ନାହିଁ ଓ ଏଥି ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ ।

ଯେଉଁ ଜାଗିର୍ଦାରମାନେ ଜାଗିର୍ ଜମିରେ ସେମାନଙ୍କ ସ୍ୱତ୍ୱ ଓ ଅଧିକାର ତ୍ୟାଗ କରି ତାହା ବଦଳରେ ଜମିରେ ସ୍ଥିତିବାନ ସ୍ୱତ୍ୱ ହାସଲ କରିବାକୁ ଚାହାନ୍ତି, ସେମାନେ ୩୧।୧୨।୧୯୭୩ ତାରିଖରେ କିମ୍ବା ତତ୍ପୂର୍ବରୁ କଳାହାଣ୍ଡି ଜିଲ୍ଲା କଲେକ୍ଟର କିମ୍ବା ଏ ସମ୍ପର୍କରେ ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ କୌଣସି ରାଜସ୍ୱ ବିଭାଗ ଅଫିସରଙ୍କ ନିକଟକୁ ଆବେଦନ କରିପାରିବେ ।

## ଶସ୍ୟ ପ୍ରତିଯୋଗିତା—୧୯୭୩-୭୪

ଧାନ, ଗହମ ଓ ଆଳୁ ଚାଷର ଏକର ପ୍ରତି ଅମଳ ବଢ଼ାଇବା ଉଦ୍ଦେଶ୍ୟରେ କୃଷୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବା ପାଇଁ ୧୯୫୦-୬୦ ମସିହାରୁ ସରକାରଙ୍କ ତରଫରୁ 'ଶସ୍ୟ ପ୍ରତିଯୋଗିତା ଯୋଜନା' କାର୍ଯ୍ୟକାରୀ ହୋଇ ଆସୁଅଛି । ଏହା ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ସ୍ଥିରକରାଯାଇ ଧାନ, ଗହମ ଓ ଆଳୁ ସମ୍ବନ୍ଧରେ ଧାନ, ଗହମ ଓ ଚିନାବାଦାମ ଚାଷର ପ୍ରତିଯୋଗିତା କରାଯାଉଅଛି ।

ଏ ଯୋଜନା ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହୋଇଛି ଏବଂ ପର ବର୍ଷମାନଙ୍କରେ ଏହା ବ୍ଲକ୍ ଓ ରାଜ୍ୟ ସ୍ତରକୁ କ୍ରମେ ସମ୍ପ୍ରସାରିତ ହୋଇଅଛି । ବର୍ତ୍ତମାନ ଏହି ଯୋଜନା ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ବଛାଯାଇଥିବା ବ୍ଲକ-ମାନଙ୍କର ବିଭିନ୍ନ ପଞ୍ଚାୟତମାନଙ୍କରେ ପ୍ରଥମେ ପୁରସ୍କୃତ ହୋଇ କୃଷୀମାନେ ପର ବର୍ଷ ବ୍ଲକ ସ୍ତରର ପ୍ରତିଯୋଗିତାରେ ଯୋଗଦେବେ । ସେହିପରି ବ୍ଲକ ସ୍ତରରେ ପ୍ରଥମ ପୁରସ୍କାର ପାଇଥିବା କୃଷୀ ପରବର୍ଷ ଜିଲ୍ଲା ସ୍ତରର ପ୍ରତିଯୋଗିତାରେ ଯୋଗ ଦେଇ-ପାରିବେ ।

ଜିଲ୍ଲା ସ୍ତରରେ ୧ମ ଓ ୨ୟ ପୁରସ୍କାର ପାଇଥିବା କୃଷୀ ପରବର୍ଷ ରାଜ୍ୟ ସ୍ତରର ପ୍ରତିଯୋଗିତାରେ ଯୋଗ ଦେଇପାରିବେ । ଏହି ବ୍ଲକ ଓ ରାଜ୍ୟ ସ୍ତରର ପ୍ରତିଯୋଗିତାରେ ସିଧା ଯୋଗଦେବା ପାଇଁ ଅଧିକ ପ୍ରବେଶିକା ଫିସ୍ ନିଆଯାଇ ଅନୁମତି ଦିଆଯାଇ ପାରିବ । ପ୍ରତି ରାଜ୍ୟ ପ୍ରତିଯୋଗିତାରେ ସିଧା ଯୋଗ-ଦେବା ପାଇଁ ଇଚ୍ଛୁକ ଥିବା କୃଷୀଙ୍କୁ ବ୍ଲକ ସ୍ତରରେ ପ୍ରବେଶିକା ଫିସ୍ ଟ ୫୲, ଜିଲ୍ଲା ସ୍ତରରେ ଟ ୧୫୲ ଓ ରାଜ୍ୟ ସ୍ତରରେ ଟ ୩୦୲ ଦେବାକୁ ହେବ । ପ୍ରତି-ଯୋଗିତାରେ ଗ୍ରାମପଞ୍ଚାୟତ ସ୍ତରରେ ୧୦ଜଣ, ବ୍ଲକ ସ୍ତରରେ ୫ ଜଣ, ଜିଲ୍ଲା ସ୍ତରରେ ୧୦ ଜଣ ଓ ରାଜ୍ୟ ସ୍ତରରେ ୨୦ ଜଣ ଯୋଗଦେଇ ପାରିବେ । ଧାନ, ଗହମ, ଚିନାବାଦାମ ପକାରେ ପ୍ରତ୍ୟେକ ପାଇଁ ପ୍ରବେଶିକା 'ଫିସ୍—ପଞ୍ଚାୟତ ସ୍ତରରେ ଟ ୧୲, ବ୍ଲକ ସ୍ତରରେ ଟ ୨୲, ଜିଲ୍ଲା ସ୍ତରରେ ଟ ୫୲ ଓ ରାଜ୍ୟ ସ୍ତରରେ ଟ ୨୦୲ ଦେବାକୁ ହେବ ।

ପ୍ରତିଯୋଗିତାରେ ଧାନ ପାଇଁ ଏକ ଏକର, ଗହମ ପାଇଁ ଅଧ ଏକର ଓ ଚିନାବାଦାମ ପାଇଁ ଅଧ ଏକର ଜମି ଗ୍ରହଣ କରାଯିବ । ଫସଲ କାଟିବା ପାଇଁ ଧାନ କ୍ଷେତରୁ ୭୦-୨୦ ଡେ: ଜମି, ଗହମ କ୍ଷେତରୁ ୭୦-୧୦ ଡେ: ଜମି, ଚିନାବାଦାମ କ୍ଷେତରୁ ୭୦-୧୦ ଡେ: ଜମି କଟାଯିବ । ଆଦାୟ ପ୍ରତିଯୋଗିତାରେ ପଞ୍ଚାୟତ ସ୍ତରରେ ଏକର ପିଛା ଆଦାୟ ଧାନ ୩୫ ମହଣ, ଗହମ ୧୦ମହଣ ଓ ଚିନାବାଦାମ ୧୨ମହଣ; ବ୍ଲକ ସ୍ତରରେ ଏକର ପିଛା ଆଦାୟ ଧାନ ୪୦ ମହଣ, ଗହମ ୧୫ ମହଣ ଓ ଚିନାବାଦାମ ୧୪ ମହଣ; ଜିଲ୍ଲା ସ୍ତରରେ ଏକର ପିଛା ଆଦାୟ ଧାନ ୪୫ ମହଣ, ଗହମ ୧୮ ମହଣ ଓ ଚିନାବାଦାମ ୧୫ ମହଣ ଏବଂ ରାଜ୍ୟ ସ୍ତରରେ ଏକର ପିଛା ଆଦାୟ ଧାନ ୫୦ମହଣ, ଗହମ ୨୦ ମହଣ ଓ ଚିନାବାଦାମ ୧୭ ମହଣ ଗ୍ରହଣ କରାଯିବ ।

ଜଳସେଚନର ସୁବିଧା ଥାଇ ବା ନ ଥାଇ ଧାନ, ଗହମ ଓ ଚିନାବାଦାମ ଉତ୍ପାଦନ ପାଇଁ ଯେଉଁ ପ୍ରତିଯୋଗିତା ହେବ, ସେଥିପାଇଁ ପଞ୍ଚାୟତ ପ୍ରତିଯୋଗିତା ସ୍ତରରେ ଧାନ, ଗହମ ଓ ଚିନାବାଦାମ ପାଇଁ ପ୍ରତ୍ୟେକଙ୍କୁ ଟ୨୫/- ଲେଖାଏଁ ଗୋଟିଏ ପୁରସ୍କାର ଦିଆଯିବ । ବ୍ଲକ ସ୍ତରରେ ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦିଆଯିବ । ଯେଉଁମାନେ ପ୍ରଥମ ପୁରସ୍କାର ପାଇବେ ସେମାନଙ୍କୁ ଧାନ, ଗହମ ଓ ଚିନାବାଦାମ ପ୍ରତ୍ୟେକ ପାଇଁ ଟ୧୦୦/- ପୁରସ୍କାର ଦିଆଯିବ । ଯେଉଁମାନେ ଦ୍ୱିତୀୟ ପୁରସ୍କାର ପାଇବେ, ସେମାନଙ୍କୁ ଟ୫୦/- ଲେଖାଏଁ ପୁରସ୍କାର ଦିଆଯିବ । ଜିଲ୍ଲା ସ୍ତର ପ୍ରତିଯୋଗିତାରେ ଧାନ, ଗହମ ଓ ଚିନାବାଦାମ ପାଇଁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦିଆଯିବ । ଯେଉଁମାନେ ପ୍ରଥମ ପୁରସ୍କାର ପାଇବେ, ସେମାନଙ୍କୁ ଧାନ, ଗହମ ଓ ଚିନାବାଦାମ ପ୍ରତ୍ୟେକ ପାଇଁ ଟ୩୦୦/- ଲେଖାଏଁ ପୁରସ୍କାର ଦିଆଯିବ । ଯେଉଁମାନେ ଦ୍ୱିତୀୟ ପୁରସ୍କାର ପାଇବେ ସେମାନଙ୍କୁ ଟ୨୦୦/- ପୁରସ୍କାର ଦିଆଯିବ ।

ରାଜ୍ୟସ୍ତର ପ୍ରତିଯୋଗିତାରେ ଧାନ, ଗହମ ଓ ଚିନାବାଦାମ ପାଇଁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ଦିଆଯିବ । ପ୍ରଥମ ପୁରସ୍କାରରେ ଉପରୋକ୍ତ ପ୍ରତ୍ୟେକ ଖାଦ୍ୟଶସ୍ୟ ପାଇଁ ଟ୨୦୦୦/- ଲେଖାଏଁ ଓ ଦ୍ୱିତୀୟ ପୁରସ୍କାର ଟ୧୦୦୦/- ଲେଖାଏଁ ଦିଆଯିବ ।

ଉପରୋକ୍ତ ମତେ ଜିଲ୍ଲା ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା କୃଷୀଙ୍କୁ ଟଙ୍କା ଆକାରରେ କିମ୍ବା କୃଷି ଯନ୍ତ୍ରପାତି ଓ ସାର ଆକାରରେ ପୁରସ୍କାର ଦିଆଯିବ । ସେ ବିଷୟ ଜିଲ୍ଲା ସ୍ତରର କମିଟି ନିଷ୍ପତ୍ତି କରିବେ ।

ଏହାଛଡ଼ା ଉପରୋକ୍ତ ପ୍ରତ୍ୟେକ ସ୍ତରର କୃଷୀଙ୍କୁ ପ୍ରଶଂସାପତ୍ର ଦିଆଯିବ । ବ୍ଲକ ଅଫିସରମାନେ ନିଜ ଗ୍ରାମପଞ୍ଚାୟତ ଓ ବ୍ଲକ ସ୍ତରର ସବୁ ପୁରସ୍କାର ବାଣ୍ଟିବାର ବ୍ୟବସ୍ଥା କରିବେ । ଜିଲ୍ଲା କୃଷି ଅଫିସର ଜିଲ୍ଲାସ୍ତରର ସବୁ ପୁରସ୍କାର ବାଣ୍ଟିବାର ବ୍ୟବସ୍ଥା କରିବେ ଓ କୃଷି ବିଭାଗ ଡିରେକ୍ଟର ରାଜ୍ୟ ସ୍ତରର ପୁରସ୍କାର ସବୁ ବାଣ୍ଟିବାର ବ୍ୟବସ୍ଥା କରିବେ । ଗ୍ରାମପଞ୍ଚାୟତ ଓ ବ୍ଲକ ସ୍ତର ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା କୃଷୀଙ୍କୁ ଯେଉଁ ପୁରସ୍କାର ବଣ୍ଟାଯିବ, ତାହା ବ୍ଲକରେ ହେଉଥିବା ମେଳାରେ ବଣ୍ଟାଯିବ । ●

## ଜାତୀୟ ବୃତ୍ତି ପରିକଳ୍ପନା

ଜାତୀୟ ବୃତ୍ତି ପରିକଳ୍ପନା ଅନୁଯାୟୀ ୧୯୭୩-୭୪ ମସିହାରେ ଓଡ଼ିଶାର ୨୦ ଜଣ ଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯିବ । ୧୯୭୩ ମସିହାରେ ଅନୁଷ୍ଠିତ ହାଇସ୍କୁଲ ଓ ଉଚ୍ଚ-ମାଧ୍ୟମିକ ସ୍କୁଲର ପରୀକ୍ଷା ଫଳକୁ ଭିତ୍ତିକରି ଏହି ଛାତ୍ରମାନଙ୍କୁ ବଛାଯାଇଛି ଏବଂ ଭାରତ

ସରକାର ଏହି ବୃତ୍ତି ପ୍ରଦାନ କରିବେ । ଓଡ଼ିଶାର ଯେଉଁ ଛାତ୍ରମାନେ ଏହି ବୃତ୍ତିଲାଭ କରିଛନ୍ତି ସେମାନେ ହେଲେ—ଲଳିତ ମୋହନ ପଟ୍ଟନାୟକ, ଗଙ୍ଗାଧର ଶତପଥୀ, ମଣିଲାଲ ତ୍ରିପାଠୀ, ବ୍ରଜବିହାରୀ ମହାପାତ୍ର, ରମେଶପ୍ରସାଦ ପାଣିଗ୍ରାହୀ, ନଗକାର ବିଶ୍ୱାଳ, ଜୟଦେବ ମିଶ୍ର, ସଞ୍ଜିବକୁମାର ମିଶ୍ର, ଅରୁଣକୁମାର ରଥ, ଅଭୟକୁମାର ଜେନା, ଅଧିରକୁମାର ପାଣି, ରମେଶଚନ୍ଦ୍ର ବେହେରା, ଜୟପ୍ରକାଶ ମହାପାତ୍ର, ନୀଳକଣ୍ଠ ପାଣିଗ୍ରାହୀ, ରଞ୍ଜନକୁମାର ମୁଖର୍ଜି, ସୁବାସଚନ୍ଦ୍ର ହଜାରୀ, ଅମିତ କରଣ ଦେବ, ସୂର୍ଯ୍ୟକୁମାର ମିଶ୍ର, ଯୋଗେନ୍ଦ୍ର ନାଥ ମହାପାତ୍ର, ଶ୍ୟାମପ୍ରସାଦ ନାୟକ, ଆଲୋକକୁମାର ତ୍ରିପାଠୀ, ଗୌରୀଶଙ୍କର ସଡ଼ଙ୍ଗୀ, ନାରାୟଣ ସାମଲ, ରାଜେନ୍ଦ୍ରପ୍ରସାଦ ସକୁନିଆ ଓ ଉଦୟଭାନୁ ଦାସ ।

## ପ୍ରତ୍ୟେକ ଓଡ଼ିଶାବାସୀ ରେଡ଼କ୍ରସ ଅନୁଷ୍ଠାନକୁ ଯଥାଶକ୍ତି ଦାନ କରିବା ନିମନ୍ତେ ରାଜ୍ୟପାଳଙ୍କ ନିବେଦନ

ଓଡ଼ିଶାର ରାଜ୍ୟପାଳ ଓ ରେଡ଼କ୍ରସ ଅନୁଷ୍ଠାନର ଓଡ଼ିଶା ଶାଖାର ସଭାପତି ଡକ୍ଟର ଏ. ଏନ୍. ଖୋସଲା ଗତ ନଭେମ୍ବର ୧୦, ୧୯୬୩ଠାରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ରେଡ଼କ୍ରସ ଶତବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ରେଡ଼କ୍ରସ ଶତବାର୍ଷିକ ଉତ୍ସବ ପାଳନ କମିଟି ପକ୍ଷରୁ ନିମ୍ନଲିଖିତ ନିବେଦନ ପ୍ରକାଶ କରିଛନ୍ତି :—

ଭାରତୀୟ ରେଡ଼କ୍ରସ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖା ଗତ ୧୯୬୩ ମସିହା ନଭେମ୍ବର ୧୦ ତାରିଖଠାରୁ ବାର୍ଷିକ ପାଣ୍ଠି ତଥା ସଭ୍ୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ରେଡ଼କ୍ରସ୍ ଶତବାର୍ଷିକ ଉତ୍ସବ ମଧ୍ୟ ପାଳନ କରୁଛନ୍ତି ।

ରେଡ଼କ୍ରସ୍ ସଂଗଠନ ୧୮୬୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ବିଗତ ୧୦୦ ବର୍ଷ ମଧ୍ୟରେ ରାଜନୀତି, ଧର୍ମ ଏବଂ ସଂପ୍ରଦାୟ-ନିର୍ବିଶେଷରେ ଏହି ଅନୁଷ୍ଠାନ ଏକ ବିରାଟ ଆନ୍ତର୍ଜାତିକ ମାନବସେବା-ମୂଳକ ଅନୁଷ୍ଠାନରେ ପରିଣତ ହୋଇ ପାରିଛି । ସମଗ୍ର ପୃଥିବୀରେ ଏହାର ଶାଖା ରହିଛି । ଯୁଦ୍ଧ ଓ ଶାନ୍ତି ଉଭୟ ସମୟରେ ପୃଥିବୀର ଯେ କୌଣସି ସ୍ଥାନରେ ମାନବର ଦୁଃଖ-ଦୁର୍ଦ୍ଦଶାର ଉପଶମ ଏହି ସଂଗଠନର ମୂଳ ଲକ୍ଷ୍ୟ । ଦୁସ୍ଥ ମାନବ ପକ୍ଷେ 'ରେଡ଼କ୍ରସ' ଶବ୍ଦଟି ସେବାର ପ୍ରତୀକ ସ୍ୱରୂପ ।

ଯୁଦ୍ଧରେ ଆହତ ଓ ଅସୁସ୍ଥ ହୋଇପଡ଼ିଥିବା ସଶସ୍ତ୍ରବାହିନୀର ସୈନିକମାନଙ୍କ ସେବା କରିବା ଛଡ଼ା ଶାନ୍ତି ସମୟରେ ମା' ଓ ଶିଶୁମାନଙ୍କର କଲ୍ୟାଣ, ରୋଗୀମାନଙ୍କର ସେବା ଓ ଭ୍ରାମ୍ୟମାଣ ଚିକିତ୍ସାଳୟରେ ରୋଗଗ୍ରସ୍ତ ଲୋକମାନଙ୍କର ଚିକିତ୍ସା ଆଦି କାର୍ଯ୍ୟରେ ବ୍ରତୀ ହେବା ସଙ୍ଗେ ସଙ୍ଗେ ସଂକ୍ରାମକ ରୋଗ, ଭୂକମ୍ପ, ଦୁର୍ଭିକ୍ଷ, ବନ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କ ସେବା ରେଡ଼କ୍ରସ ସଂଗଠନର ପ୍ରଧାନ କାର୍ଯ୍ୟ । ଭାରତୀୟ ରେଡ଼କ୍ରସ ଅନୁଷ୍ଠାନର ଓଡ଼ିଶା ରାଜ୍ୟ ଶାଖାଟି ୧୯୩୭ ମସିହାରେ ଗଠିତ ହେବା ଦିନଠାରୁ ଦରକାର ପଡ଼ିଲାବେଳେ ରାଜ୍ୟବାସୀଙ୍କୁ ସାହାଯ୍ୟ କରିବା ଦିଗରେ ବିଶେଷତଃ ଚିକିତ୍ସା ସୁବିଧା ଯୋଗାଇଦେବା ଦିଗରେ ବିଶେଷ ଉଦ୍ୟମ କରିଆସିଛି ।

ସାଧାରଣ କାର୍ଯ୍ୟକ୍ରମ ଛଡ଼ା, ଓଡ଼ିଶା ରାଜ୍ୟ ରେଡ଼କ୍ରସ ଶାଖା ଗତ କେତେ ବର୍ଷ ମଧ୍ୟରେ କଟକଠାରେ ଗୋଟିଏ ପୂର୍ଣ୍ଣାଙ୍ଗ କେନ୍ଦ୍ରୀୟ ରକ୍ତ-ଭଣ୍ଡାର ଓ ଅଧିକାଂଶ ଜିଲ୍ଲାରେ ଏହାର ଶାଖା ସ୍ଥାପନ, ଗୋଟିଏ ୧୦୦ ଶଯ୍ୟା-ବିଶିଷ୍ଟ ଶିଶୁ ଚିକିତ୍ସାଳୟ,

ଗୋଟିଏ ମାନସିକ ବ୍ୟାଧି ଚିକିତ୍ସା କେନ୍ଦ୍ର, ଏବଂ ଇଞ୍ଜେକ୍ସନ ଓ ବିଭିନ୍ନ ଔଷଧ ଉତ୍ପାଦନ କରିବା ପ୍ରକାଶେ ଗୋଟିଏ ଭେଷଜ କେନ୍ଦ୍ର (ଫାର୍ମାସ୍ୟୁଟିକାଲ୍ ଅର୍ଗାନାଇଜେସନ) ସ୍ଥାପନ ଭଳି ବିଭିନ୍ନ ପ୍ରୟୋଜନୀୟ ଅନୁଷ୍ଠାନ ସ୍ଥାପନ କରିପାରିଛି । ନିକଟରେ ବ୍ରହ୍ମପୁରଠାରେ ଗୋଟିଏ ନୂତନ ମାତୃମଙ୍ଗଳ କେନ୍ଦ୍ର ସ୍ଥାପିତ ହୋଇଛି । ଏ ସମସ୍ତ କାର୍ଯ୍ୟ ଗୋଟିଏ ବେସରକାରୀ ସଂଗଠନ ପକ୍ଷରେ କିଛି କମ୍ ସଫଳତା ନୁହେଁ । ଜନସାଧାରଣଙ୍କ ସେବା କାର୍ଯ୍ୟରେ ବ୍ରତୀ ରେଡ଼କ୍ରସ ଅନୁଷ୍ଠାନଟି ଏହି ରାଜ୍ୟର ଶ୍ରେଷ୍ଠ ଦାତବ୍ୟ ସଂଗଠନ । ଏ ସମସ୍ତ ସତ୍ତ୍ୱେ ଲକ୍ଷ୍ୟ ହାସଲ କରିବା ପାଇଁ ବହୁତ କିଛି କରିବାର ଅଛି । ଏ କ୍ଷେତ୍ରରେ ଓଡ଼ିଶାକୁ ଭାରତର ଅନ୍ୟାନ୍ୟ ଉନ୍ନତ ରାଜ୍ୟର ସ୍ତରକୁ ଆଣିବାକୁ ହେଲେ ରେଡ଼କ୍ରସ୍ ଅନୁଷ୍ଠାନକୁ ଏକନିଷ୍ଠ ଉଦ୍ୟମ କରିବାକୁ ହେବ ।

ଭାରତୀୟ ରେଡ଼କ୍ରସ୍ ଅନୁଷ୍ଠାନର ଓଡ଼ିଶା ରାଜ୍ୟ ଶାଖା ରେଡ଼କ୍ରସ୍ ଶତବାର୍ଷିକ ଉତ୍ସବ ପାଳନ କରିବା ଉପଲକ୍ଷେ କେତେକ ନୂତନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରିଛନ୍ତି । ତନ୍ମଧ୍ୟରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହେଲା— ଅବଶିଷ୍ଟ ଜିଲ୍ଲାମାନଙ୍କରେ ରକ୍ତ-ଭଣ୍ଡାରର ଶାଖା ସ୍ଥାପନ କରିବା ଓ ଶିଶୁମାନଙ୍କ ପାଇଁ ଗୋଟିଏ ସଂକ୍ରାମକ ରୋଗ ଚିକିତ୍ସା କେନ୍ଦ୍ର ସ୍ଥାପନ କରିବା ।

ଏହି ସବୁ କାମ ପାଇଁ ରେଡ଼କ୍ରସ୍ ସଂଗଠନ ବହୁ ଅର୍ଥ ସ୍ପୃହାନ୍ତି । ତେଣୁ ଏହି ଅବସରରେ ରାଜ୍ୟର ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ବହୁସଂଖ୍ୟାରେ ଲୋକେ ସ୍ୱତଃପ୍ରବୃତ୍ତ ହୋଇ ରେଡ଼କ୍ରସ୍ ଅନୁଷ୍ଠାନର ସଭ୍ୟ-ଶ୍ରେଣୀଭୁକ୍ତ ହେବା ସଙ୍ଗେ ସଙ୍ଗେ ଅର୍ଥାକାରରେ ହେଉ କିମ୍ବା ଜିନିଷ ଆକାରରେ ହେଉ, ଓଡ଼ିଶା ରେଡ଼କ୍ରସ୍‌କୁ ଯଥାଶକ୍ତି ସାହାଯ୍ୟ କରିବା ପାଇଁ ପ୍ରସ୍ତାବ ଶତବାର୍ଷିକୀ କମିଟୀ ଦେଶବାସୀଙ୍କୁ ନିବେଦନ କରୁଛନ୍ତି । ଚାନ୍ଦା ତଥା ନୂତନ ସଭ୍ୟ ସଂଗ୍ରହ କରିବା ପାଇଁ ୧୯୬୩ ମସିହା ନଭେମ୍ବର ମାସଟି ନିର୍ଦ୍ଦିଷ୍ଟ କରି ଦିଆଯାଇଥିବାରୁ ଆମେ ଆଶା କରୁଛୁ ଯେ ପ୍ରତ୍ୟେକ ବ୍ୟକ୍ତି ନିଜର ଯଥାଶକ୍ତି ସୋସାଇଟିକୁ ଦାନ କରି ରେଡ଼କ୍ରସ୍ ସୋସାଇଟିର 'ମାନବ ସେବା' ଭଳି ମହାନ୍ କର୍ତ୍ତବ୍ୟରେ ଅଂଶ ଗ୍ରହଣ କରିବେ । ଚଳିତ ଶତବାର୍ଷିକୀ ବର୍ଷ ଅନ୍ୟୂନ ଏକ ଲକ୍ଷ ନୂତନ ସଭ୍ୟ ସଭ୍ୟଶ୍ରେଣୀଭୁକ୍ତ ହୋଇପାରିବେ ବୋଲି କମିଟୀ ଆଶା କରୁଛି । ରେଡ଼କ୍ରସ ଅନୁଷ୍ଠାନଦ୍ୱାରା ପରିଚାଳିତ ଡାକ୍ତରଖାନାମାନଙ୍କରେ ମାଗଣା ଶଯ୍ୟାର ବ୍ୟବସ୍ଥା, ନୂତନ ୟୁନିଟ୍ ନିର୍ମାଣ କିମ୍ବା ନୂତନ ଯନ୍ତ୍ରପାତି ଖରିଦ କରିବା ଭଳି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଅର୍ଥ ଦାନ କରାଗଲେ, ତାହା ଗ୍ରହଣ କରାଯିବ । ଦାନ କରିଥିବା ବ୍ୟକ୍ତି ଇଚ୍ଛା ପ୍ରକାଶ କଲେ ସେଭଳି ଶଯ୍ୟା, ୟୁନିଟ୍ କିମ୍ବା ଯନ୍ତ୍ରପାତିକୁ ତାଙ୍କର ନାମାନୁସାରେ ନାମକରଣ କରାଯିବ । ଆୟକର ଆଇନାନୁଯାୟୀ ରେଡ଼କ୍ରସ ଅନୁଷ୍ଠାନକୁ ଦାନ କରାଯାଉଥିବା ଅର୍ଥ ଉପରେ ଆୟକର ଦେବାକୁ ପଡ଼ିବ ନାହିଁ ।

ସମସ୍ତ ଦାନ ଅର୍ଥ କିମ୍ବା ଦାନର ପ୍ରସ୍ତାବ ଓ ସଭ୍ୟ-ଚାନ୍ଦା ଇତ୍ୟାଦି "ଅନରେରି ସେକ୍ରେଟେରୀ, ଭାରତୀୟ ରେଡ଼କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା, ରାଜଭବନ, ଭୁବନେଶ୍ୱର" ଙ୍କ ନିକଟକୁ କିମ୍ବା ନିକଟତମ ଜିଲ୍ଲା ଶାଖାର ଅନରେରି ସେକ୍ରେଟେରୀଙ୍କ ନିକଟକୁ ପଠାଯାଇପାରିବ । ●

## ଓଡ଼ିଶା ଶିଶୁ-କଲ୍ୟାଣ ଅନୁଷ୍ଠାନକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ଓଡ଼ିଶାବାସୀଙ୍କୁ ଓଡ଼ିଶାର ରାଜ୍ୟପାଳ ଓ ଶିଶୁ-କଲ୍ୟାଣ ଅନୁଷ୍ଠାନର ସଭାପତି

### ଡଃ ଖୋସଲାଙ୍କ ନିବେଦନ

ଓଡ଼ିଶା ରାଜ୍ୟ ଶିଶୁ-କଲ୍ୟାଣ ଅନୁଷ୍ଠାନ ଆସନ୍ତା ନଭେମ୍ବର ୧୪ ତାରିଖ ଦିନ ଜାତୀୟ ଶିଶୁଦିବସ ପାଳନ କରିବେ । ଅଗ୍ରିମ ମଧ୍ୟ ଆସନ୍ତା ନଭେମ୍ବର ୧୪ ତାରିଖଠାରୁ ୨୦ ତାରିଖ ମଧ୍ୟରେ ସଭ୍ୟ ଓ ପାଣ୍ଠି ସଂଗ୍ରହ କରାଯିବ ।

ଓଡ଼ିଶା ରାଜ୍ୟ ଶିଶୁ-କଲ୍ୟାଣ ଅନୁଷ୍ଠାନ ବର୍ତ୍ତମାନ ବିକଳାଙ୍ଗ ଶିଶୁମାନଙ୍କ ପାଇଁ ଭୁବନେଶ୍ୱରଠାରେ ଦୁଇଟି ସ୍କୁଲ—ଗୋଟିଏ ଅନ୍ଧମାନଙ୍କ ପାଇଁ ଓ ଅନ୍ୟଟି ମୂକ ଓ ବଧିରମାନଙ୍କ ପାଇଁ ଏବଂ ପୁରୀଠାରେ ଗୋଟିଏ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଦୁଇଟି ସ୍ୱାସ୍ଥ୍ୟ କ୍ଲିନିକ୍ ପରିଚାଳନା କରୁଛନ୍ତି । ଏହି ଅନୁଷ୍ଠାନ ୧୯୬୩ ମସିହା ଜାନୁଆରୀ ୧ ତାରିଖଠାରୁ କଟକଠାରେ ଗୋଟିଏ ବାଲ-ଭବନ (ଶିଶୁମାନଙ୍କ ପାଇଁ ସାଂସ୍କୃତିକ ଓ ଅବସର-ବିନୋଦନ କେନ୍ଦ୍ର) ସ୍ଥାପନ କାର୍ଯ୍ୟ ହାତକୁ ନେଇଛନ୍ତି । ଆବଶ୍ୟକୀୟ ଅର୍ଥ ମିଳିଲେ ଅନ୍ଧ, ମୂକ ଓ ବଧିର ସ୍କୁଲର ଶାଖାମାନ ସ୍ଥାପନ କରିବା ନିମନ୍ତେ ଏହି ଅନୁଷ୍ଠାନ ପ୍ରସ୍ତାବ କରିଛନ୍ତି ।

ଏହି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ଶିଶୁ-କଲ୍ୟାଣ ଅନୁଷ୍ଠାନଙ୍କର ଆବଶ୍ୟକ ପରିମାଣ ଅର୍ଥର ଅଭାବ ରହିଛି । ତେଣୁ ମୁଁ ଏହି ଅନୁଷ୍ଠାନର ସଭାପତିରୂପେ ଓଡ଼ିଶାବାସୀମାନଙ୍କୁ ନିବେଦନ କରୁଛି ଯେ, ସେମାନେ ବହୁସଂଖ୍ୟାରେ ଶିଶୁ-କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହି ବାତବ୍ୟ ଅନୁଷ୍ଠାନର ସଭ୍ୟଶ୍ରେଣୀଭୁକ୍ତ ହୁଅନ୍ତୁ ଓ ମୁକ୍ତ ହସ୍ତରେ ଏହି ଅନୁଷ୍ଠାନର ପାଣ୍ଠିକୁ ଯଥାସାଧ୍ୟ ଦାନ କରନ୍ତୁ । ଦାନ ଓ ସଭ୍ୟ-ଚାନ୍ଦା ଅନରାରି ସେକ୍ରେଟେରୀ, ଓଡ଼ିଶା ରାଜ୍ୟ ଶିଶୁ-କଲ୍ୟାଣ ଅନୁଷ୍ଠାନ, ରାଜଭବନ, ଭୁବନେଶ୍ୱରଙ୍କ ନିକଟକୁ ପଠାଇବେ ।

●

## ଯବାନମାନଙ୍କ ବ୍ୟବହାର ପାଇଁ ଦାନ କରିବା ନିମନ୍ତେ ନିବେଦନ

କେନ୍ଦ୍ର ନାଗରିକ ପରିଷଦ ଆମ ଯବାନମାନଙ୍କ ବ୍ୟବହାର ପାଇଁ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କଠାରୁ ଖାଦ୍ୟ-ପଦାର୍ଥ ଓ ପୋଷାକ-ପରିଚ୍ଛଦ ପାଇଛନ୍ତି । ଏହିସବୁ ଦାନ ଓ ସାହାଯ୍ୟ କେନ୍ଦ୍ର ନାଗରିକ ପରିଷଦ ଓ ଭାରତ ସରକାରଙ୍କ ଦ୍ୱାରା ବିଶେଷ ପ୍ରଶଂସିତ ହୋଇଛି ଏବଂ ଆମର ଯବାନମାନେ ଅବସର ସମୟରେ ଆନନ୍ଦ ଦେବା ଭଳି ଜିନିଷଗୁଡ଼ିକୁ ଆଗ୍ରହର ସହିତ ବ୍ୟବହାର କରୁଛନ୍ତି ।

କେଉଁ କେଉଁ ଜିନିଷଗୁଡ଼ିକ ଯବାନମାନଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଶଂସିତ ହେବ, ସେ ବିଷୟରେ ଦାତାମାନେ ଜାଣିବାକୁ ଚାହିଁପାରନ୍ତି । ଜଣାଯାଇଛି ଯେ ଆସନ୍ତା କେତେ ମାସ ମଧ୍ୟରେ ଅବସର ସମୟରେ ଆମୋଦ-ପ୍ରମୋଦ ଦେବାଭଳି ନିମ୍ନଲିଖିତ ଜିନିଷଗୁଡ଼ିକ ଆମର ଯବାନମାନଙ୍କ ପାଇଁ ଆବଶ୍ୟକ ହେବ:—

(କ) ଜେନେରେଟର ସହ ୧୬ ବା ୩୫ ମିଲିମିଟରର ପ୍ରୋଜେକ୍ଟର; (ଖ) ଟ୍ରାନଜିଷ୍ଟର; (ଗ) ଟ୍ରାନ୍‌ଜିଷ୍ଟର ରେକର୍ଡ଼ ପ୍ଲେୟର; (ଘ) ଦରକାରୀ ପ୍ରସାଧନ ସାମଗ୍ରୀ; (/) ସାବୁନ; (//) କେଶ ତେଲ (ଙ) ଖାଦ୍ୟ ପଦାର୍ଥ; (/) ହରଲିକ୍ସ (//) ଓଭାଲଟିନ୍ (///) ଦୁଗ୍ଧଗୁଣ୍ଡ (।) କୋକୋ (।/)

ଗ୍ରାମସ୍ଥ (ଭୁ.କଂ) ଚକୋଲେଟ୍ (୮) କପି; (ଚ) ଷ୍ଟେନ୍‌ଲେସ୍ ଷ୍ଟିଲ କାଫିଟେରିଆ ଧରଣର ଥାଳିଆ; (ଛ) ଆଗୁଆ ମେଡ଼ିକାଲ ୟୁନିଟ୍‌ଗୁଡ଼ିକ ପାଇଁ ଅଏଲ୍ ଷ୍ଟୋଭ୍; (ଜ) ପ୍ରେସର କୁକର୍; (ଝ) ୩୦୦ ଓ ତାହାଠାରୁ ଊର୍ଦ୍ଧ୍ୱ ଶଯ୍ୟାବିଶିଷ୍ଟ ହାସପାତାଳ ପାଇଁ ଇଣ୍ଟର-କମ୍ୟୁନିକେସନ୍ ସେଟ୍‌ସ ଓ (ଞ) ଛୁରୀକଣ୍ଟା ସହ ଷ୍ଟେନ୍‌ଲେସ ଷ୍ଟିଲ ପିକଦାନୀ, (ଟ) ଘର ଭିତରେ ଖେଳ ଜିନିଷ ଯଥା—କ୍ୟାରମ ବୋର୍ଡ଼ସ, ଚାଇନିଜ ଚେକର୍ସ, ଲୁଡ଼ୁସ ସେଟ୍, ସ୍ନୁ ଚେକ୍ ବୋର୍ଡ଼, ପଜଲସ୍, ଷ୍ଟାକ୍‌ସ ଆଣ୍ଡ ଲେଡ଼ର୍ସ ବମ୍ବେ ଟ୍ରେଡ଼୍, ବେଗାଟେଲସ୍, ତାସ, ଡାର୍ଟ ବୋର୍ଡ଼ ଓ ଡାର୍ଟ ଇତ୍ୟାଦି; (ଠ) ଖେଳ କସରତ—ଫୁଟ୍‌ବଲ, ଭଲିବଲ, ବାସ୍କେଟ୍ ବଲ, ଷ୍ଟେଡ୍ ଟେନିସ୍ (ରିଙ୍ଗସ) ଆଦି; (ଡ) ଆସାମର ସୀମାନ୍ତ ଅଞ୍ଚଳରେ ଯବାନମାନଙ୍କ ବ୍ୟବହାର ପାଇଁ ୫୦୦ ଟ୍ରାନ୍‌ଜିଷ୍ଟର ।

ତେଣୁ ଓଡ଼ିଶାର ସର୍ବସାଧାରଣ ଓ ଘର ଭିତର ଖେଳ, ଖେଳ କସରତ ଓ ଆମୋଦ-ପ୍ରମୋଦ ଦେବା ଭଳି ଅନ୍ୟାନ୍ୟ ପଦାର୍ଥଗୁଡ଼ିକର ଉତ୍ପାଦନକାରୀ ଓ ବ୍ୟବସାୟୀମାନଙ୍କୁ ଅନୁରୋଧ କରାଯାଉଛି ଯେ ଯବାନମାନଙ୍କ ବ୍ୟବହାର ପାଇଁ ଏହି ସବୁ ଜିନିଷଗୁଡ଼ିକ ଦାନ କରିବା ନିମନ୍ତେ ଆଗଭର ହୁଅନ୍ତୁ । ଯବାନମାନଙ୍କ ବ୍ୟବହାର ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକ ଦାନ ଦେଇ ଆମର ମାତୃଭୂମିର ସୁରକ୍ଷା ନିମନ୍ତେ ନିଜର ସମର୍ଥନ ଜ୍ଞାପନ କରନ୍ତୁ ।

ଏଭଳି ଦାନଗୁଡ଼ିକୁ ଫ୍ରିଭଳି ଦବା ରେଳ ଭଡ଼ାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଚେୟାରମ୍ୟାନ ସିଟିଜେନସ୍ ସେଣ୍ଟ୍ରାଲ କାଉନସିଲ, ବସ୍ତ୍ରତନ୍ତ ଭବନ, ନୂଆଦିଲ୍ଲୀ-ଙ୍କ ଠିକଣାରେ ପଠାଇବା ଆବଶ୍ୟକ ।

ଦାତାମାନେ ଉପରେ ଦର୍ଶାଯାଇଥିବା ମତେ ପଠାଇଥିବା ଜିନିଷଗୁଡ଼ିକ ବିଷୟରେ ଲୋକ-ସଂପର୍କ ବିଭାଗର ଡିରେକ୍ଟର ଏବଂ ଓଡ଼ିଶା ରାଜ୍ୟ ସୁରକ୍ଷା ଓ ନାଗରିକ ସହାୟତାର ପରାମର୍ଶ ସବ୍-କମିଟିର ସେକ୍ରେଟେରି, ଯୁଗ୍ମ (ଲୋକସଂପର୍କ) ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱରଙ୍କୁ ଜଣାଇବା ନିମନ୍ତେ ଅନୁରୋଧ କରାଯାଉଛି ।

● ●

# ଜାଣନ୍ତି କି ?

## ପୁଷ୍ଟିକର ଶିଶୁ-ଖାଦ୍ୟ
## ସୋୟାବିନ ମଇଦା

ବିଭିନ୍ନ ଦେଶରେ ସୋୟାବିନ୍‌କୁ ଶିଶୁ-ଖାଦ୍ୟରୂପେ କାମରେ ଲଗାଇବା ଦିଗରେ ପରୀକ୍ଷା କରାଯାଇ ସଫଳତା ହାସଲ ହୋଇପାରିଛି । ସୋୟାବିନ୍ ଜାତ ମଇଦାରେ ଚର୍ବିଜାତୀୟ ପଦାର୍ଥ ପ୍ରଚୁରମାତ୍ରାରେ ଥିବା ହେତୁ ପୃଥିବୀର ସବୁଠି ଏହା ଶିଶୁ ଖାଦ୍ୟସାରର ଅଭାବ ଦୂର କରିବ ବୋଲି ଆଶା କରାଯାଏ ।

ସୋୟାବିନ୍ ମଇଦାର ଏହି ଉପାଦେୟତା ଆବିଷ୍କୃତ ହେବା ସଙ୍ଗେ ସଙ୍ଗେ ଯୁକ୍ତରାଷ୍ଟ୍ର କୃଷି-ଦପ୍ତରର ଗବେଷଣା ବିଭାଗ, ରାଷ୍ଟ୍ରସଂଘର ଆନ୍ତର୍ଜାତିକ ଶିଶୁରକ୍ଷା ଜରୁରି ତହବିଲ୍ [UNICEF] ଓ ଗୋଟିଏ ମାର୍କିନ୍ ନିର୍ମାତା ପ୍ରତିଷ୍ଠାନଙ୍କର ମିଳିତ ଉଦ୍ୟମକ୍ରମେ ମଇଦା ତିଆରି କରିବା ପାଇଁ ଅତି ସାଦାସିଧା ଧରଣର ଏବଂ ଭ୍ରାମ୍ୟମାଣ ଯନ୍ତ୍ରଟିଏ ମଧ୍ୟ ଆବିଷ୍କାର କରାଯାଇଛି । "ଭ୍ରାମ୍ୟମାଣ"ର ଅର୍ଥ ହେଉଛି—ଯେଉଁ ସ୍ଥାନରେ ସୋୟାବିନ୍ ଉପୁଜୁଥିବ, ସେହି ସ୍ଥାନକୁ ଯନ୍ତ୍ରଟି ନିଆଯାଇ ପାରିବ । ଏହା ଫଳରେ ଅନଗ୍ରସର ବସ୍ତିର ଲୋକମାନେ ଅପେକ୍ଷାକୃତ ଅଧିକ ଉପକୃତ ହେବେ; କାରଣ ସେଠାରେ ବଡ଼ ଧରଣର କାରଖାନା ବସାଇବା ସମ୍ଭବ ନୁହେଁ ।

ଶିଶୁଖାଦ୍ୟ ପ୍ରସ୍ତୁତ କରିବାକୁ ହେଲେ ସୋୟାବିନ୍‌ରୁ ତେଲ ବାହାର କରି ଦେଇ ତାକୁ ମଇଦାରେ ପରିଣତ କରିବାକୁ ହୁଏ । ଏଥିରେ ଶତକଡ଼ା ୪୦ ଭାଗ ପ୍ରୋଟିନ୍ ଓ ୨୦ ଭାଗ ସହଜପାଚ୍ୟ ଚର୍ବି ରହିଥାଏ । ସାଧାରଣତଃ ଶିଶୁମାନଙ୍କର ତରଳ ଖାଦ୍ୟ ପଦାର୍ଥ କିମ୍ବା ପିଠା ଇତ୍ୟାଦି ତିଆରିରେ ଏହି ମଇଦା ବ୍ୟବହାର କରାଯାଇପାରେ । ସୋୟାବିନ୍‌ରେ ଥିବ ଖାଦ୍ୟପ୍ରାଣ ଅନ୍ୟାନ୍ୟ ଶସ୍ୟରେ ଥିବା ଖାଦ୍ୟପ୍ରାଣ ସହିତ ଏପରି ସମତାରକ୍ଷା କରିପାରେ ଯେ ଭଲ ଖାଦ୍ୟ ମିଳୁ ନ ଥିବା ଅନଗ୍ରସର ବସ୍ତିର ଶିଶୁମାନେ ଏହି ସୋୟାବିନ୍ ମଇଦାତିଆରି ପିଠାପଣା ଇତ୍ୟାଦି ଖାଇ ବେଶ୍ ହୃଷ୍ଟପୁଷ୍ଟ ରହିପାରନ୍ତି ।

## ଭାରତକୁ ବିଭିନ୍ନ ଦେଶର ସାମରିକ ସାହାଯ୍ୟ

ଗତ ବର୍ଷ ମଧ୍ୟରେ ଭାରତର ଅସ୍ତ୍ର-ସଂଗ୍ରହକାରୀ ପ୍ରତିନିଧିଦଳ ଅଷ୍ଟ୍ରେଲିଆ, କାନାଡ଼ା, ଚେକୋ-ସ୍ଲୋଭାକିଆ, ଆମେରିକା ଯୁକ୍ତରାଷ୍ଟ୍ର, ସୋଭିଏଟ୍ ରୁଷ ପ୍ରଭୃତି ଦେଶ ପରିଦର୍ଶନ କରିଛନ୍ତି । ଏହି ସମୟ ମଧ୍ୟରେ ଭାରତର ସ୍ଥଳ, ନୌ ଓ ବିମାନବାହିନୀର ପ୍ରାୟ ୨୦୦ ଅଫିସର ଉଚ୍ଚ ସାମରିକ ତାଲିମ ପାଇଁ ବିଭିନ୍ନ ୧୨ଟି ଦେଶକୁ ଯାଇଛନ୍ତି ।

ଆମେରିକା ଯୁକ୍ତରାଷ୍ଟ୍ରରୁ ପୁଣି କେତେକ ରାଡ଼ାର ସରଞ୍ଜାମ ଆସି ପହଞ୍ଚିଛି । ରାଇଫଲ ଓ ଅନ୍ୟାନ୍ୟ କ୍ଷୁଦ୍ର ଅସ୍ତ୍ର ପାଇଁ ୭.୬୨ ମିଲିମିଟର୍ ଗୁଳାଗୁଳି ଓ ଅନ୍ୟାନ୍ୟ ସରଞ୍ଜାମ ଉତ୍ପାଦନ ଲାଗି ଉଦ୍ୟମ କରାଯାଉଛି । ଏଥିପାଇଁ ଆମେରିକା ଯୁକ୍ତରାଷ୍ଟ୍ର ସରକାର ଭାରତକୁ ଏକ କାରଖାନା ଯୋଗାଇ ଦେବାର ପ୍ରସ୍ତାବ ଦେଇଛନ୍ତି । ଅନ୍ୟ ଏକ କାରଖାନା ପାଇଁ ଆର୍ଥିକ ସାହାଯ୍ୟ ଦେବାକୁ ବ୍ରିଟେନ୍ ପ୍ରତିଶ୍ରୁତି ଦେଇଛି । ଭାରତକୁ କେତେକ ସାମରିକ ସରଞ୍ଜାମ ଯୋଗାଣ ସଂପର୍କରେ ସୋଭିଏଟ୍ ରୁଷ ସରକାର ସହିତ ଚୁକ୍ତି ହୋଇଯାଇଛି ଏବଂ ସୋଭିଏଟ ଟେକ୍‌ନିକାଲ ମିଶନ୍ ଖୁବ୍ ଶୀଘ୍ର ଭାରତ ଆସୁଛନ୍ତି । ଭାରତରେ ଅସ୍ତ୍ରଶସ୍ତ୍ର ଓ ସାମରିକ ସରଞ୍ଜାମ ଉତ୍ପାଦନର ଯେଉଁ ଯୋଜନା ହେଉଛି, ମିଗ୍-ଇଞ୍ଜିନ ଉତ୍ପାଦନ ତାହାର ଅନ୍ତର୍ଗତ । କୋରାପୁଟ ଓ

ନାସିକଠାରେ ଏଭଳି କାରଖାନା ଦୁଇଟି ସ୍ଥାପିତ ହୋଇଛି । ଏହା ଛଡ଼ା ଅଷ୍ଟ୍ରେଲିଆ, କାନାଡ଼ା, ଫ୍ରାନ୍ସ, ଇଟାଲି, ନ୍ୟୁଜିଲାଣ୍ଡ, ଇଣ୍ଡୋନେସିଆ ଓ ପଶ୍ଚିମ-ଜର୍ମାନୀରୁ ମଧ୍ୟ ଭାରତକୁ ସାହାଯ୍ୟ ମିଳୁଛି । ଦେଶରେ ଉଭୟ କାରଖାନାରୁ ଅର୍ଦ୍ଧ-ସ୍ୱୟଂକ୍ରିୟ ରାଇଫଲ୍ ଉତ୍ପାଦନ ହେଉଛି । ପୃଥିବୀର ଏ ଶ୍ରେଣୀର ଉତ୍କୃଷ୍ଟ ରାଇଫଲ୍ ସହ ଏହା ତୁଳନୀୟ । ଆଉ ମାତ୍ର ତିନୋଟି ମାସ ମଧ୍ୟରେ ଏଭଳି କାରଖାନା ମାସକୁ ସର୍ବାଧିକ ୨୫୦୦ ଲେଖାଏଁ ରାଇଫଲ୍ ଉତ୍ପାଦନ କରିପାରିବ ।

## ଗାଜାରେ ଭାରତୀୟ ମରହଟ୍ଟା-ବାହିନୀଙ୍କ ପ୍ରଶଂସା

ଇଜିପ୍ଟର ଗାଜା ଅଞ୍ଚଳରେ ଭାରତର ଦ୍ୱିତୀୟ ମରହଟ୍ଟା-ବାହିନୀର ସୈନିକମାନେ ନିଯୁକ୍ତ ଅଛନ୍ତି । ସେଠାରେ ସେମାନେ ଜାତିସଂଘ ଜରୁରି-ବାହିନୀ ଅଧୀନରେ କାର୍ଯ୍ୟ କରୁଛନ୍ତି । ଏ ଅଞ୍ଚଳରେ ଅବସ୍ଥିତ ଶାନ୍ତିରକ୍ଷା ସପ୍ତାହରେ ଯେଉଁ ଖେଳ ଦୌଡ଼-ପ୍ରତିଯୋଗିତା ହୋଇଥିଲା, ମରହଟ୍ଟା ସୈନିକମାନେ ସେଥିରେ ସାଫଲ୍ୟ ଅର୍ଜନ କରିଛନ୍ତି । ଏଥିରେ ସର୍ବାଧିକ ୩୧୦୦ ମିଟର ଏବଂ ସର୍ବନିମ୍ନ ୨୫୦ ମିଟର ଦୂରତା ପାଇଁ ଦୌଡ଼-ପ୍ରତିଯୋଗିତା ହୋଇଥିଲା ।

ଏହି ପ୍ରତିଯୋଗିତାରେ ଡେନମାର୍କ ସୈନିକମାନେ ଦ୍ୱିତୀୟ ଏବଂ ସ୍ୱିଡେନ୍ ସୈନିକମାନେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

ମରହଟ୍ଟା ସୈନ୍ୟଙ୍କ ଉଚ୍ଚ କର୍ମଦକ୍ଷତା ପାଇଁ ଜାତିସଂଘ ବାହିନୀର କର୍ଣ୍ଣେଲ କଣ୍ଡ୍ରିଲ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଚଳିତ ନଭେମ୍ବର ମାସରେ ମରହଟ୍ଟା ସୈନିକମାନେ ଫେରିଆସିଲେ ଭାରତର ଡୋଗ୍ରା ବାହିନୀ ସେମାନଙ୍କ ସ୍ଥାନ ପୂରଣ କରିବେ ।

## ଜରୁରିକାଳୀନ କମିଶନ

୧୯୬୩ ମସିହା ପ୍ରାରମ୍ଭରୁ ପ୍ରାୟ ଦୁଇ ହଜାର ତିନି ଶହ ଅଫିସରଙ୍କୁ ସଶସ୍ତ୍ର ବାହିନୀରେ ଜରୁରି-କାଳୀନ କମିଶନ (ନିଯୁକ୍ତି) ମିଳିଛି । ଡେରାଡୁନସ୍ଥିତ ଭାରତୀୟ ସୈନିକ ଏକାଡେମୀର ଏକ ହଜାର ୫ ଶହ ୮୦ ଜଣ କ୍ୟାଡେଟ୍ ଏବଂ ପୁନା ଓ ମାନ୍ଦ୍ରାଜସ୍ଥିତ ଅଫିସର ଟ୍ରେନିଂ ସ୍କୁଲରୁ ପାସ କରିଥିବା ୭୮୦ ଜଣ କ୍ୟାଡେଟ୍ ଏହାର ଅନ୍ତର୍ଭୁକ୍ତ । ଖୁବ୍ ନିକଟରେ ଏହି ଦୁଇଟି ଟ୍ରେନିଂ ସ୍କୁଲରୁ ଆହୁରି ୧୨ ଶହ ଜଣ କ୍ୟାଡେଟ ପାସ କରିବେ ।

ନିୟମିତ କମିଶନ୍ ପାଇଁ ପ୍ରାର୍ଥୀମାନଙ୍କୁ ଦୁଇ ବର୍ଷ ତାଲିମ୍ ଦିଆଯାଏ । କିନ୍ତୁ ଜରୁରିକାଳୀନ କମିଶନ୍ କ୍ଷେତ୍ରରେ ମାତ୍ର ୬ ମାସ ପାଇଁ ତାଲିମ ଦିଆଯାଉଛି । ଅଳ୍ପ ସମୟ ମଧ୍ୟରେ କିପରି ଫଳପ୍ରଦ ତାଲିମ ଦିଆଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେଇ ତାଲିମ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

## ପ୍ରାଣରକ୍ଷକ ଔଷଧ

ଜାତୀୟ ଦେଶରକ୍ଷା ପାଣ୍ଠିକୁ ଏକ ନୂଆ ପ୍ରକାର ଦାନ ମିଳିଛି; ତାହା ହେଉଛି—ପ୍ରାଣରକ୍ଷକ ଔଷଧ । ମେସର୍ସ ସ୍ମିଥ୍ କ୍ଲାଇନ୍ ଏଣ୍ଡ ଫ୍ରେଞ୍ଚ (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା ଏହି ଔଷଧ ଦେଶରକ୍ଷା ମନ୍ତ୍ରୀ ଶ୍ରୀ ୱାଇ. ବି. ଚଭନଙ୍କୁ ଦାନ କରାଯାଇଛି । ଏଥି-ମଧ୍ୟରେ କ୍ଷତ-ଆରୋଗ୍ୟକାରୀ ଏକ ପ୍ରଧାନ ଔଷଧ ରହିଛି । କ୍ଷତସ୍ଥାନରେ ଏହି ଔଷଧ ଲଗାଇ ପଟି ବାନ୍ଧିଦେଲେ ପ୍ରାୟ ସପ୍ତାହେକାଳ ଆଉ ପଟି ପରିବର୍ତ୍ତନ କରିବା ଆବଶ୍ୟକ ହେବ ନାହିଁ । କାରଣ ଔଷଧ ବହୁ ଦିନ ଧରି ସକ୍ରିୟ ହୋଇ ରହିବ । ଯେଉଁ ଔଷଧ ଦେଶରକ୍ଷା ପାଣ୍ଠି ପାଇଁ ଗ୍ରହଣ କରାଯିବ, ତାହା ସଶସ୍ତ୍ର-ବାହିନୀ ଡାକ୍ତରୀ-ସମ୍ଭାର ଭଣ୍ଡାରର

ଜେନେରାଲ ଲେଫ୍‌ଟନାଣ୍ଟ ଜେନେରାଲ୍ ପି. ପି. କପିଲାଙ୍କ ଦ୍ୱାରା ସ୍ଥିର କରାଯାଇଛି ।

## ସମ୍ବିଧାନର ୧୬ଶ ସଂଶୋଧନ

ଷୋଡ଼ଶ ସମ୍ବିଧାନ ସଂଶୋଧନ ବିଲ୍ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତ ପାଇଲା ପରେ ଏକ ନୂତନ ବ୍ୟବସ୍ଥା ଅନୁଯାୟୀ କୌଣସି ବ୍ୟକ୍ତି ନିର୍ବାଚନ କମିଶନରଙ୍କ ସମ୍ମୁଖରେ ଭାରତୀୟ ସମ୍ବିଧାନ, ସାର୍ବଭୌମତ୍ୱ ଓ ଏକତା ପ୍ରତି ତାଙ୍କର ପୂର୍ଣ୍ଣ ଆନୁଗତ୍ୟ ଓ ବିଶ୍ୱାସ ଅଛି ବୋଲି ନ କହିଲେ ସେ ଲୋକସଭା ବା ବିଧାନସଭାକୁ ପ୍ରାର୍ଥୀ ହୋଇପାରିବେ ନାହିଁ ।

ପ୍ରାର୍ଥୀମାନେ ପ୍ରତ୍ୟେକ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଅନୁରୂପ ପ୍ରତିଶ୍ରୁତି ଦେଇପାରିବେ ବୋଲି ନିର୍ବାଚନ କମିଶନର ନିକଟରେ ଆଦେଶନାମା ଜାରି କରିଛନ୍ତି ।

## ଯବାନମାନଙ୍କ ପାଇଁ ସାମରିକ କମିଶନ: ଅଧିକ ସୁବିଧା ଓ ସୁଯୋଗ ଦିଆଯିବ

* *

ଭାରତୀୟ ସେନାବାହିନୀ ବା ଅନ୍ତରିକ୍ତ ସାମରିକ ବାହିନୀରେ ଯେଉଁମାନେ କାର୍ଯ୍ୟ କରୁଥିବେ ଓ ତା ସଙ୍ଗେ ସଙ୍ଗେ ଇଣ୍ଟରମିଡିଏଟ୍ ପାଠ୍ୟକ୍ରମ ଶେଷ କରିଥିବେ, ସେମାନେ ଜରୁରି-କାଳୀନ କମିଶନ୍ ପାଇଁ ପ୍ରାର୍ଥୀ ହୋଇପାରିବେ । ଏହା ପୂର୍ବରୁ ସାମରିକ ବାହିନୀର କାର୍ଯ୍ୟକାଳ ଓ ଅବସ୍ଥା ନେଇ ଯେଉଁ କଟକଣା ଥିଲା, ତାହା ଉଠାଇ ଦିଆଗଲା ।

କିନ୍ତୁ ଯେଉଁ ଯବାନମାନେ ମାଟ୍ରିକ୍ୟୁଲେଶନ ପାଶ କରିଥିବେ ଓ ଅନ୍ତତଃ କମ୍‌ରେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ କାର୍ଯ୍ୟ କରିଥିବେ, ସେମାନେ ଜରୁରି-କାଳୀନ କମିଶନ୍ ପାଇଁ ପ୍ରାର୍ଥୀ ହୋଇପାରିବେ ।

## ପାକିସ୍ତାନୀ ପୁସ୍ତକ ବେଆଇନ ଘୋଷିତ ହେଲା

ଭାରତ ସରକାର ପାକିସ୍ତାନରୁ ପ୍ରକାଶ ପାଇଥିବା "ଇଣ୍ଟ୍ରୋଡକ୍‌ସନ ଟୁ ପାକିସ୍ତାନ" ଶୀର୍ଷକ ଏକ ପୁସ୍ତକକୁ ବେଆଇନ ଘୋଷଣା କରିଛନ୍ତି । ଏହି ପୁସ୍ତକ ପାକିସ୍ତାନ ସରକାରଙ୍କ ଚଳଚ୍ଚିତ୍ର ଓ ମୁଦ୍ରଣ ଡିରେକ୍ଟୋରେଟ କରାଚିଠାରେ ପ୍ରକାଶ ପାଇଛି ।

ଏଥିରେ ପ୍ରକାଶ ପାଇଥିବା ଅନେକ ବିଷୟ ଭାରତ ପ୍ରତିରକ୍ଷା ଆଇନର ବିରୁଦ୍ଧାଚରଣ କରୁଛି ।

## ଭାରତରେ ଉର୍ଦ୍ଦୁ ପତ୍ର-ପତ୍ରିକାର ଅଗ୍ରଗତି

ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସମଗ୍ର ଦେଶରେ ଗତ ବର୍ଷ ୬୪୯ ଉର୍ଦ୍ଦୁ ପତ୍ର-ପତ୍ରିକା ପ୍ରକାଶ ପାଇଛି ବୋଲି ନିଖିଳ ଭାରତ ପ୍ରେସ ରେଜିଷ୍ଟ୍ରାରଙ୍କ ସୂତ୍ରରୁ ଜଣାଯାଇଛି । ୧୯୬୧ ମସିହାରେ ପ୍ରକାଶ ପାଇଥିବା ଉର୍ଦ୍ଦୁ ପତ୍ର-ପତ୍ରିକାଠାରୁ ଗତ ବର୍ଷ ଏହାର ସଂଖ୍ୟା ୮୮ ବୃଦ୍ଧି ପାଇଛି । ୧୯୫୯ ମସିହାରେ ଉର୍ଦ୍ଦୁ ପତ୍ରିକା ପ୍ରକାଶନ ୧୨୨ଟି ବୃଦ୍ଧି ପାଇଥିବା ସ୍ଥଳେ ୧୯୬୦ରେ ଏଥିରେ ୬୯ଟି ବୃଦ୍ଧି ପାଇଥିଲା ।

ପଞ୍ଜାବରେ ସବୁଠାରୁ ଅଧିକ ଉର୍ଦ୍ଦୁ ପତ୍ର-ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଏ । ୧୯୬୨ରେ ୨୦୬ଟି ଏହିପରି ପତ୍ର-ପତ୍ରିକା ପ୍ରକାଶ ପାଇଥିବା ସ୍ଥଳେ ୧୯୬୧ରେ ୧୬୦ଟି ଉର୍ଦ୍ଦୁ ପତ୍ର-ପତ୍ରିକା ବାହାରୁଥିଲା । ସେହିପରି ୧୯୬୨ରେ ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ଯଥାକ୍ରମେ ୧୬୩ଟି ଓ ୧୪୯ଟି ଉର୍ଦ୍ଦୁ ପତ୍ର-ପତ୍ରିକା ପ୍ରକାଶ ପାଇଥିଲା । ମହାରାଷ୍ଟ୍ରରେ ଉର୍ଦ୍ଦୁ ପତ୍ର-ପତ୍ରିକାର ପ୍ରକାଶନ ବୃଦ୍ଧି ପାଇଛି ଓ ୧୯୬୨ ଶେଷ ସୁଦ୍ଧା ମହାରାଷ୍ଟ୍ରରେ ୫୬ଟି ଓ ଆନ୍ଧ୍ରରେ ୬୬ଟି ଉର୍ଦ୍ଦୁ ପତ୍ର-ପତ୍ରିକା ପ୍ରକାଶ ପାଇଥିଲା ।

ଗତ ବର୍ଷ ମଧ୍ୟରେ ଦେଶରେ ୧୧୮୫ଟି ସମ୍ବାଦ-ପତ୍ର ଓ ପତ୍ର-ପତ୍ରିକା ପ୍ରକାଶ ପାଇଛି । ଏଥିମଧ୍ୟରୁ ୧୩୯ଟି ଉର୍ଦ୍ଦୁରେ ପ୍ରକାଶ ପାଇଛି । ସମ୍ବାଦପତ୍ର-ମାନଙ୍କରେ ହିନ୍ଦୀରେ ସର୍ବୋଚ୍ଚ ୧୩୩ଟି ପ୍ରକାଶ ପାଉଥିଲାବେଳେ ଉର୍ଦ୍ଦୁରେ ୭୭ଟି ପ୍ରକାଶ ପାଇଛି । ଇଂରାଜୀ ଦୈନିକ ସମ୍ବାଦପତ୍ରର ସଂଖ୍ୟା ହେଲା ୪୯ ।

ଦେଶରେ ପ୍ରକାଶ ପାଉଥିବା ସମସ୍ତ ସମ୍ବାଦପତ୍ର ଓ ପତ୍ରିକା ମଧ୍ୟରୁ ୪୩୭ଟିର ପ୍ରସାର ସଂପର୍କରେ ଜଣାଯାଇଛି । ଏମାନଙ୍କର ମୋଟ ପ୍ରସାର-ସଂଖ୍ୟା ହେଲା ୧୦ ଲକ୍ଷ ୫୭ ହଜାର । ୪୫ଟି ଉର୍ଦ୍ଦୁ ପତ୍ର-ପତ୍ରିକାର ମୋଟ ପ୍ରସାର-ସଂଖ୍ୟା ହେଲା ୨ ଲକ୍ଷ ୪୨ ହଜାର ।

## ଭାରତୀୟ ସମାଚାର ଚିତ୍ର

ଗତ ବର୍ଷ ଦେଶର ପ୍ରେକ୍ଷାଗୃହମାନଙ୍କରେ ମୁକ୍ତିଲାଭ କରିଥିବା ଭାରତୀୟ ସମାଚାର ଚିତ୍ରରେ ସମ୍ବଲପୁର ଚିପିଲିମା ବିଦ୍ୟୁତ୍ କେନ୍ଦ୍ର ବିଶେଷ ସ୍ଥାନ ପାଇଛି । ହୀରାକୁଦ ବନ୍ଧର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଶେଷବେଳକୁ ଏହି ବିଦ୍ୟୁତ୍ କେନ୍ଦ୍ର କାର୍ଯ୍ୟକାରୀ କରାଯାଇଛି ।

ଫିଲ୍ମ ଡିଭିଜନ ପକ୍ଷରୁ ପ୍ରସ୍ତୁତ ହୋଇଥିବା "ସେମାନେ ମଧ୍ୟ ସେବା କରୁଛନ୍ତି" ଶୀର୍ଷକ ଏକ ତଥ୍ୟମୂଳକ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ଯେଉଁ ବ୍ୟକ୍ତିମାନେ ନିୟମିତ ଭାବରେ ସଂଚୟ କରୁଛନ୍ତି, ସେମାନେ ଦେଶର ଅର୍ଥନୈତିକ ଉନ୍ନତି ଓ ପ୍ରତିରକ୍ଷା ଦିଗରେ ମଧ୍ୟ କାର୍ଯ୍ୟ କରୁଛନ୍ତି । ଏହି ବିଷୟ ଉକ୍ତ ଚଳଚ୍ଚିତ୍ରରେ ଦର୍ଶାଇ ଦିଆଯାଇଛି । ଏହା ବ୍ୟତୀତ ଏହିଭଳି ସଞ୍ଚିତ ଅର୍ଥ କିପରି ପ୍ରତ୍ୟେକ ବ୍ୟକ୍ତିର ଅସୁବିଧାବେଳେ ସାହାଯ୍ୟ କରିଥାଏ, ତାହା ମଧ୍ୟ ଏଥିରେ ଦର୍ଶାଯାଇଛି ।

## ଜାତୀୟ ଯୋଜନା ନିର୍ମାଣ କର୍ପୋରେସନ

ଗତ ଛ' ବର୍ଷ ଧରି ଜାତୀୟ ଯୋଜନା ନିର୍ମାଣ କର୍ପୋରେସନ ନିରବଚ୍ଛିନ୍ନଭାବରେ ଦେଶରେ ବହୁତ ନିର୍ମାଣ କାର୍ଯ୍ୟ ସଫଳତାର ସହିତ ଶେଷ କରି ସାରିଲାଣି । ଏ ପର୍ଯ୍ୟନ୍ତ ଯେଉଁସବୁ ବଡ଼ ବଡ଼ ଯୋଜନା-ମାନଙ୍କୁ କେବଳ ଘରୋଇ କମ୍ପାନୀମାନେ ଅତ୍ୟଧିକ ଦରରେ ନିର୍ମାଣ କରୁଥିଲେ, ଏହି କର୍ପୋରେସନ ସେଗୁଡ଼ିକୁ ଖୁବ୍ ଶୀଘ୍ର କରିପାରୁଛି ।

ପ୍ରଥମ ଯୋଜନାର ତୃତୀୟ ବର୍ଷରେ ଶ୍ରୀନଗର-ଠାରେ କେନ୍ଦ୍ର ଜଳସେଚନ ଓ ବୈଦ୍ୟୁତିକ ମନ୍ତ୍ରଣାଳୟର ଏକ ବୈଠକରେ ସ୍ଥିର କରାଗଲା ଯେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏହି କର୍ପୋରେସନ ପ୍ରତିଷ୍ଠା କରାଯିବ ।

ଏହି କର୍ପୋରେସନର ପ୍ରାଧିକୃତ ମୂଳଧନ ୨୦୦ ଲକ୍ଷ ଟଙ୍କା ଓ ଆଦାୟୀକୃତ ମୂଳଧନ ୧୩୩ ଲକ୍ଷ ଟଙ୍କା । ଏହି କର୍ପୋରେସନର ପରିଚାଳନା ପାଇଁ ଏକ ବୋର୍ଡ ଅଫ୍ ଡାଇରେକ୍ଟରସ୍ ଗଠନ କରାଯାଇଛି । କର୍ପୋରେସନ ଅଧୀନରେ ବହୁତ ବିଭାଗରେ ଅଭିଜ୍ଞତା ଓ ଉଚ୍ଚଶିକ୍ଷା ପାଇଥିବା ବହୁ ବୈଷୟିକ ଇଞ୍ଜିନିୟରମାନେ ଅଛନ୍ତି ।

ଗତ ଛ' ବର୍ଷ ମଧ୍ୟରେ ଏହି କର୍ପୋରେସନ୍ ଦିଲ୍ଲୀର ଓ୍ୱାଜିରାବାଦ ବ୍ୟାରେଜ୍, କୋଶି ବ୍ୟାରେଜ୍ ଓ କେତେକ ଜାହାଜ ପଡ଼ିଆ ନିର୍ମାଣ କରିଛନ୍ତି । ୪୦୦ ଲକ୍ଷ ଟଙ୍କା ଏ ବାବଦରେ ସରକାରଙ୍କର ଲାଭ ହୋଇଛି । ଏହି କର୍ପୋରେସନ ଗଠିତ ହେବା ଫଳରେ ଘରୋଇ କଣ୍ଟ୍ରାକ୍ଟରମାନେ ଆଉ ଅଧିକା ମୂଲ୍ୟର ଟେଣ୍ଡର ନ ନେଇ ଯଥାର୍ଥ ଉଚିତ ମୂଲ୍ୟର ଟେଣ୍ଡର ଦେଉଥିବାର ଦେଖାଯାଉଛି । ଲୋକସଭାରେ ଏଷ୍ଟିମେଟ୍ କମିଟୀ ଏହି କର୍ପୋରେସନର ଖୁବ୍ ପ୍ରଶଂସା କରିଛନ୍ତି ।

କର୍ପୋରେସନର କାର୍ଯ୍ୟ ବଢ଼ିଯାଇଥିବା ଦୃଷ୍ଟିରୁ କଲିକତା, ବିଳାସପୁର ଓ ଝାନ୍ସୀଠାରେ ଏହାର ତିନୋଟି ଶାଖା ଅଫିସ ଖୋଲାଯାଇଛି । ନିର୍ମାଣ କାର୍ଯ୍ୟ ପାଇଁ କର୍ପୋରେସନ ମଧ୍ୟ ବହୁ ମେସିନ କିଣିଛନ୍ତି ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ନିମନ୍ତେ ଏକ କେନ୍ଦ୍ର ଓ୍ୱାର୍କସପ ଆଗ୍ରାରେ ଖୋଲାଯାଇଛି । କେତେକ କଳ-କବ୍‌ଜାର ଅଂଶମାନ ମଧ୍ୟ ଏଠାରେ ନିର୍ମାଣ କରାଯାଉଛି ।

## ଭବିଷ୍ୟ-ନିଧି ଯୋଜନା : ୩୭ ଲକ୍ଷ ଶ୍ରମିକ ଏହାର ଉପକାର ପାଉଛନ୍ତି

୧୯୬୩ ମସିହା ଜୁନ୍ ଶେଷ ସୁଦ୍ଧା କର୍ମଚାରୀ ଭବିଷ୍ୟ-ନିଧି ଯୋଜନା ଆଇନ୍ ପ୍ରାୟ ୨୩ ହଜାର ୩ ଶହ କାରଖାନାରେ କାର୍ଯ୍ୟକାରୀ ହୋଇଛି ଏବଂ ପ୍ରାୟ ୩୭ ଲକ୍ଷ ୭୭ ହଜାର କର୍ମଚାରୀ ଏହି ଅଂଶଦାୟୀ ଭବିଷ୍ୟ-ନିଧି ପାଣ୍ଠିର ସୁବିଧା ଉପଭୋଗ କରୁଥିଲେ । ଭବିଷ୍ୟ-ନିଧି ପାଣ୍ଠିକୁ ଚାନ୍ଦା ଆକାରରେ ପ୍ରାୟ ୪୨୧ କୋଟି ଟଙ୍କା ଆଦାୟ ହୋଇଛି । ଏଥିମଧ୍ୟରୁ ପ୍ରାୟ ୩୧୪ କୋଟି ଟଙ୍କା ଜାତୀୟ ଦେଶରକ୍ଷା ଋଣପତ୍ର ଆଦି କେତେକ ସରକାରୀ ଋଣପତ୍ରରେ ଖଟାଯାଇଛି ।

୧୯୫୨ ମସିହାରେ ପ୍ରଥମେ କର୍ମଚାରୀ ଭବିଷ୍ୟ-ନିଧି ଆଇନ ୬ ପ୍ରକାର ଶିଳ୍ପରେ କାର୍ଯ୍ୟକାରୀ ହୋଇଥିଲା; କିନ୍ତୁ ବର୍ତ୍ତମାନ ୮୧ଟି ଶ୍ରେଣୀର ଶିଳ୍ପ ଏହାର ପରିସରଭୁକ୍ତ ହୋଇଛି ।

## ଜାପାନରେ ଭାରତୀୟ ଜାହାଜ-କର୍ପୋରେସନର ତୈଳବାହୀ ଜାହାଜ "ଦେଶବନ୍ଧୁ"ର ଭସାଣ

ଗତ ତା ୫-୧୦-୬୩ରେ ଜାପାନର ହିଟାଚୀ ଇନୋରମା ଜାହାଜ ତିଆରି ୟାର୍ଡଠାରେ ଭାରତୀୟ ଜାହାଜ କର୍ପୋରେସନର "ଦେଶବନ୍ଧୁ" ନାମକ ବୃହତ୍ ତୈଳବାହୀ ଜାହାଜର ଭସାଣ-ଉତ୍ସବ ଅନୁଷ୍ଠିତ ହୋଇଥିଲା । ୩୩,୫୦୦ ଟନ୍‌ର ଏହି ବୃହତ୍ ଜାହାଜଟିର ଆନୁଷ୍ଠାନିକ ଭସାଣ କାର୍ଯ୍ୟ ହିଟାଚୀ କମ୍ପାନୀର ସଭାପତି ଓ ମ୍ୟାନେଜିଂ ଡିରେକ୍ଟରଙ୍କ ଉପସ୍ଥିତିରେ ଜାପାନରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଶ୍ରୀ ଲଲ୍‌ଜୀ ମାଲହୋତ୍ରାଙ୍କ ଦ୍ୱାରା ସଂପନ୍ନ ହୋଇଥିଲା । "ଦେଶବନ୍ଧୁ" ହେଉଛି ଇଣ୍ଡିଆନ୍ ସିପିଙ୍ଗ୍ କର୍ପୋରେସନର ପ୍ରଥମ ତୈଳବାହୀ ଜାହାଜ— ଯାହାକି ଜାପାନରୁ ଅଣାଯାଉଛି ।

## ଭାରତୀୟ ଉଡ଼ାଜାହାଜ ଡିପୁରେ ବୋଇଙ୍ଗ୍ ବିମାନ ତିଆରି

କାନପୁରଠାରେ ଥିବା ଉଡ଼ାଜାହାଜ ନିର୍ମାଣ ଡିପୁରେ ୧ମ ଓ ୨ୟ ପର୍ଯ୍ୟାୟ ବୋଇଙ୍ଗ୍ ଧରଣର ଆଭ୍ରୋ-୭୪୮ ଉଡ଼ାଜାହାଜମାନ ଖଞ୍ଜାଯାଉଛି । ଗତ ଅକ୍ଟୋବର ପହିଲା ସୁଦ୍ଧା ପ୍ରଥମ ପର୍ଯ୍ୟାୟର ତିନୋଟି ଆଭ୍ରୋ-୭୪୮ ତିଆରି ସରିଥିଲା ଓ ଆଉ ଗୋଟିଏ ତିଆରି ହେଉଥିଲା । ଏହାର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଏହି କାରଖାନାରୁ କେବଳ ୨ୟ ପର୍ଯ୍ୟାୟର ବୋଇଙ୍ଗ୍ ବିମାନ ତିଆରି ହେବ ।

## ଭାରତୀୟ ହୋଟେଲମାନଙ୍କର ଶ୍ରେଣୀ ବିଭାଗ

ଭାରତର ହୋଟେଲଗୁଡ଼ିକୁ ବିଭିନ୍ନ ୫ଟି ଶ୍ରେଣୀରେ ବିଭକ୍ତ କରାଯାଇଛି; ଯଥା :—ପଞ୍ଚତାରା, ଚତୁର୍ତାରା, ତ୍ରୈତାରା, ଦୁଇତାରା ଓ ଏକତାରା ।

ହୋଟେଲର ମାନ ଓ ଦର ନିର୍ଦ୍ଧାରଣ କମିଟିଙ୍କ ସୁପାରିଶକ୍ରମେ ଭାରତ ସରକାର ବିଦେଶୀ ଭ୍ରମଣକାରୀମାନଙ୍କୁ ଖାଦ୍ୟ ଯୋଗାଇବା ନିମନ୍ତେ ସକ୍ଷମ ହୋଟେଲଗୁଡ଼ିକର ଶ୍ରେଣୀ ବିଭାଗ ପାଇଁ ୧୯୬୨ ଜୁନ୍ ୧୮ ତାରିଖଠାରୁ ଏକ ହୋଟେଲ ଶ୍ରେଣୀ ନିର୍ଦ୍ଧାରଣ କମିଟି ଗଠନ କରିଥିଲେ । 'ତାରକା' ଚିହ୍ନଦ୍ୱାରା ଅନ୍ତର୍ଜାତିକ କ୍ଷେତ୍ରରେ ହୋଟେଲର ଶ୍ରେଣୀ ବିଭାଗର ଯେଉଁ ପଦ୍ଧତି ସ୍ୱୀକୃତ ହୋଇଛି, ଭାରତୀୟ ହୋଟେଲଗୁଡ଼ିକର ଶ୍ରେଣୀ ନିର୍ଦ୍ଧାରଣ ସେହି ଅନୁସାରେ କରିବା ପାଇଁ ଉକ୍ତ କମିଟି ଗଠିତ ହୋଇଥିଲା । କମିଟି ଯେଉଁ ସୁପାରିଶ କରିଛନ୍ତି, ଭାରତ ସରକାର ତାହା ଗ୍ରହଣ କରିଛନ୍ତି ।

ଆନ୍ତର୍ଜାତିକ କ୍ଷେତ୍ରରେ ଅନୁମୋଦନଯୋଗ୍ୟ ଏଭଳି ୧୮୬ଟି ହୋଟେଲ ଭାରତରେ ରହିଛି । ●

## ଯବାନ୍‌ମାନଙ୍କ ପାଇଁ ଏମର୍‌ଜେନ୍‌ସି କମିଶନ୍

ସୈନ୍ୟବାହିନୀ କିମ୍ବା ଆଞ୍ଚଳିକ ସୈନ୍ୟବାହିନୀରେ ଯୋଗଦେଇଥିବା ସୈନ୍ୟମାନଙ୍କ ମଧ୍ୟରୁ ଯେଉଁମାନେ କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷା ବୋର୍ଡ଼ ତରଫରୁ ଅନୁଷ୍ଠିତ ଇଣ୍ଟରମିଡ଼ିଏଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ, ସେମାନଙ୍କୁ ସୈନ୍ୟବାହିନୀରେ ଏମର୍‌ଜେନ୍‌ସି କମିଶନ ମଞ୍ଜୁର କରିବା ସକାଶେ ବିଚାରକୁ ନିଆଯିବ ।

ଏହା ପୂର୍ବରୁ ସୈନିକମାନଙ୍କୁ ଏମର୍‌ଜେନ୍‌ସି କମିଶନ ପାଇଁ ବିଚାରକୁ ନିଆଯିବା ପୂର୍ବରୁ ତାଲିମ୍‌ପ୍ରାପ୍ତ ସୈନିକଭାବରେ ୨ ବର୍ଷ ସୈନ୍ୟବାହିନୀରେ କିମ୍ବା ଆଞ୍ଚଳିକ ସୈନ୍ୟବାହିନୀରେ, ୩ ବର୍ଷ ଏମ୍‌ବଡ଼ିଡ୍ ସର୍ଭିସ କିମ୍ବା ୪ ବର୍ଷ ଅନ୍-ଏମ୍‌ବଡ଼ିଡ୍ ସର୍ଭିସରେ ରହିବାକୁ ପଡ଼ୁଥିଲା ।

ନୌବାହିନୀ କିମ୍ବା ବିମାନବାହିନୀର ଯେଉଁ କର୍ମଚାରୀମାନେ ଏମର୍‌ଜେନ୍‌ସି କମିଶନରେ ଯୋଗଦେବାକୁ ଇଚ୍ଛା କରନ୍ତି, ସେମାନେ ଇଣ୍ଟରମିଡ଼ିଏଟ୍ ପରୀକ୍ଷାରେ ପାଶ୍ କରିଥିବା ଉଚିତ । ●

## ଗ୍ରାମ୍ୟନେତା ତାଲିମ୍

୧୯୬୩ ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଗ୍ରାମବାସୀଙ୍କୁ ତାଲିମ୍ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ଗୋଷ୍ଠୀ ଉନ୍ନୟନ ଓ ସମବାୟ ମନ୍ତ୍ରାଳୟ ତରଫରୁ ପ୍ରାୟ ୧,୬୮,୦୦୦ଟି ତାଲିମ୍ ଶିବିରର ଆୟୋଜନ କରାଯାଇଛି । ଏହା ମଧ୍ୟରୁ ଉତ୍ତରପ୍ରଦେଶରେ ୪୨,୨୯୨ଟି ତାଲିମ୍ ଶିବିରର ଆୟୋଜନ କରାଯାଇଥିଲା । ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଏହା ସର୍ବାପେକ୍ଷା ଅଧିକ । ଏ ଧରଣର ତାଲିମ ବିଶେଷ ଫଳପ୍ରଦ ହେଉଥିବାରୁ ପ୍ରତ୍ୟେକ ଗ୍ରାମ, ବ୍ଲକ ଓ ଜିଲ୍ଲା ସ୍ତରରେ ଗ୍ରାମ-ସହାୟକ ଯୁବକ ଓ ମହିଳା କର୍ମୀଙ୍କୁ ନେଇ ଗୋଟିଏ ମିଳିତ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି ।

ପଲ୍ଲୀ ଅଞ୍ଚଳର ଯୁବକ ଓ ଯୁବତୀମାନଙ୍କ ମନରେ ନେତୃତ୍ୱ ମନୋଭାବ ଜାଗରୂକ କରିବା ପାଇଁ କେନ୍ଦ୍ର ମନ୍ତ୍ରାଳୟ ଗୋଟିଏ କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରିଛନ୍ତି । ତଦନୁଯାୟୀ ୨୦,୦୦୦ ଯୁବକ ଓ ଯୁବତୀମାନଙ୍କୁ ଦେଶର ବିଭିନ୍ନ ଗ୍ରାମସେବକ ଓ ଗ୍ରାମସେବିକା ତାଲିମ କେନ୍ଦ୍ରମାନଙ୍କରେ ତାଲିମ ଦିଆଯିବ । ବର୍ତ୍ତମାନ ସୁଦ୍ଧା ମିଳିଥିବା ରିପୋର୍ଟରୁ ଜଣାଯାଏ ଯେ ଏପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ୨୨୪ଟି ଶିବିରର

ଆୟୋଜନ କରାଯାଇଛି ଓ ୬୦୦୦ ଯୁବକ କର୍ମୀଙ୍କୁ ତାଲିମ ଦିଆଯାଇଛି ।

## ନଦୀଶଯ୍ୟାର ପରିବର୍ତ୍ତନ

ଉତ୍ତରପ୍ରଦେଶର ନୈନିତାଲ ଜିଲାରେ ପ୍ରବାହିତ କୋଶୀ ନଦୀ ୧୯୫୭-୫୮ ମସିହାରେ ନିଜର ଶତଶତ ଶଯ୍ୟାକୁ ତ୍ୟାଗ କରି ଏକ ନୂତନ ପଥରେ ପ୍ରବାହିତ ହେବାକୁ ଲାଗିଲା । ଏହା ଫଳରେ ପ୍ରତିବର୍ଷ ବର୍ଷା ଋତୁରେ ବନ୍ୟା ଘଟି ବ୍ୟାପକ ଅଞ୍ଚଳର ଫସଲ କ୍ଷତ ହେବାକୁ ଲାଗିଲା । କିନ୍ତୁ ରାଜ୍ୟର ଜଳସେଚନ ଇଞ୍ଜିନିୟରମାନଙ୍କ ଉଦ୍ୟମରେ କୋଶୀ ନଦୀର ସ୍ରୋତକୁ ପୂର୍ବଶଯ୍ୟାକୁ ଫେରାଇ ଅଣାଯାଇ ପାରିଛି । ଏହା ଫଳରେ ନୈନିତାଲ ଜିଲାର ବ୍ୟାପକ ଅଞ୍ଚଳର ଫସଲ ତଥା ଉତ୍ତର-ପୂର୍ବ ରେଳ ଲାଇନ୍‌କୁ ବନ୍ୟାଜନିତ କ୍ଷୟକ୍ଷତିରୁ ରକ୍ଷା କରାଯାଇପାରିବ ।

## କୃଷି-ଗ୍ରାଜୁଏଟମାନଙ୍କ ନିଯୁକ୍ତି ସୁବିଧା

କୃଷି-ଗ୍ରାଜୁଏଟମାନଙ୍କୁ ଟ୧୪୦୍‌ରୁ ଟ୨୫୦୍ ବେତନ ହାରରେ ଓ କୃଷି-ସ୍ନାତକୋତ୍ତରମାନଙ୍କୁ ଟ୨୧୦୍‌ରୁ ଟ୩୫୦୍ ହାରରେ ନିଯୁକ୍ତି ଦେବା ପାଇଁ ଗୁଜରାଟ ରାଜ୍ୟ ସରକାର ସ୍ଥିର କରିଛନ୍ତି । ଏହାଛଡ଼ା ଉଭୟ ଶ୍ରେଣୀର କର୍ମଚାରୀମାନେ ମାସିକ ଟ୫୦୍ ମହଙ୍ଗା ଭତ୍ତା ପାଇବେ । ମହୀଶୂର ରାଜ୍ୟ ସରକାର ମଧ୍ୟ ଟ୧୫୦୍‌ରୁ ଟ୪୦୦ ବେତନରେ ଉଭୟ ଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ ଛାତ୍ରମାନଙ୍କୁ ନିଯୁକ୍ତି ଦେବାପାଇଁ ସ୍ଥିର କରିଛନ୍ତି । ବେତନ ବ୍ୟତୀତ ମାସିକ ଟ୪୦୍ ମହଙ୍ଗାଭତ୍ତା ଦିଆଯିବ । ସେଉଁମାନେ ଉପରୋକ୍ତ ରାଜ୍ୟରେ ନିଯୁକ୍ତି ପାଇବା ପାଇଁ ଇଚ୍ଛା କରନ୍ତି, ସେମାନେ ଏ ସୁବିଧା ହାସଲ କରିପାରିବେ ।

## ନାମଲେଖା ଅଭିଯାନ

ଉତ୍ତରପ୍ରଦେଶର ୬ ବର୍ଷରୁ ୧୧ ବର୍ଷ ବୟସର ବାଳକବାଳିକାମାନେ ଯେପରି ବହୁସଂଖ୍ୟାରେ ସ୍କୁଲରେ ଯୋଗଦେବେ, ସେଥିପାଇଁ ଗୋଟିଏ "ନାମଲେଖା ଅଭିଯାନ" ହୋଇଥିଲା । ଏହାଫଳରେ ତୃତୀୟ ଯୋଜନା ଶେଷସୁଦ୍ଧା ରାଜ୍ୟର ଶତକଡ଼ା ୮୧ ଭାଗ ବାଳକ ଓ ୪୬ ଭାଗ ବାଳିକା ସ୍କୁଲରେ ଯୋଗଦେବେ ବୋଲି ଆଶା କରାଯାଉଛି ।

୧୯୬୨ ମସିହାରେ ଏ ଧରଣର ଏକ ଅଭିଯାନ କରାଯାଇଥିଲା ଏବଂ ଏହା ଫଳରେ ଛାତ୍ରସଂଖ୍ୟା ଶତକଡ଼ା ୬୪.୮୦ ଭାଗରୁ ୭୦.୮୬ ଭାଗକୁ ଓ ଛାତ୍ରୀସଂଖ୍ୟା ୧୯.୩୧ ଭାଗରୁ ୨୫.୩୩ ଭାଗକୁ ବୃଦ୍ଧି ପାଇଥିଲା । ଉକ୍ତ ଅଭିଯାନବେଳେ ବାଳିକା-ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି ।

## ସମବାୟ ଚିନି କାରଖାନା

ଉତ୍ତରପ୍ରଦେଶ ସରକାର ଅଧିକା ୭ଟି ସମବାୟ ଚିନି କାରଖାନା ସ୍ଥାପିତ କରିବା ପାଇଁ ସ୍ଥିର କରିଛନ୍ତି । ଏହି ନୂତନ କାରଖାନାଗୁଡ଼ିକୁ ଲାଇସେନ୍ସ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରାଯାଇଛି । ଉପରୋକ୍ତ କାରଖାନା ମଧ୍ୟରୁ ୩ଟି କାରଖାନାରେ ଆଗାମୀ ନଭେମ୍ବର ମାସରେ ଆଖୁ ପେଡ଼ିବା କାମ ଆରମ୍ଭ ହେବ ।

## ଭାରତକୁ ଯୁକ୍ତରାଷ୍ଟ୍ରର ସାହାଯ୍ୟ

୧୯୫୧ ଜୁନ ମାସରେ ଭାରତକୁ ଆର୍ଥିକ ସାହାଯ୍ୟ ଦେବା କାର୍ଯ୍ୟକ୍ରମ ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୁଏ । ସେହି ସମୟରୁ ୧୯୬୩ ଅକ୍ଟୋବର ୧୮

ତାରିଖ ପର୍ଯ୍ୟନ୍ତ ଭାରତକୁ ଯୁକ୍ତରାଷ୍ଟ୍ରରୁ ମିଳିଥିବା ଅର୍ଥନୈତିକ ସାହାଯ୍ୟର ପରିମାଣ ନିମ୍ନରେ ଦିଆଗଲା ।

| | ନିୟୁତ (ଡୋଲାର୍) | କୋଟି (ଟଙ୍କା) |
|---|---|---|
| ୧ । ଆନ୍ତର୍ଜାତିକ ଉନ୍ନୟନ କମିଶନର ବୈଷୟିକ ସହଯୋଗ କାର୍ଯ୍ୟକ୍ରମ ପାଇଁ ଯୁକ୍ତରାଷ୍ଟ୍ରର ଥିବା ସଂସ୍ଥା : | | |
| (କ) ଉନ୍ନୟନମୂଳକ ଗ୍ରାଣ୍ଟ (ପରିଶୋଧ କରାଯିବ ନାହିଁ) | ...୩୭୫.୪ | ୧୭୪.୦ |
| (ଖ) ଋଣ (ଟଙ୍କା ବା ଡଲାର ଆକାରରେ ପରିଶୋଧ କରାଯିବ | ...୧୫୪.୨ | ୭୩.୪ |
| ୨ । ଆନ୍ତର୍ଜାତିକ ଉନ୍ନୟନ ପାଇଁ ଯୁକ୍ତରାଷ୍ଟ୍ରରେ ଥିବା ସଂସ୍ଥା : ଉନ୍ନୟନ ଋଣ (ଡଲାର ଆକାରରେ ପରିଶୋଧ କରାଯିବ) ... | ...୮୩୫.୭ | ୩୯୮.୦ |
| ୩ । ଯୁକ୍ତରାଷ୍ଟ୍ର ଉନ୍ନୟନ ଋଣ ପାଣ୍ଠିରୁ ଋଣ ସାହାଯ୍ୟ (ଟଙ୍କା ଆକାରରେ ପରିଶୋଧ କରାଯାଇପାରେ) | ୫୧୦.୩ | ୨୪୩.୦ |
| ୪ । ପବ୍ଲିକ ଲ ୪୮୦ | | |
| (କ) ଟଙ୍କା ଆକାରରେ ପରିଶୋଧଯୋଗ୍ୟ ଗ୍ରାଣ୍ଟ ଓ ଋଣ | ...୨୪୩୮.୭ | ୧୧୬୧.୨ |
| ୫ । ପବ୍ଲିକ ଲ | | |
| (ଖ) ପରିଶୋଧଯୋଗ୍ୟ ନୁହେଁ ... | ୯.୨ | ୪.୪ |
| ୬ । ପବ୍ଲିକ ଲ | | |
| (ଗ) ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ଦ୍ୱାରା ପ୍ରଦତ୍ତ କୃଷି-ସାମଗ୍ରୀ (ପରିଶୋଧଯୋଗ୍ୟ ନୁହେଁ) ... | ୧୭୬.୫ | ୮୪.୦ |
| ୭ । ଜରୁରି ବନ୍ୟା ଓ ଦୁର୍ଭିକ୍ଷ ସାହାଯ୍ୟ ଗ୍ରାଣ୍ଟ (ପରିଶୋଧଯୋଗ୍ୟ ନୁହେଁ) ... | ୫.୫ | ୨.୬ |
| ୮ । ରପ୍ତାନି ଆମଦାନି ବ୍ୟାଙ୍କର ଋଣ (ଡଲାର ଆକାରରେ ପରିଶୋଧଯୋଗ୍ୟ) | ...୩୩୮.୦ | ୧୬୧.୦ |
| ୯ । ୧୯୫୧ରେ ଗହମ ଋଣ (ଡଲାର ଆକାରରେ ପରିଶୋଧଯୋଗ୍ୟ) | ...୧୮୯.୭ | ୯୦.୩ |
| ମୋଟ | ...୫୦୨୩.୧ | ୨୩୯୧.୯ |

## ହିନ୍ଦୁସ୍ଥାନ ମେସିନ୍ ଟୁଲ କାରଖାନା

୧ । ବାଙ୍ଗାଲୋରଠାରେ ସରକାରୀ ଉଦ୍ୟୋଗରେ ସ୍ଥାପିତ ହିନ୍ଦୁସ୍ଥାନ ମେସିନ୍ ଟୁଲ କାରଖାନାରେ ୧୯୫୬ ମସିହା ମେ ମାସରେ ଉତ୍ପାଦନ ଆରମ୍ଭ ହୋଇଥିଲା । ଏହି କାରଖାନାରୁ ୧୯୫୭-୫୮ ମସିହାରେ ୪୦୦ଟି ମେସିନ୍ ଟୁଲ ଉତ୍ପାଦିତ ହୋଇଥିବାସ୍ଥଳେ ୧୯୫୯-୬୦ରେ ୫୫୨ଟି ଉତ୍ପାଦିତ ହୋଇଥିଲା ।

୨ । ଏହି କାରଖାନାରେ ନିର୍ମିତ ଯନ୍ତ୍ରପାତି ସାହାଯ୍ୟରେ ଅନ୍ୟ ଏକ ମେସିନ୍ ଟୁଲ କାରଖାନା ନିର୍ମାଣ କରାଯାଉଛି । ୧୯୬୧-୬୨ ମସିହାରେ ଏହି ଉଭୟ କାରଖାନାରୁ ୧୨୫୧ଟି ମେସିନ୍ ଟୁଲ ଉତ୍ପାଦିତ ହୋଇଥିଲା ।

୩ । ବାର୍ଷିକ ୧୦୦୦ ମେସିନ୍ ଟୁଲ୍ ଉତ୍ପାଦନ ହୋଇପାରିଲା ଭଳି ଅଧିକ ୩ଟି ମେସିନ୍ ଟୁଲ୍ କାରଖାନା ତୃତୀୟ ଯୋଜନା କାଳରେ ସ୍ଥାପନ କରିବା ପାଇଁ ହିନ୍ଦୁସ୍ଥାନ ମେସିନ୍ ଟୁଲ୍ କାରଖାନା ପ୍ରସ୍ତାବ କରିଥିଲା ।

୪ । ଉପରୋକ୍ତ ୩ଟି କାରଖାନା ମଧ୍ୟରୁ ପ୍ରଥମଟି ପିନ୍‌ଯୋରଠାରେ ସ୍ଥାପିତ ହୋଇଛି ଏବଂ ଅକ୍ଟୋବର ୨୩ ତାରିଖରେ ପ୍ରଧାନମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଛନ୍ତି । ଅବଶିଷ୍ଟ ୨ଟି କାରଖାନା ମଧ୍ୟରୁ ଗୋଟିଏ କେରଳରେ ଏବଂ ଅନ୍ୟଟି ହାଇଦ୍ରାବାଦର ସନତନଗରରେ ସ୍ଥାପନ କରାଯିବ ।

୫ । ଉପରୋକ୍ତ କାରଖାନା ସମ୍ପୂର୍ଣ୍ଣ ହେବାପରେ ବାର୍ଷିକ ୨୫ କୋଟି ଟଙ୍କାର ଯନ୍ତ୍ରପାତି ଉତ୍ପାଦିତ ହେବ ।

୬ । ଏହି ହିନ୍ଦୁସ୍ଥାନ ମେସିନ୍ ଟୁଲ୍ କାରଖାନାରୁ ଉତ୍ପାଦିତ ଯନ୍ତ୍ରପାତି ସ୍ୱିଜରଲ୍ୟାଣ୍ଡ, ଜର୍ମାନୀ, ଫ୍ରାନ୍ସ ଓ ରୁଷିଆକୁ ରପ୍ତାନି ହୋଇଥାଏ ।

୭ । ତୃତୀୟ ଯୋଜନାର ଲକ୍ଷ୍ୟ ତୁଳନାରେ ଉପରୋକ୍ତ କାରଖାନାମାନଙ୍କର ଉତ୍ପାଦନ ଶତକଡ଼ା ୬୦ ଭାଗ ବୃଦ୍ଧି ପାଇବ ।

୮ । ୧୯୬୨-୬୩ ମସିହାରେ ହିନ୍ଦୁସ୍ଥାନ ମେସିନ୍ ଟୁଲ୍ କାରଖାନା ଶତକଡ଼ା ୧୦ ଭାଗ ଡିଭିଡେଣ୍ଡ ଘୋଷଣା କରିଥିଲେ । ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ କାରଖାନାମାନଙ୍କ ଦ୍ୱାରା ଘୋଷିତ ଡିଭିଡେଣ୍ଡ ତୁଳନାରେ ଏହା ସର୍ବାପେକ୍ଷା ଅଧିକ ।

## ଭାକ୍ରା ବନ୍ଧ

ପଞ୍ଜାବର ଭାକ୍ରାନଙ୍ଗାଲ ଯୋଜନା ଅନ୍ତର୍ଗତ ଭାକ୍ରା ବନ୍ଧ ସମଗ୍ର ଏସିଆରେ ସର୍ବାପେକ୍ଷା ଉଚ୍ଚତମ ବନ୍ଧ । ଏହାର ଉଚ୍ଚତା ୭୪୦ ଫୁଟ୍; ଅର୍ଥାତ କୁତବ ମିନାର ଅପେକ୍ଷା ୩ ଗୁଣ ଉଚ୍ଚ । ୧୯୪୮ ମସିହାରେ ନିର୍ମିତ ଏହି ଯୋଜନାରେ ୩୦୦୦ ମାଇଲ୍ ଦୀର୍ଘ ଜଳସେଚନ କେନାଲ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଏହି କେନାଲ ସାହାଯ୍ୟରେ ୩.୭ ନିୟୁତ ଏକର ଜମିରେ ଜଳସେଚନ ହୋଇପାରୁଛି । ଏହାଛଡ଼ା ଏହି ଯୋଜନାରୁ ସର୍ବମୋଟ ୮୦୦୦୦୦ କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହୋଇପାରିବ ।

ଏହି ଯୋଜନାଟି ସମ୍ପୂର୍ଣ୍ଣ ହେଲା ପରେ ଜଳକର-ବର୍ଦ୍ଧିତ ଭୂରାଜସ୍ୱ ଓ ବିଦ୍ୟୁତ୍ ବିକ୍ରି ବ୍ୟବହାରରୁ ବହୁ ପରିମାଣରେ ସରକାରୀ ରାଜସ୍ୱ ଆୟ ହେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବହୁ ଉପକାର ବି ମିଳିପାରିବ । କୃଷି ଓ ଅର୍ଥକରୀ ଫସଲ ବୃଦ୍ଧି ପାଇବ । ଏହାଛଡ଼ା ଗହମ, ଆମେରିକା କପା, ଆଖୁ ଓ ତୈଳବୀଜ ଭଳି ମୂଲ୍ୟବାନ ଫସଲ ଚାଷ କରିବା ସମ୍ଭବ ହୋଇପାରିବ । ଆଶା କରାଯାଉଛି ଯେ ୧୧ ଲକ୍ଷ ଟନ୍ ଖାଦ୍ୟ ପଦାର୍ଥ, ୮ ଲକ୍ଷ ଟନ୍ କପା ଓ ୫ ଲକ୍ଷ ଟନ୍ ଆଖୁ ଉତ୍ପାଦିତ ହୋଇପାରିବ । ଶସ୍ତା ବିଦ୍ୟୁତ୍‌ଶକ୍ତି ଏବଂ କଞ୍ଚାମାଲର ଉତ୍ପାଦନ ବୃଦ୍ଧି ପାଇବା ଫଳରେ ବହୁସଂଖ୍ୟକ ଶିଳ୍ପ କାରଖାନା ସ୍ଥାପିତ ହେବ । ଏହାଛଡ଼ା ୫୦୦୦ ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବା ଫଳରେ କୁଟୀରଶିଳ୍ପର ବିକାଶ ଘଟିବ ।



୧୮ । ୧୦ । ୭୩ ତାରିଖ ଅପରାହ୍ନ ୫ଟା ବେଳେ ଓଡ଼ିଶା ରାଜ୍ୟପାଳଙ୍କ ପୌରୋହିତ୍ୟରେ
ରାଜଭବନଠାରେ ସ୍ୱତନ୍ତ୍ର ରେଡ଼କ୍ରସ ଶତବାର୍ଷିକୀ ବୈଠକ ଅନୁଷ୍ଠିତ ହୋଇଥିଲା
ଚିତ୍ରରେ—ରେଡ଼କ୍ରସ କମିଟିର ସଭ୍ୟମାନଙ୍କ ସହିତ ରାଜ୍ୟପାଳଙ୍କ ଆଲୋଚନା



୧୬ । ୧୦ । ୭୩ ତାରିଖରେ ଭୁବନେଶ୍ୱରଠାରେ କେନ୍ଦ୍ରୀୟ ଗୋ-ବସନ୍ତ ନିରାକରଣ ସମିତିର
୧୭ଶ ଅଧିବେଶନରେ ଶିକ୍ଷା ଓ କୃଷି-ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତିଙ୍କ ଅଭିଭାଷଣ



ତା ୧୧ । ୧୦ । ୬୩ ରିଖରେ ଭୁବନେଶ୍ୱର ବାଣୀବିହାରସ୍ଥ ମହିଳା ଛାତ୍ରୀବାସ ସଂଘର ମୌସୁମୀ-
ଉତ୍ସବ ଉଦ୍‌ଘାଟନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ୍ ମିତ୍ରଙ୍କର ଅଭିଭାଷଣ



୨ । ୧୧ । ୬୩ ତାରିଖ ସାଢ଼େ ଦୁଇଘଣ୍ଟାବେଳେ ଭୁବନେଶ୍ୱର ରାଜଭବନଠାରେ
ଓଡ଼ିଶାର ସାମ୍ବାଦିକମାନଙ୍କ ସହିତ ଯୁଗୋସ୍ଲାଭିଆର ରାଜଦୂତ
ଡଃ ସ୍ୱତେଭର ଭୁଲିକଙ୍କର ଆଲୋଚନା
ତଳେ—ଡଃ ଭିଲ୍‌ଲିକ୍ ନଜର ଓଡ଼ିଶା ପରିଦର୍ଶନର ଅଭିଜ୍ଞତା ବର୍ଣ୍ଣନା କରୁଛନ୍ତି



ଜାତୀୟ ମହିଳା ଶିକ୍ଷା ପରିଷଦଦ୍ୱାରା ନିଯୁକ୍ତ ସବ୍-କମିଟିର ଚେୟାରମ୍ୟାନ ମାଦ୍ରାଜର
ମୁଖ୍ୟମନ୍ତ୍ରୀ ଶ୍ରୀ ଭକ୍ତବତ୍ସଲମ୍ ତଥା ସଭ୍ୟମାନଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟର
କୁଳପତି ଡକ୍ଟର ପରିଜାଙ୍କ ସହିତ ଆଲୋଚନା



୧୯୬୩ ସେପ୍ଟେମ୍ବର ୨୭ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ
ଭୁବନେଶ୍ୱର ସୈନିକ ସ୍କୁଲ ପରିଦର୍ଶନ କରିଥିଲେ ।
ଚିତ୍ରରେ—ଶିକ୍ଷାର୍ଥୀମାନଙ୍କ ପରେଡ଼ରେ ଶ୍ରୀ ପଟ୍ଟନାୟକ




୧୯୬୩ ସେପ୍ଟେମ୍ବର ୨୭ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଭୁବନେଶ୍ୱର ସୈନିକ ସ୍କୁଲ ପରିଦର୍ଶନରେ ଯାଇ ସେଠିକା ଛାତ୍ରମାନଙ୍କ ବ୍ୟବହାର ପାଇଁ ଶ୍ରୀମତୀ ଜ୍ଞାନ ପଟ୍ଟନାୟକଙ୍କ ତରଫରୁ ଏକ ବସ୍‌ଟି ସ୍କୁଲକୁ ଦାନ କରିଥିଲେ ।



ଅକ୍ଟୋବର ମାସରେ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ନାଗାରାଜ୍ୟର କୋହିମା ପରିଦର୍ଶନରେ ଯାଇ ସେଠାକାର ତଥ୍ୟ-ମନ୍ତ୍ରୀ ଶ୍ରୀ ଆକୁମ୍ ଇମ୍ଲଂଙ୍କ ସହ ସାକ୍ଷାତ୍ କରିଥିଲେ ।

ଚିତ୍ରରେ—ଶ୍ରୀ ପଟ୍ଟନାୟକ ଓ ଶ୍ରୀ ଇମ୍ଲଂ ଆଲୋଚନାରତ

# ଢୋଲ ଭିତରେ ପୋଲ

ଲେ : ଅନାଥ

୨୦।୩୦ ବର୍ଷ ତଳର କଥା—ମଣ୍ଡଳ ସାହେବଙ୍କ ଲିଖିତ 'ମଧ୍ୟ-ଭୂଗୋଳ ବିବରଣ' ବୋଲି ଖଣ୍ଡିଏ ବହି ପଢ଼ା ହେଉଥାଏ। ସେଥିରେ ଏସିଆ ମହାଦେଶର ଗଠନ ପ୍ରସଙ୍ଗରେ ଓଡ଼ିଆରେ ଗୋଟିଏ ବାକ୍ୟାଂଶ ବ୍ୟବହାର କରାଯାଇଥିଲା—ଚୀନର ଅନ୍ତଲ ପେଟ।

ଆଜି କେତୋଟି ଘଟଣା ଆଖିରେ ଦେଖି ମନେ ହେଉଛି, ସେ କଥାଟା ପୂରାପୂରି ଠିକ୍। ଅନ୍ତଲ ପେଟ ଭିତରେ କେବଳ ଅଛି ପବନ। କୌଣସିମତେ ପବନ ବାହାରିଗଲେ ତ ପେଟ ଖାଲି ଚମ ଧୁଡ଼ୁ-ଧୁଡ଼ୁ। ବାଉଁଶ ଘରଦା ଭିତରେ କେତେ କରୁଣ ଶବ୍ଦ ଭରି ହୋଇ ରହିଥିଲା—ଆଜି ଦୁର୍ଭିକ୍ଷ ଓ ଅନଟନର ବାଡ଼ି ସେ ଘରଦାଟାକୁ ଫୁଟାଇ ପ୍ରକୃତ ଶବ୍ଦ ବାହାରର ଆଖି ଆଗରେ ମେଲି ଦେଉଛି।

କଥାଟି ହେଉଛି—

ଚୀନର ଭୁଙ୍ଗପାନ୍ ଅଞ୍ଚଳରେ ଚାମ୍ପୁଇ ବୋଲି ଗୋଟିଏ ଛୋଟିଆ ଗାଁ। ଗାଁମୁଣ୍ଡରେ ଗୋଟିଏ ଛୋଟିଆ ଘରେ ମୁଣ୍ଡ ଗୁଞ୍ଜି ରହିଥାନ୍ତି ଗୋଟିଏ ଛୋଟିଆ ପରିବାର—ଜଣେ ବିଧବା ସ୍ତ୍ରୀ; ଆଉ ତାଙ୍କର ତିନୋଟି ପୁଅକନ୍ୟା।

ବହୁଦିନତଳୁ ଗୃହସ୍ୱାମୀ ମରିଯାଇଛନ୍ତି; ତେଣୁ ଏ ପିଲା ତିନୋଟିଙ୍କର ଲାଳନପାଳନ ଭାର ବିଧବା ମା'ଙ୍କ ଉପରେ ପଡ଼ିଛି। କେତେବେଳ ହେଲାଣି—ଖାଇବାକୁ ନ ପାଇ ଦିନେ ଏହି ଘରର ମାଲିକ ସ୍ୱେଚ୍ଛାରେ ଆମ୍ଭାକୁ ଅନାଥ କରି ଆରପୁରକୁ ଚାଲିଯାଇଥିଲେ; ଅଥଚ ଏବେ ବି ଖାଇବା ମୁଠାକ ସେ ଘରର ସମସ୍ତଙ୍କୁ ଜୁଟିବା କାଠିକର ପାଠ। ଗାଁର ଅଧିକାଂଶ ଘରେ ଭଣା ଅଧିକେ ଏଇ କଅଣ ଅବସ୍ଥାର ଶବ୍ଦ ଲାଗିରହିଛି।

ଉତ୍କଟ ଖାଦ୍ୟାଭାବ ଯୋଗୁଁ ଯେଉଁଠି କାଳ-ମହାରଗ ପଡ଼ିଛି, ସେଥିରେ ପିଲାଙ୍କ ଶିକ୍ଷା ତ ଦୂରର କଥା, ବର୍ତ୍ତିକ ପେଟ ପୂରାଇ ମୁଠାଏ ଖାଇବାକୁ ଦେବା ସମ୍ଭବପର ହେଉ ନାହିଁ। ଗାଁର ଆଖୁ-ଆଖୁ ମରଦ-ମାନେ ତ ଅଧାପେଟକରେ ଦିନ କଟାଉଛନ୍ତି; ଜଣେ ବିଧବା ଆଉ ତାର ଅନାଥ ଶିଶୁଙ୍କ କଥା କଏ ପଚାରେ !

ଚୀନର ଅନ୍ୟାନ୍ୟ ଗ୍ରାମବାସୀଙ୍କ ପରି ଏଠାକାର ଲୋକେ ମଧ୍ୟ ଦିନରେ ଗୋଟାଏ ବେଳର ପୂରାପେଟ ଖାଇବାକୁ ପାଉନାହାନ୍ତି। ଦରମା ଦେଇ ଭଲ କ୍ଷମତା ନ ଥିବାରୁ ଗାଁର ପ୍ରାୟ ସବୁ ପିଲା ମୂର୍ଖ ହୋଇ ଭୁଲୁଛନ୍ତି।

ଏହି ଅବସ୍ଥାରେ ବିଧବା ଜଣକ ଧାର-କରଜ କରି କେତେ ଦିନ ବା ଚଳନ୍ତେ। ଅବଶ୍ୟ ପିଲାମାନେ ସ୍ୱଭ ଅନ୍ଧାରରେ ମାଛ ଧରି କିଛି କିଛି ରୋଜଗାର କରନ୍ତି; କିନ୍ତୁ ସେ ରୋଜଗାର ତ ସମୁଦ୍ରକୁ ଶଙ୍ଖେ ପାଣି।

କିନ୍ତୁ ବିଧବା ଜଣକ କମ୍ ସାହସୀ ନୁହନ୍ତି। ପିଲାଙ୍କ ମୁହଁରେ ମୁଠିଏ ଆହାର ଦେବା ପାଇଁ ସେପରି ହେଉ ରୋଜଗାର ଉଦ୍ଦେଶ୍ୟରେ ଜନ୍ମମାଟିର ମାୟା କଟାଇ ବାହାରି ପଡ଼ନ୍ତି। ବଡ଼ ପୁଅଝିଅ ଦୁଇଟିକୁ ବନ୍ଧୁବାନ୍ଧବଙ୍କ ଆଶ୍ରୟରେ ଛାଡ଼ି ସବା ସାନ ପୁଅଟିକୁ

ସାଙ୍ଗରେ ନେଇ ସେ ପର୍ତ୍ତୁଗୀଜଶାସିତ ଟାଇପା ଦ୍ୱୀପକୁ ଚାଲିଯାଆନ୍ତି । ଟାଇପାର ଗୋଟିଏ ବାଣ-କାରଖାନାରେ ଦିନସାରା ଖଟି ଅଧବାଟି ପାହା ରୋଜଗାର କରନ୍ତି, ସେଥିରୁ ସାମାନ୍ୟ କିଛି ନିଜ ଖାଦ୍ୟପେୟ ପାଇଁ ଖର୍ଚ୍ଚ କରି ଅବଶିଷ୍ଟ ଟଙ୍କାରେ ବହୁ ଦୂରସ୍ଥ ନିଜ ପିଲା ଦୁଇଟିଙ୍କ ପାଇଁ ଲୁଗାପଟା ଓ ଖାଦ୍ୟଦ୍ରବ୍ୟ ପଠାଇଥାନ୍ତି । ସବୁ ଗୁଜୁରାଣ ମେଣ୍ଟାଇ ମଧ୍ୟ ସେ ମାସିକା ମାସି କିଛି କିଛି ସଞ୍ଚୟ ବି କରନ୍ତି ।

କ୍ରମେ ସଞ୍ଚିତ ଟଙ୍କାର ପରିମାଣ ବଢ଼ି ବଢ଼ି ଯେତେବେଳେ ୩୦୦ ଡୋଲାର ହେଲା, ସେତେବେଳେ ସେ ସବୁଯାକ ଅର୍ଥ ପଠାଇଦେଲେ ନିଜ ପୁଅ ନିକଟକୁ । ପନ୍ଦର ବର୍ଷର ପିଲା—ମା' ପାଖରୁ ଆଶୀର୍ବାଦ ଭଳି ୩୦୦ ଡୋଲାର ଯେଉଁ ଦିନ ପାଇଲା, ସେଦିନ ମନରେ ଜାଗିଉଠିଲା ଗୋଟାଏ ପ୍ରଶ୍ନ ?

—'କମ୍ୟୁନ୍' ଭିତରେ ଖାଇବା ବିନା ଛଟପଟ ହୋଇ ମରିଥିଲେ ତାର ବାପା । ସେଇଠି ଆଜି ତାର ବିଧବା ମାଆ ହୋଇଛନ୍ତି ଦେଶତ୍ୟାଗୀ । ସେ ଓ ତାର ଭଉଣୀ ଅଧିକାଂଶ ଦିନ ବେଳାଏ ଭାତ ଖାଇ ଦିନ କଟାଉଥାନ୍ତି—ତା ପୁଣି ଗାଁ ଗାଁ ବୁଲି ଭିକ୍ଷାଦ୍ୱାରା ସଂଗ୍ରହ କରିବାକୁ ପଡ଼ୁଛି । ଏଭଳି ଦୁର୍ବହ ପରିସ୍ଥିତିରୁ ମୁକ୍ତିର ସ୍ୱାଦ ପାଇବା ପାଇଁ ପିଲାଟିର ମନ ଅଥୟ ହୋଇଉଠିଲା । କିନ୍ତୁ ସ୍ନେହମୟୀ ମାଆ କାହିଁ କେତେ ଦୂରେ ! କାହିଁ ଚାନ୍‌ଚୁଙ୍ଗ—ଆଉ କାହିଁ ଟାଇପା—ମଝିରେ ସୀମାହୀନ ସମୁଦ୍ର ! କିନ୍ତୁ ପରିସ୍ଥିତିର କଠୋରତା ପିଲା ଦୁଇଟିଙ୍କ ମନରେ ଆଣିଛି ମୁକ୍ତିର ଆକାଂକ୍ଷା—ପଥ ଯେତେ ଦୁର୍ଗମ ହେଲେ ବି ସେମାନେ ଯେପରି ହେଉ ଏଠାରୁ ଚାଲିଯିବେ ମାଆଙ୍କ ପାଖକୁ ।

ବାଳକଟି ମା' ପଠାଇଥିବା ଟଙ୍କାରେ କିଣିଲା ଗୋଟିଏ ଛୋଟ ଡଙ୍ଗା—ସେଥିରେ ନାହିଁ ଇଂଜିନ୍ କିମ୍ବା ନାହାନ୍ତି ନାବିକ । ତଥାପି ବାଳକଟିର ମନ ଦବି ନ ଥିଲା—କାରଣ ଚୀନ୍ ଭୂମିରେ ରହିଲେ କେବଳ ଖାଇବା ବିନା ମୃତ୍ୟୁ ନିଶ୍ଚିତ—ବାହାରିକି ଗଲେ ସେ ଭୟ ତ ନାହିଁ । ଶେଷରେ ଦିନେ ବାଳକଟି ନିଜର ଛୋଟ ଭଉଣୀକୁ ନେଇ ଦିଗନ୍ତବିସ୍ତାରୀ ସାଗର-ବକ୍ଷରେ ଡଙ୍ଗା ମେଲିଦେଲା । ସାଙ୍ଗରେ ଆଉ କେହି ନାହିଁ । କେବଳ ଭାଇ, ଭଉଣୀ ଦି'ଜଣ ପୂର୍ଣ୍ଣ ଦୁଇଦିନ ଓ ଦୁଇ ରାତି ସମୁଦ୍ର ଉପରେ ଭାସି ଭାସି ଶେଷରେ ଡଙ୍ଗାଟି ଯାଇ ଲାଗିଲା ଟାଇପା ଉପକୂଳରେ । ପିଲା ଦିଓଟି ଡଙ୍ଗାରୁ ଡେଇଁ ପଡ଼ି କୂଳରେ ଗୋଡ଼ ଦେବା ମାତ୍ରେ ଦୁଇଟି କୋମଳ ବାହୁ ସେମାନଙ୍କୁ କୋଳାଗ୍ରତ କରିନେଲା । ଦୈବକ୍ରମେ ବିଧବା ମା' ସମୁଦ୍ରକୂଳକୁ ଆସି ନିଜର ରଙ୍କରତନଙ୍କୁ ଏହି ଅବସ୍ଥାରେ ଦେଖି ବିସ୍ମୟ ଓ ଆନନ୍ଦରେ ସେ ସେମାନଙ୍କୁ କୋଳକୁ ଟାଣି ନେଇଛନ୍ତି, ଏ କଥା ଜାଣିବା ପାଇଁ ପିଲା ଦୁଇଟିଙ୍କୁ ମୁହୂର୍ତ୍ତେ ମାତ୍ର ଲାଗିଲା ନାହିଁ ।

ଏ ଘଟଣା ଘଟିଛି ମାତ୍ର ଗଲା ସେପ୍ଟେମ୍ବର ୩ ତାରିଖରେ । ଅନ୍ତଲ ସେଣ୍ଟର ଫମ୍ପା ଆବାଜ ଭିତରେ ପନ୍ଦର ବର୍ଷର ଏଇ ଚୀନା ପିଲାଟିକୁ ଯେଉଁ ପରିସ୍ଥିତି ଏ ଦୁଃସାହସିକ କାର୍ଯ୍ୟର ପ୍ରେରଣା ଦେଇଛି, ସେ ପରିସ୍ଥିତି ଯେ କେଉଁଭଳି ଶୋଷଣ ହୋଇଥିବ, ତାହା ସହଜରେ ଅନୁମେୟ ।

ସେହି ପିଲାଟି ପରେ କେତେକ ସାମ୍ବାଦିକଙ୍କ ଆଗରେ ପ୍ରକାଶ କରିଛି ଯେ ତାର ମାଆ ବିଦେଶକୁ ଚାଲିଆସିବା ପରେ ପିଲାଟି ବହୁ ସମୟରେ ଭିକ୍ଷା କରି ପେଟ ପୋଷିବାକୁ ବାଧ୍ୟ ହୋଇଛି । ଗାଁରେ ଅଧିକାଂଶ ସମୟରେ ସେ ଦିନକୁ ବେଳାଏ ମାତ୍ର ଭାତ ଖାଇ ଦିନ କଟାଇଛି ।



# ଆମ ସାହସୀ ସୈନିକ

ଜବଲପୁରଠାରେ ଥିବା କେନ୍ଦ୍ରୀୟ ଅସ୍ତ୍ରଶସ୍ତ୍ର ଡମ୍ପ (ଅର୍ଡନାନ୍ସ ଡିପୋ)ର ଦୁଇ ଜଣ କର୍ମଚାରୀ ଶ୍ରୀ ଆତ୍ମା ସିଂହ ଓ ଶ୍ରୀ ଜଗବନ୍ ସିଂହ ସାହସିକ କାର୍ଯ୍ୟ ପାଇଁ ରାଷ୍ଟ୍ରପତି-ପଦକ ପାଇଛନ୍ତି ।

ଶ୍ରୀ ଆତ୍ମା ସିଂହ ହେଉଛନ୍ତି ଉକ୍ତ ଡିପୁର 'ଫାୟାର ସୁପରଭାଇଜର' ଓ ଶ୍ରୀ ଜଗବନ ସିଂହ ସେଠାକାର 'ଫାୟାରମ୍ୟାନ୍' । ସେହି ଡିପୁର ଗୋଳାଗୁଳି ଭଣ୍ଡାରରେ ଏକେ ବେଳକେ ନିଆଁ ଲାଗି-ଯାଇଥିବାବେଳେ ସେ ଦୁହେଁ ସେପରି ନିଜର ଜୀବନପଣ କରି ସାହସର ସହିତ ନିଆଁକୁ ଆୟତ୍ତ କରିପାରିଥିଲେ, ସେଇଥିଲାଗି ସେମାନଙ୍କୁ ଏ ପଦକ ମିଳିଛି ।

ଭଣ୍ଡାର ଭିତରେ ବିସ୍ଫୋରଣ ଘଟିଥିବାର ଖବର ପାଇବା ମାତ୍ରେ ସେ ଦୁହେଁ ନିଆଁ ଲିଭାଣ ଦଳଙ୍କୁ ଧରି ସେ ସ୍ଥାନକୁ ଧାଇଁଯାଇଥିଲେ । ଭୀଷଣ ବିପଦର ଆଶଙ୍କା ଥିବା ସତ୍ତ୍ୱେ ସେମାନେ ଜାଣ-ଶୁଣିକି ଭିତରେ ଥିବା ଫାଟକ ଆଡ଼କୁ ମୁହାଁଇଲେ । ଭିତରେ ଭାଣ୍ଡ (ମାଗାଜିନ୍)ର ବାଁ-ହାତ ଫାଟକକୁ ଖୋଲି ପକାଇ ଭିତର ଫାଟକ ଆଡ଼କୁ ମୁହାଁଇଲେ । ଭିତରେ ଭୀଷଣ, ଧୂଆଁରେ ନିଶ୍ୱାସ ବନ୍ଦ ହୋଇଯିବା ଭଳି ଅବସ୍ଥା—ଅଥଚ ଦୁହେଁ ସେଥିପ୍ରତି ଭ୍ରୂକ୍ଷେପ ନ କରି ନିଆଁକୁ ଡମ୍ପ,ର ନ ଲିଭିବା ପର୍ଯ୍ୟନ୍ତ କାମରେ ଲାଗିରହିଥିଲେ ।

# ଆପଣଙ୍କ ପାଇଁ ସମ୍ବାଦ

## ୧ । ଭାରତ ସରକାରଙ୍କ ଜାତୀୟ ଛାତ୍ରବୃତ୍ତି ଯୋଜନା

ଏହି ଯୋଜନା ଅନୁସାରେ ୧୯୬୩ରେ ହୋଇଥିବା ପ୍ରାକ୍-ବିଶ୍ୱବିଦ୍ୟାଳୟ ଓ ପ୍ରାକ୍-ପ୍ରଫେସନାଲ୍ ପରୀକ୍ଷା ଦେଇଥିବା ଛାତ୍ରମାନଙ୍କ ମଧ୍ୟରୁ ଓଡ଼ିଶାରୁ ନିମ୍ନଲିଖିତ ଛାତ୍ରମାନେ ଭାରତ ସରକାରଙ୍କ ବୃତ୍ତି ପାଇବା ପାଇଁ ବଛାଯାଇଛନ୍ତି । ଏ ବାବଦରେ କେତେକ ଆନୁଷ୍ଠାନିକ କାର୍ଯ୍ୟ ପୂରଣ କରିବା ପାଇଁ ସେମାନେ ଓଡ଼ିଶାର ଶିକ୍ଷା ଡିରେକ୍ଟରଙ୍କ ସହ ସାକ୍ଷାତ୍ ବା ପତ୍ରାଳାପ କରିବା ଦରକାର । ଶ୍ରୀ ସୁବ୍ରତରଞ୍ଜନ ମହାପାତ୍ର (ପ୍ରି-ଇଞ୍ଜିନିୟରିଂ), ଗୋଦାବରୀଶ ପାଣିଗ୍ରାହୀ (ପ୍ରି-ୟୁନିଭର୍ସିଟି), ଭୋଳାନାଥ ଦାସ (ପ୍ରି-ପ୍ରଫେସନାଲ) ।

## ୨ । ଜାତୀୟ ପ୍ରତିରକ୍ଷା ଏକାଡେମୀର ୩୩ତମ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ପରୀକ୍ଷା

୧୯୬୫ ଜାନୁଆରୀ ମାସଠାରୁ ଏହି ପାଠ୍ୟକ୍ରମ ଆରମ୍ଭ ହେବ । ଏଥିପାଇଁ ୟୁନିୟନ ପବ୍ଲିକ୍ ସର୍ଭିସ କମିଶନଙ୍କ ଦ୍ୱାରା କେତେକ ବଛା ବଛା କେନ୍ଦ୍ରରେ ୧୯ ଓ ୨୦ ମେ, ୧୯୬୪ରେ ପ୍ରାର୍ଥୀମାନଙ୍କୁ ପରୀକ୍ଷା କରାଯିବ । ପ୍ରାର୍ଥୀ ଅବିବାହିତ ପୁରୁଷ, ମାଟ୍ରିକୁଲେଟ ହୋଇଥିବେ । ସେମାନଙ୍କ ଜନ୍ମ ତାରିଖ ୨।୭।୧୯୪୬ରୁ ୧।୧।୧୯୫୦ ମଧ୍ୟରେ ହୋଇଥିବା ନିତାନ୍ତ ଆବଶ୍ୟକ । ୧୯୬୩ ଡିସେମ୍ବର ୩୦ ତାରିଖ ସୁଦ୍ଧା ଦରଖାସ୍ତମାନ "ୟୁନିୟନ ପବ୍ଲିକ ସର୍ଭିସ କମିଶନ—ଢୋଲପୁର ହାଉସ, ପୋ: ଅ: ନୂଆଦିଲ୍ଲୀ-୧୧" ଠିକଣାରେ ପହଞ୍ଚିବା ଆବଶ୍ୟକ । ଏଥିପାଇଁ ଦରଖାସ୍ତ ଫର୍ମମାନ ନିକଟତମ ରିକ୍ରୁଟିଂ ଅଫିସ / ମିଲିଟାରି ସବ୍-ଏରିଆ ହେଡ଼କ୍ୱାର୍ଟରସ / କିମ୍ବା ଏନ୍. ସି. ସି. ୟୁନିଟରୁ ମିଳିପାରିବ । ଆଉ ମଧ୍ୟ କ୍ରସନରେ "ନେସନାଲ ଡିଫେନ୍ସ ଏକାଡେମୀ ଏକ୍ଜାମିନେସନ, ୧୯୬୪" ଲେଖି ମନିଅର୍ଡ଼ର ଯୋଗେ ଟ୧୲ ପଠାଇଲେ ୟୁନିୟନ ପବ୍ଲିକ୍ ସର୍ଭିସ କମିଶନ ଅଫିସରୁ ମିଳିପାରିବ । ଏହି ଶିକ୍ଷା ମାଗଣା ଦିଆଯାଏ । ଆଉ ମଧ୍ୟ ଯେଉଁମାନଙ୍କ ବାପମା'ମାନଙ୍କ ମାସିକ ଆୟ ଟ୩୦୦ରୁ ଅଧିକ ନୁହେଁ, ସେମାନେ ଆର୍ଥିକ ସାହାଯ୍ୟ ପାଆନ୍ତି ।

## ୩ । ବେସରକାରୀ ଦାନ୍ତ - ସର୍ଜନମାନଙ୍କ ପାଇଁ ସାମରିକ ଦନ୍ତଚିକିତ୍ସା ବାହିନୀରେ ଚାକିରି ଖାଲି

ସେନାବାହିନୀର ଦନ୍ତ-ଚିକିତ୍ସା ବିଭାଗରେ ସ୍ୱଳ୍ପକାଳୀନ ନିୟମିତ କମିଶନ (ସର୍ଟସର୍ଭିସ ରେଗୁଲାର କମିଶନ) ପାଇଁ ବେସାମରିକ ଦନ୍ତ-ଚିକିତ୍ସକମାନଙ୍କ ଠାରୁ ଦରଖାସ୍ତ ଗ୍ରହଣ କରାଯାଉଛି । ୧୯୬୩ ଡିସେମ୍ବର ୩୧ ତାରିଖ ଦିନ ପ୍ରାର୍ଥୀମାନଙ୍କ ବୟସ ୪୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ । ବିଶେଷ ଅଭିଜ୍ଞତା ଓ ଜ୍ଞାନ ଦେଖାଇଲେ ଏହି ବୟସ-ସୀମା କୋହଳ କରାଯାଇପାରେ । ପ୍ରଥମତଃ ୩ବର୍ଷ ପାଇଁ କମିଶନ ମିଳିବ । ଅବଶ୍ୟ ଏହି ସମୟ ୫ ବର୍ଷ ପାଇଁ ବଢ଼ାଇ ଦିଆଯାଇପାରେ । ଯେଉଁମାନଙ୍କ ବୟସ ଦରଖାସ୍ତ ଦାଖଲର ତାରିଖ ଦିନ ୨୮ ବର୍ଷରୁ କମ୍ ହୋଇଥିବ, ସେମାନେ ୨ ବର୍ଷ ଚାକିରି କଲା ପରେ ଆର୍ମି ଡେଣ୍ଟାଲ କୋର୍‌ରେ ସ୍ଥାୟୀ ନିୟମିତ କମିଶନ ପାଇଁ ହକଦାର ହୋଇ ପାରିବେ । ଇଣ୍ଟରଭ୍ୟୁ ପାଇଁ ପ୍ରାର୍ଥୀମାନଙ୍କୁ ଦ୍ୱିତୀୟ ଶ୍ରେଣୀ ରେଳଭଡ଼ା ଦିଆଯିବ ।

୧୯୬୩ ଡିସେମ୍ବର ୩୧ ତାରିଖ ସୁଦ୍ଧା ଦରଖାସ୍ତର ୨ ନକଲ "D G A F M S, Ministry of Defence, F. Block, DHQ, Post Office New Delhi—11" ଠିକଣାରେ ପହଞ୍ଚିବା ଦରକାର । ଦରଖାସ୍ତ ସହିତ ପ୍ରାର୍ଥୀଙ୍କର ୨ଟି ପାସପୋର୍ଟ ସାଇଜ୍ ଫଟୋ ପଠାଇବା ଦରକାର । ଦରଖାସ୍ତ ଫର୍ମ ଓ ଅନ୍ୟାନ୍ୟ ବିବରଣୀମାନ ଉକ୍ତ ଅଫିସରୁ ମିଳିପାରିବ । ଦରଖାସ୍ତ ଫର୍ମ ପାଇଁ ଆବେଦନ କଲାବେଳେ ଅନୁରୋଧ-ପତ୍ର ସହିତ ଜନ୍ମ ତାରିଖ, ଡାକ୍ତରୀ ସମ୍ବନ୍ଧୀୟ ଯୋଗ୍ୟତା, ବିଶ୍ୱବିଦ୍ୟାଳୟର ନାମ ଓ ରେଜିଷ୍ଟ୍ରେସନ ନମ୍ବର ତଥା ନିଜ ଠିକଣା ଲେଖା ହୋଇଥିବା ଓ ଟିକଟ ମରା ହୋଇ ନ ଥିବା ୯ ଇଞ୍ଚ×୪ ଇଞ୍ଚ ଆୟତନର ଲଫାପା ପଠାଇବା ଦରକାର ।

## ୪ । ସାମରିକ ତାର (କେବ୍‌ଲ) କାରଖାନାରେ ଉତ୍ପାଦନ ଆରମ୍ଭ

ଚଣ୍ଡୀଗଡ଼ଠାରେ ଥିବା ସାମରିକ କେବଲ କାରଖାନାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇପାରିଛି । ପ୍ରତିରକ୍ଷା ମନ୍ତ୍ରାଳୟର ଡିରେକ୍ଟର ଜେନେରାଲ ଅବ୍ ସାଂଖ୍ୟିକଙ୍କ ଦ୍ୱାରା ଏହା ପରିଚାଳିତ । ଏହାର ଭିତ୍ତି-ପ୍ରସ୍ତର ସ୍ଥାପିତ ହୋଇଥିଲା ୧-୨-୧୯୬୨ରେ ଓ ଉତ୍ପାଦନ ଆରମ୍ଭ ହୋଇଛି ଗତ ସେପ୍‌ଟେମ୍ବର ମାସରେ । ଯୁଦ୍ଧକ୍ଷେତ୍ର ପାଇଁ ଆବଶ୍ୟକ ହେଉଥିବା ତମ୍ବାତାର (କେବ୍‌ଲ) ଏଠାରେ ବର୍ତ୍ତମାନ ମାସିକ ୫୦୦ ମାଇଲ ହିସାବରେ ତିଆରି ହେଉଛି ।

## ୫ । ମିଳିତ ବିମାନ-ପ୍ରତିରକ୍ଷା ତାଲିମ ଅଭ୍ୟାସ "ଶିକ୍ଷା"

ନଭେମ୍ବର ମାସରେ ଭାରତରେ ଯେଉଁ ମିଳିତ ବିମାନଚାଳନା ଅଭ୍ୟାସ କରାଯାଇଛି, ସେଥିରେ ଭାରତୀୟ ବିମାନବାହିନୀର ୭ଟି 'ସ୍କ୍ୱାଡ୍ରନ' ଯୋଗ ଦେଇଛନ୍ତି । ସେଥିରେ ୧୦୦ଟି ଲଢୁଆ ଓ ବୋମାବର୍ଷୀ ଉଡ଼ାଜାହାଜ ରହିଛି । ଏହାଛଡ଼ା ଆମେରିକାର ବିମାନ ବାହିନୀର ୧୮ଟି ଲଢୁଆ ବିମାନ, ୧୨ଟି ବ୍ରିଟିଶ ଓ ୨ଟି ଅଷ୍ଟ୍ରେଲିଆ ବୋମାବର୍ଷୀ ବିମାନ ଏଥି ସହିତ ଯୋଗଦେଇଛନ୍ତି । ଆମେରିକା ଓ ବ୍ରିଟେନ ଭାରତକୁ ଯେଉଁସବୁ ରାଡ଼ାର ଓ ଯୋଗାଯୋଗ ସରଞ୍ଜାମ ଯୋଗାଇଛନ୍ତି, ତାହାର ଉତ୍କର୍ଷ ପରୀକ୍ଷା କରିବା ଏହି ବିମାନଚାଳନାର ଲକ୍ଷ୍ୟ । ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ ଉଭୟ ପଟେ ଏହି ତାଲିମ ପରିଚାଳନା କରାଯାଇଛି । ବିମାନବାହିନୀର ଉପାଧ୍ୟକ୍ଷ ଏୟାର ଭାଇସ୍-ମାର୍ଶାଲ ଅର୍ଜୁନ ସିଂହ ଏହି ବିମାନଚାଳନାର ସର୍ବୋପରି କର୍ତ୍ତୃତ୍ୱରେ ଅଛନ୍ତି ।

## ୬ । ମାନ୍ଦ୍ରାଜର ଆଭାଡ଼ିଠାରେ ଟ୍ୟାଙ୍କ କାରଖାନା

ମାନ୍ଦ୍ରାଜ ନିକଟସ୍ଥ ଆଭାଡ଼ିଠାରେ ଯେଉଁ ଓଜନଦାର ଗାଡ଼ି କାରଖାନା ରହିଛି, ସେଠାରେ ବର୍ତ୍ତମାନ ଟ୍ୟାଙ୍କ ତିଆରି ପାଇଁ ବ୍ୟବସ୍ଥା କରାଯାଉଛି । ୧୯୬୫ ଶେଷ ଆଡ଼କୁ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହେବ ଓ ପ୍ରଥମ ଭାରତ-ତିଆରି ଟ୍ୟାଙ୍କମାନ ତିଆରି ହେବ । ଏ ଟ୍ୟାଙ୍କ କାରଖାନା ପୂର୍ଣ୍ଣାଙ୍ଗ ହେଲେ ଦେଶର ଏକ ବୃହତ୍ତମ କାରଖାନା ହେବ । ପ୍ରଥମେ ଏଠାରେ ୩୦୫୦ ଶ୍ରମିକ ନିଯୁକ୍ତ ହେବେ । ୧୫୦୦ ଏକର ଜମି ଉପରେ ଏହି କାରଖାନା ତିଆରି ହେବ ଓ ଏଥିରେ ୧୬ କୋଟି ଟଙ୍କା ଖର୍ଚ୍ଚ ହେବ । ୧୯୬୨ ମେ ମାସରୁ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲାଣି ।

## ୭ । ଓଡ଼ିଶାରେ ଆଞ୍ଚଳିକ ଗବେଷଣାଗାର ପ୍ରତିଷ୍ଠା

ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦର ପ୍ରଶାସନ ସଂସ୍ଥାର ବୈଠକ ଏବେ ନିକଟରେ ନୂଆଦିଲ୍ଲୀଠାରେ ବସି ଓଡ଼ିଶାରେ ଆଞ୍ଚଳିକ

ଗବେଷଣାଗାର ପ୍ରତିଷ୍ଠା ପ୍ରସ୍ତାବକୁ ସମର୍ଥନ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନେହରୁ ଏ ବୈଠକରେ ସଭାପତିତ୍ୱ କରିଥିଲେ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଆରମ୍ଭରୁ କେନ୍ଦ୍ରୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ ଦେଶର ଅପେକ୍ଷାକୃତ ଅଳ୍ପ ବିକଶିତ ଅଞ୍ଚଳମାନଙ୍କରେ ଗବେଷଣାଗାରମାନ ସ୍ଥାପନ କରୁଛନ୍ତି । ଏ ପର୍ଯ୍ୟନ୍ତ ଜୋରହାଟ, ହାଇଦ୍ରାବାଦ ଓ ଜାମୁଠାରେ ତିନୋଟି ଗବେଷଣାଗାର ସ୍ଥାପିତ ହୋଇଛି । ପ୍ରସ୍ତାବିତ ଭୂ-ଗବେଷଣା ସଂସ୍ଥାକୁ ଏହି ପରିଷଦ ଗ୍ରାଣ୍ଟ-ସାହାଯ୍ୟ ଦେବା ପାଇଁ ସ୍ଥିର କରିଛି ।

## ୮ । ପ୍ରାଚ୍ୟଖଣ୍ଡର ରଣପିପାସୁ କିଏ ?

ଅଳ୍ପ କେତେ ଦିନ ପୂର୍ବେ କ୍ୟାଣ୍ଟନର ସନ୍ୟାତସେନ ବିଶ୍ୱବିଦ୍ୟାଳୟରେ ଭାଷଣ ଦେଇ ଚୀନ କମ୍ୟୁନିଷ୍ଟଦଳର ଜଣେ ସଭ୍ୟ ମି: ରୁଷ୍କଙ୍କ ପ୍ରତି ଆକ୍ଷେପ କରି କହିଥିଲେ ଯେ ମି: ରୁଷ୍କର କୁଆଡେ ମାଓ-ସେ-ତୁଙ୍ଗଙ୍କୁ 'ପ୍ରାଚ୍ୟଖଣ୍ଡର ଦୁର୍ଦ୍ଦମ ରଣ-ପିପାସୁ' ଆଖ୍ୟା ଦେଇଥିଲେ । ମି: ରୁଷ୍କର ଏ କଥା କହିଥାନ୍ତୁ ବା ନ ଥାନ୍ତୁ, ମାଓ-ସେ-ତୁଙ୍ଗ ଯେ ଏପରି ଆଖ୍ୟା ନିଜ କର୍ମଯୋଗୁଁ ହାସଲ କରିଛନ୍ତି, ଏ କଥା ସତ । ଚୀନର ନେତାମାନେ ସଦା କହୁଛନ୍ତି, ଯଦି

### ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଦାନ (୧୮।୧୦।୬୩ ସୁଦ୍ଧା)

| | | (ନଗଦ) | (ସୁନା) |
|---|---|---|---|
| କଟକ | ... | ୩,୭୩,୯୮୩.୪୧ ନୂ:ପ: | ୧୪,୬୫୭.୪୨୦ ଗ୍ରାମ୍ |
| ପୁରୀ | ... | ୭,୧୩,୭୦୮.୦୦ ,, | ୪,୬୦୫.୧୫୦ ଗ୍ରାମ୍ |
| ବାଲେଶ୍ୱର | ... | ୫,୪୬,୩୨୨.୦୬ ,, | ୮,୪୧୩.୯୪୧ ଗ୍ରାମ୍ |
| ମୟୂରଭଞ୍ଜ | ... | ୩,୧୭,୬୩୫.୮୮ ,, | ୨,୯୧୮.୦୯୯ ଗ୍ରାମ୍ |
| ଗଞ୍ଜାମ | ... | ୫,୪୯,୧୦୬.୬୨ ,, | ୪୮,୬୮୭.୯୪୦ ଗ୍ରାମ୍ |
| କୋରାପୁଟ | ... | ୮.୯୬,୭୯୮.୮୭ ,, | ୧୨,୨୯୫.୧୯୨ ଗ୍ରାମ୍ |
| ଫୁଲବାଣୀ | ... | ୨,୩୯,୮୫୦.୬୭ ,, | ୧୧,୭୦୭.୦୦୦ ଗ୍ରାମ୍ |
| କଳାହାଣ୍ଡି | .. | ୩,୬୬,୫୬୫.୧୦ ,, | ୨୧,୧୬୦.୦୯୩ ଗ୍ରାମ୍ |
| ଢେଙ୍କାନାଳ | ... | ୨,୭୧,୫୭୦.୪୦ ,, | ୯,୪୭୫.୯୩୬ ଗ୍ରାମ୍ |
| ସମ୍ବଲପୁର | ... | ୮,୨୦,୨୫୫.୪୮ ,, | ୪,୪୧୭.୨୦୦ ଗ୍ରାମ୍ |
| ବଲାଙ୍ଗୀର | ... | ୩,୯୪,୦୧୦.୬୮ ,, | ୪୦,୯୮୯.୨୨୦ ଗ୍ରାମ୍ |
| କେନ୍ଦୁଝର | ... | ୧,୯୬,୩୪୦.୭୪ ,, | ୧,୪୮୮.୫୪୪ ଗ୍ରାମ୍ |
| ସୁନ୍ଦରଗଡ଼ | ... | ୪,୫୬,୨୬୯.୮୭ ,, | ୨,୫୪୧.୩୭୬ ଗ୍ରାମ୍ |
| | | ୬୧,୪୨,୫୧୭.୭୭ ,, | ୧,୮୩,୩୫୬.୫୧୦ ଗ୍ରାମ୍ |
| ମୁଖ୍ୟମନ୍ତ୍ରୀ ପାଖଥିବା | ... | ୨୭,୨୩,୧୦୨.୨୦ ,, | ୩,୩୩୫.୮୫୦ ଗ୍ରାମ୍ |
| | | ୮୮,୬୫,୬୧୯.୯୭ ,, | ୧,୮୬,୬୯୨.୩୬୨ ଗ୍ରାମ୍ |

ଯୁଦ୍ଧ ଲାଗିଯାଏ, ଖୁବ ଖରାପ କିଛି ଯେ ଘଟିଯିବ ତାହା ନୁହେଁ—କାରଣ ଯେ କୌଣସିମତେ ମାନବ ଗୋଷ୍ଠୀର ଅଧେ ତ ବଞ୍ଚିଯିବେ ! ସେମାନେ କଣ ଗୋଟାଏ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ନାହିଁ । ୧୯୫୭ରେ ମାଓ-ସେ-ତୁଙ୍ଗ ଗୋଟିଏ ସଭାରେ କହିଥିଲେ, "ଭବିଷ୍ୟତରେ ଯୁଦ୍ଧ ହେଲେ କେତେ ଲୋକ ମରିବେ, କେହି ଅନୁମାନ କରିପାରୁଛ କି ? ସମ୍ଭବତଃ ପୃଥିବୀର ୨୭୦ କୋଟି ଲୋକ ମଧ୍ୟରୁ ଏକ-ତୃତୀୟାଂଶ ଅର୍ଥାତ ୯୦ କୋଟି ମରିଯାଇ ପାରନ୍ତି । ××× ଯଦି ଯୁଦ୍ଧ ଲାଗେ, ତେବେ ପରମାଣୁ ଓ ଉଦ୍‌ଯାନ ବୋମା ନିଶ୍ଚୟ ପଡ଼ିବ । ମୁଁ ତ ଭାବୁଛି ଯେ ସମଗ୍ର ପୃଥିବୀର ଅଧେ ବା ତହିଁରୁ ବେଶି ଲୋକ ଲୋପ ପାଇଯିବେ । ମାନବଜାତିରୁ ଅଧେ ମରିଗଲେ ଯିବା ବାକି ଅଧେ ମରିଯିବେ—କିନ୍ତୁ ସାମ୍ରାଜ୍ୟବାଦ ତ ପୁରାପୁରି ଧ୍ୱଂସ ପାଇଯିବ ଓ ସାରା ସଂସାରରେ କେବଳ ସମାଜବାଦ ରହିଯିବ । ୫୦ ବା ୧୦୦ ବର୍ଷ ମଧ୍ୟରେ ପୁଣି ଏହି ଲୋକସଂଖ୍ୟା ଅଧିକରୁ ଅଧିକ ବଢ଼ିଯିବ ।" ଆଉ ଥରେ ସେ କହିଥିଲେ, "କେବଳ ବନ୍ଧୁକ ସାହାଯ୍ୟରେ ହିଁ ପୃଥିବୀର ପୁନର୍ଗଠନ କରାଯାଇ ପାରିବ । ××"

କିନ୍ତୁ ତଥ୍ୟଟା କଣ ? ଯଦି ଯୁଦ୍ଧ ଲାଗିଯାଏ, ତାହା ପୃଥିବୀବ୍ୟାପୀ ପରମାଣୁ-ଯୁଦ୍ଧରେ ପରିଣତ ହେବ । ବିଜ୍ଞାନୀମାନେ କହୁଛନ୍ତି ଯେ ୧୯୪୫ରେ ହିରୋସିମା ଉପରେ ଯେଉଁ ୨୦ କିଲୋ ଟନ୍ ପରମାଣୁ ବୋମା ପଡ଼ିଥିଲା, ତାହାର ୨୫୦୦ ଗୁଣ ଶକ୍ତିଶାଳୀ ବୋମା ବର୍ତ୍ତମାନ ତିଆରି ହେଲାଣି । ସେଥିରୁ ଗୋଟିଏ ୫୦ ମେଗାଟନ ବୋମାର ପରୀକ୍ଷା ହୋଇସାରିଛି । ହିରୋସିମା ବୋମାର ୫୦୦୦ ଗୁଣ ଶକ୍ତିଶାଳୀ ବିସ୍ଫୋରକ ୧୦୦ ମେଗାଟନ ବୋମା ମଧ୍ୟ ତିଆରି ହେଉଛି । ଏ ପର୍ଯ୍ୟନ୍ତ ଯେଉଁ ସବୁ ପରୀକ୍ଷା ହୋଇଛି, ସେଥିରୁ ଜଣାଯାଇଛି ଯେ ୧୦।୨୦ ମେଗାଟନ ବୋମା ୧୫।୨୦ କିଲୋମିଟର ବ୍ୟାସାର୍ଦ୍ଧ ଅର୍ଥାତ ମୋଟ ୭୦୦-୧୨୦୦ ବର୍ଗ କିଲୋମିଟର ଅଞ୍ଚଳକୁ ପୁରାପୁରି ଧ୍ୱଂସ କରିଦେବ । 'ଆନ୍ତର୍ଜାତିକ ବ୍ୟାପାର' ନାମକ ଗୋଟିଏ ପତ୍ରିକା ଏ ସମ୍ପର୍କରେ ଲେଖିଛି—୫୦ ମେଗାଟନର ଗୋଟିଏ ପରମାଣୁ ବୋମା ୧୫୦୦-୩୦୦୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳର ସମସ୍ତ ଜୀବ ଓ ଘରଦ୍ୱାର ଧ୍ୱଂସ କରିବାକୁ ସମର୍ଥ । ୧୦୦ ମେଗାଟନ ବୋମାର ଧ୍ୱଂସ ପରିସର ୪୦୦୦-୫୦୦୦ ବର୍ଗ କିଲୋମିଟର ।

ଏହି ବୋମାର ଉତ୍ପାଦିତ ଧ୍ୱଂସକାରୀ ଶକ୍ତି କେବଳ ବିସ୍ଫୋରଣ ସ୍ଥାନରେ ଆବଦ୍ଧ ରହି ନ ଥାଏ । ଗୋଟାଏ ୧୦ ମେଗାଟନ ବୋମାରୁ ବିକୀରଣ ହେଉଥିବା ଆଲୋକ ଓ ଉତ୍ତାପ ରଶ୍ମି ଯୋଗୁ ବିସ୍ଫୋରଣ ସ୍ଥଳରୁ ୪୦ କିଲୋମିଟର ଦୂରବର୍ତ୍ତୀ ସ୍ଥାନର ଲୋକ ଓ ଜୀବଜନ୍ତୁଙ୍କ ଦେହ ଫୋଡ଼ ଫୋଟକା ହୋଇଯିବ । ୧୦୦ ମେଗାଟନ ବୋମା ଫୁଟିଲେ ୧୫୦ କିଲୋମିଟର ପର୍ଯ୍ୟନ୍ତ ଏହି ମାରାତ୍ମକ ପ୍ରଭାବ ଦେଖାଯିବ । ଖୁବ ଉଚ୍ଚ ଶକ୍ତିବିଶିଷ୍ଟ ଆଣବିକ ବୋମା ଉଡ଼ିଲେ ପୃଥିବୀପୃଷ୍ଠର କେତେ ରାଜ୍ୟ ଏକାବେଳକେ ନିଶ୍ଚିହ୍ନ ହୋଇଯିବ । ଏହି ବିସ୍ଫୋରଣ ଫଳରେ ଦୃଷ୍ଟିଶକ୍ତି ମଧ୍ୟ ଲୋପ ପାଇବାର ଆଶଙ୍କା ଥାଏ । ଆଣବିକ ବିସ୍ଫୋରଣର କେନ୍ଦ୍ରସ୍ଥଳୀରୁ ୩୦୦ରୁ ୩୫୦ କିଲୋମିଟର ପର୍ଯ୍ୟନ୍ତ ଦୂରରେ ଥାଇ ଯଦି କେହି ସାଧାରଣ ଉଚ୍ଚତାରୁ ନିକ୍ଷିପ୍ତ ବୋମାର ବିସ୍ଫୋରଣ ଦେଖେ, ତେବେ ତା'ର ଚକ୍ଷୁ କଣାନକା ଧାନ୍ଦିଆ ହୋଇଯାଏ । ଯଦି ୫୦ କିଲୋମିଟର ଉଚ୍ଚତାରୁ ବୋମା ବିସ୍ଫୋରଣ ହୁଏ, ତେବେ ୮୦୦ କିଲୋମିଟର ଏବଂ ୧୦୦ କିଲୋମିଟର ଉଚ୍ଚତାରୁ ବିସ୍ଫୋରଣ ହେଲେ ୧୨୦୦ କିଲୋମିଟର ଦୂରତାରେ

ଥିବା ଲୋକଙ୍କ ଜୀବନହାନିରେ ଖା ହୋଇଯିବ । ଗୋଟିଏ ୨୦ ମେଗାଟନ ବୋମା ଓ ୧୦୦ ମେଗାଟନ ବୋମାର ବହିଷ୍କୃତ ଅଂଶ (fallout) ଯଥାକ୍ରମେ ୫୦୦ କିଲୋମିଟର ଓ ୧୨୦୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ ପଡ଼ିପାରେ ।

କେବଳ ତ ଏତିକି ନୁହେଁ । ହିରୋସିମା, ନାଗାସାକିରେ ମାତ୍ର ଗୋଟିଏ ଗୋଟିଏ ବୋମା ପଡ଼ିଥିଲା । ଆଜି ତ ବ୍ୟାପକଭାବରେ ବୋମା ପକାଯିବା ସମ୍ଭବ ହେଲାଣି । ବୋମା ପକାଇବାର ପଦ୍ଧତି ମଧ୍ୟ ଦିନକୁ ଦିନ ଉନ୍ନତ ହେବାରେ ଲାଗିଛି । ଆଜି ପ୍ରକୃତରେ ଯେତେ ବୋମା ମହଜୁଦ ରହିଛି, ତାହାଦ୍ୱାରା ସାରା ପୃଥିବୀର ସବୁ ସ୍ଥଳଭାଗକୁ କ୍ଷତିଗ୍ରସ୍ତ କରାଯାଇପାରେ । ବୈଜ୍ଞାନିକମାନେ ହିସାବ କରି କହିଲେଣି ଯେ ଯଦି ହାରାହାରି ୫୦୦୦ ମେଗାଟନ ଶକ୍ତିର ବୋମା ପକାଯାଏ, ତେବେ କେବଳ ତାର ପାଉଁଶ (Radioactive fallou) ଦ୍ୱାରା ୮୫ ନିୟୁତ ଲୋକ ମରିଯିବେ । ୧୦୦୦୦ ମେଗାଟନ ଦ୍ୱାରା ୧୧୫-୧୩୫ ନିୟୁତ ମରିବେ ।

ଆଜି ଚୀନ-ନେତାମାନେ ଆଣବିକ ପରୀକ୍ଷା ନିଷେଧ ଚୁକ୍ତିକୁ 'ଠକାମି' ବୋଲି କହି ପୃଥିବୀର ଦୁଇ ବୃହତ୍ତମ ଶକ୍ତିଙ୍କ ମଧ୍ୟରେ ସଂଘର୍ଷ ଲଗାଇ ଦେଇ ଏକୁଟିଆ ବଞ୍ଚିରହିବାର ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହା କପର ଅଳୀକ ଏଥିରୁ ଦେଖାଯିବ ।

## ୧୦ । ପରିବାର-ନିୟନ୍ତ୍ରଣ କାର୍ଯ୍ୟରେ ମାନ୍ଦ୍ରାଜ ଓ ମହାରାଷ୍ଟ୍ରର କୃତିତ୍ୱ

ସମଗ୍ର ଦେଶରେ ପରିବାର-ନିୟନ୍ତ୍ରଣ କାର୍ଯ୍ୟରେ କୃତିତ୍ୱ ହାସଲ କରି ମହାରାଷ୍ଟ୍ର ଓ ମାନ୍ଦ୍ରାଜ ରାଜ୍ୟ ପୁରସ୍କାର ପାଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମଗ୍ର ଦେଶରେ ପରିବାର-ଯୋଜନା ସମ୍ପର୍କରେ ପରାମର୍ଶ ଦେବା ପାଇଁ ୯୩୯୦ଟି କେନ୍ଦ୍ର ରହିଛି । ସେଥିରୁ ୬୦୦୦ଟି କେନ୍ଦ୍ର ପଲ୍ଲୀ ଅଞ୍ଚଳରେ ରହିଛି । ୧୯୬୨ ମସିହାରେ ୧,୨୯,୫୧୮ ଜଣଙ୍କୁ କ୍ଲୀବ କରାଯାଇଛି ।



ଭାରତରେ ବ୍ରିଟିଶ ହାଇକମିଶନର ସାର୍ ପଲ୍ ଗୋର ବୁଥ ଗତ ନଭେମ୍ବର ୬ ତାରିଖ
୪ଘଣ୍ଟା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ଅଫିସରେ ସାକ୍ଷାତ୍ କରିଥିଲେ

ଚିତ୍ରରେ—ସାର୍ ପଲ୍ ଗୋର ବୁଥଙ୍କ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ରଙ୍କ ଆଲୋଚନା

---

ଗତ ନଭେମ୍ବର ୩ ତାରିଖରେ ଭୁବନେଶ୍ୱର କଳାମଣ୍ଡପରେ ବ୍ରିଟିଶ ହାଇକମିଶନରଙ୍କୁ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାରକସି କାମର ଗୋଟିଏ ରଥର ନମୁନା ଉପହାର ଦେଉଛନ୍ତି



Vol. XX No. 4 UTKAL PRASANGA Regd. No. 0-30
Licence No. C. R. N. P. 5. Licensed to post without prepayment




# ଓଡ଼ିଶାରେ ରୁଷର ମହାକାଶଚାରୀବର୍ଗ




**ଏ ବର୍ଷର ଶିଶୁ-ଦିବସ ଉପଲକ୍ଷେ ନୂଆ ଡାକ ଟିକଟ**

ନଭେମ୍ବର ୧୪ ତାରିଖରୁ ଶିଶୁ-ଦିବସ ଉପଲକ୍ଷେ ଡାକ ଓ ତାର ବିଭାଗ ଚଳାଇଥିବା ୧୫ ନ. ପ. ମୂଲ୍ୟର ସ୍ୱତନ୍ତ୍ର ଡାକଟିକଟର ପ୍ରତିଲିପି